


ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୦୨ ଜୁନ୍ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 02 JUNE 2021
Vol.No. 32 ■ No. 140 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଏଥର ସ୍ୱାଭାବିକ ରହିବ ମୌସୁମୀ

ଭୁବନେଶ୍ୱର,୦୧/୦୬ (ନି.ପ୍ର): ଚଳିତ ବର୍ଷ ମୌସୁମୀ ବର୍ଷା ସ୍ୱାଭାବିକ ରହିବ। ଉତର-ପଶ୍ଚିମ ଓ ଦକ୍ଷିଣ ଭାଗରେ ମୌସୁମୀ ସ୍ୱାଭାବିକ ରହିବ। ଜୁନ୍ ରୁ ସେପ୍ଟେମ୍ବର ମଧ୍ୟରେ ଚଳିତ ଥର ଦେଶରେ ୯୬ରୁ ୧୦୪ ପ୍ରତିଶତ ବର୍ଷା ହୋଇପାରେ । ଆସନ୍ତା ଦୁଇ ଦିନ ମଧ୍ୟରେ ମୌସୁମୀ କେରଳ ଉପକୂଳରେ ଛୁଇଁବ । ଆଇଏମ୍ ଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର ଏହି ସୂଚନା ଦେଇଛନ୍ତି। ଭାରତୀୟ ପାଣିପାଗ ବିଭାଗର ଆକଳନ ଅନୁଯାୟୀ କେନ୍ଦ୍ରାଂଚଳ ମୁଖ୍ୟତଃ ମଧ୍ୟପ୍ରଦେଶ, ମହାରାଷ୍ଟ୍ରର କିଛି ଅଂଚଳରେ ଅଧିକ ବର୍ଷା ହୋଇପାରେ। ତେବେ ଉତରପୂର୍ବାଂଚଳ ରାଜ୍ୟ ଆସାମ, ଅରୁଣାଚଳପ୍ରଦେଶ ଗୁଡ଼ିକରେ ବର୍ଷାର ପରିମାଣ ସ୍ୱାଭାବିକଠାରୁ କମ୍ ହୋଇପାରେ। ଏବେ ମୌସୁମୀ ଶ୍ରୀଲଙ୍କାରେ ପହଂଚିଛି। କେରଳରେ ପହଂଚିବାର ୧୦ରୁ ୧୨ ଦିନ ପରେ ଓଡ଼ିଶା ମୌସୁମୀ ପହଂଚି ଥାଏ । ତେବେ ସଠିକ୍ ତାରିଖ ସମ୍ପର୍କରେ ଆସନ୍ତା କିଛି ଦିନରେ ଜଣାପଡ଼ିବ। ଜୁନରେ ରାଜ୍ୟରେ ସ୍ୱାଭାବିକ ଓ ତାଠାରୁ ଅଧିକ ବର୍ଷା ହେବା ନେଇ ଆକଳନ ହୋଇଛି। ଜୁଲାଇ ଓ ଅଗଷ୍ଟ ପରିସ୍ଥିତି ଆସନ୍ତା ସମୟରେ ଜଣାପଡ଼ିବ ବୋଲି ସେ କହିଛନ୍ତି।

# ସିବିଏସଇ ଦ୍ୱାଦଶ ପରୀକ୍ଷା ବାତିଲ

## ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ଆମ ପାଇଁ ପ୍ରାଥମିକତା : ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ,୦୧/୦୬ (ନି.ପ୍ର): ସିବିଏସଇ ଦ୍ୱାଦଶ ପରୀକ୍ଷା ବାତିଲ। ଦେଶର କରୋନା ସ୍ଥିତିକୁ ଦେଖି ପରୀକ୍ଷା ବାତିଲ ଘୋଷଣା କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମୀକ୍ଷା ପରେ ଏହି ଘୋଷଣା କରାଯାଇଛି। ପ୍ରଧାନମନ୍ତ୍ରୀ ମୋଦି ମଧ୍ୟ ଏନେଇ ଟ୍ୱିଟ୍ କରିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ପିଲାଙ୍କ ସୁରକ୍ଷା ଓ ସ୍ୱାସ୍ଥ୍ୟ ଗୁରୁତ୍ୱପୂର୍ଣ୍ଣ। ଏନେଇ କୌଣସି ପ୍ରକାର ସାଲିସ କରାଯାଇ ପାରିବ ନାହିଁ। ପିଲା, ଅଭିଭାବକଙ୍କ ମଧ୍ୟରେ ଲାଗି ରହିଥିବା ଦ୍ୱନ୍ଦ୍ୱର ସମାପ୍ତି ଦରକାର। ଏଭଳି ସ୍ଥିତିରେ ପିଲାଙ୍କୁ ପରୀକ୍ଷା ପାଇଁ ବାଧ୍ୟ କରାଯାଇ ପାରିବନାହିଁ। ଆଜି ପରୀକ୍ଷା ନେଇ ସମୀକ୍ଷା କରିଥିଲେ ପ୍ରଧାନମନ୍ତ୍ରୀ। ଏହି ମିଟିଂରେ ବରିଷ୍ଠ ମନ୍ତ୍ରୀ, ସଚିବମାନେ ଉପସ୍ଥିତ ଥିଲେ। ପରୀକ୍ଷା ବାତିଲ କରାଯିବ କି ନାହିଁ, ତା' ଉପରେ ଆଲୋଚନା ହୋଇଥିଲା। ପୂର୍ବରୁ କୋଭିଡ୍ ପାଇଁ ସିବିଏସଇ ୧୦ମ ଶ୍ରେଣୀ ବୋର୍ଡ ପରୀକ୍ଷା ବାତିଲ୍ ହୋଇଛି। ହେଲେ ଦ୍ୱାଦଶ ପରୀକ୍ଷାକୁ ସ୍ଥଗିତ ରଖାଯାଇ ଥିଲା । ଯାହାକୁ ଆଜି ବାତିଲ କରାଯାଇଛି। ଏଠାରେ ସୂଚନା ଯୋଗ୍ୟ ଯେ, ସିବିଏସ୍ଇ ୧୦ମ ଶ୍ରେଣୀ ବୋର୍ଡ ପରୀକ୍ଷା ମେ' ୪ରୁ ଜୁନ୍ ୭ ଏବଂ ଦ୍ୱାଦଶ ଶ୍ରେଣୀର ପରୀକ୍ଷା ମେ' ୪ରୁ ଜୁନ ୧୫ ମଧ୍ୟରେ ହେବ ବୋଲି ପୂର୍ବରୁ ନିଷ୍ପତ୍ତି ନିଆଯାଇଥିଲା। ହେଲେ କରୋନାର ଦ୍ୱିତୀୟ ଲହରୀରେ ଦ୍ରୁତ ସଂକ୍ରମଣକୁ ଦୃଷ୍ଟିରେ ରଖି ଉଭୟ ପରୀକ୍ଷାକୁ ବାତିଲ କରାଯାଇଛି।

## କୋଭିଡରେ ସ୍ୱାମୀଙ୍କୁ ହରାଇଥିବା ମହିଳା, ଅନାଥ ପିଲାଙ୍କ ପାଇଁ ୧୫ ଦିନରେ ପେନ୍‌ସନ୍ ବ୍ୟବସ୍ଥା କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ



ଭୁବନେଶ୍ୱର,୦୧/୦୬ (ନି.ପ୍ର): କୋଭିଡରେ ନିଜ ସ୍ୱାମୀଙ୍କୁ ହରାଇଥିବା ମହିଳା ଏବଂ ବାପା ମାଙ୍କୁ ହରାଇଥିବା ପିଲାମାନଙ୍କୁ ପ୍ରାଥମିକତା ଭିତିରେ ଚିହ୍ନଟ କରିବା ସହିତ ଆଗାମୀ ୨ ସପ୍ତାହ ମଧ୍ୟରେ ମଧୁବାବୁ ପେନ୍‌ସନ୍ ଯୋଜନାରେ ସାମିଲ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି କୋଭିଡ ପରିସ୍ଥିତିକୁ ଦୃଷ୍ଟିରେ ରଖି ସମସ୍ତ ସାମାଜିକ ନିରାପତା ଯୋଜନାର ହିତାଧିକାରୀ ମାନଙ୍କୁ ଆଗୁଆ ୩ ମାସର ପେନ୍‌ସନ ଦେବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହି ପେନ୍‌ସନ ନଗଦ ଟଙ୍କା ଆକାରରେ ହିତାଧିକାରୀଙ୍କ ଗାଁରେ ହିଁ ଦିଆଯିବ । ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ସଂଧ୍ୟାରେ ରାଜ୍ୟରେ କୋଭିଡ ପରିସ୍ଥିତି ସଂପର୍କରେ ସମୀକ୍ଷା କରି ଏହି ନିର୍ଦ୍ଦେଶ ଦେଇଥିଲେ । ଏହା ବ୍ୟତୀତ ଦେଶର ବିଭିନ୍ନ ରାଜ୍ୟରେ ବର୍ତମାନ ବ୍ଲାକ ଫଙ୍ଗସର ରୋଗୀ ବହୁ ସଂଖ୍ୟାରେ ବାହାରୁଥିବାରୁ ମୁଖ୍ୟମନ୍ତ୍ରୀ ଉଦ୍ ବେଗ ପ୍ରକାଶ କରିବା ସହିତ ରାଜ୍ୟରେ ଏହାର ମୁକାବିଲା ପାଇଁ ସଂପୂର୍ଣ୍ଣ ପ୍ରସ୍ତୁତ ରହିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ତାଲିମପ୍ରାପ୍ତ ଡାକ୍ତର ଓ ମେଡିସିନ୍ ମହଜୁଦ ରଖିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ସେହିପରି ରାଜ୍ୟର ମେଡିକାଲ କଲେଜ ସମେତ ସବୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କୋଭିଡ ଓ ନନ୍-କୋଭିଡ ବ୍ଲାକ୍ ଫଙ୍ଗସ ରୋଗୀଙ୍କୁ ଚିହ୍ନଟ କରି ଅଲଗା ଅଲଗା ▶▶ପୃଷ୍ଠା ୭

## ଟିକାର ଗ୍ଲୋବାଲ ଟେଣ୍ଡରକୁ ଲାଗିଲା ଝଟକା

## ଟେଣ୍ଡର ପ୍ରକ୍ରିୟାରେ ସାମିଲ ହେଲେନି ବିଶ୍ୱର ବଡ଼ ବଡ଼ କମ୍ପାନି




ଭୁବନେଶ୍ୱର,୦୧/୦୬ (ନି.ପ୍ର): କିଛି ଦିନ ପୂର୍ବରୁ ଓଡିଶା ସରକାର ବିଦେଶରୁ ଟିକା ଆମଦାନୀ କରିବା ପାଇଁ ଗ୍ଲୋବାଲ ଟେଣ୍ଡର ଡାକିଥିଲେ । ଆଜି ଏ ସଂପର୍କରେ ନବକିଶୋର ଦାସ, କେନ୍ଦ୍ର ସରକାରଙ୍କୁ ଚିଠି ଲେଖିଛନ୍ତି । ଏଥିରେ ସେ ସ୍ପଷ୍ଟ କରିଛନ୍ତି, କିଛି ବୈଧାନିକ ପ୍ରସଙ୍ଗ କାରଣରୁ ଓଡିଶା ସରକାର ବିଦେଶୀ କମ୍ପାନିଙ୍କ ଠାରୁ ଟିକା ହାସଲ କରି ପାରିବେ ନାହିଁ । ଏଥିପାଇଁ ନିଜେ କେନ୍ଦ୍ର ସରକାରଙ୍କୁ ଟିକା କିଣିବାକୁ ପଡିବ । ଏଥିପାଇଁ ବରଂ ରାଜ୍ୟ ସରକାର, ସବୁ ଟଙ୍କା ଦେବାକୁ ପ୍ରସ୍ତୁତ ଅଛନ୍ତି ।ପୂର୍ବରୁ ମଧ୍ୟ ଦିଲ୍ଲୀ ସରକାର କହିଥିଲେ, ରାଜ୍ୟ ଏକୁଟିଆ ଟିକା କିଣିବା ସମ୍ଭବ ନୁହେଁ । କିନ୍ତୁ କେନ୍ଦ୍ର ସରକାର ଏହି ପ୍ରସଙ୍ଗରେ ନୀରବ ଅଛନ୍ତି । କେନ୍ଦ୍ର ସ୍ୱାସ୍ଥମନ୍ତ୍ରୀ ଡକ୍ଟର ହର୍ଷବର୍ଦ୍ଧନଙ୍କୁ ଓଡିଶାର ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ଲେଖିଛନ୍ତି ଚିଠି । ଏହି ଚିଠିର ସାରକଥା ହେଉଛି, ଟିକା ପାଇଁ କରାଯାଇଥିବା ଗ୍ଲୋବାଲ ଟେଣ୍ଡରରୁ କୌଣସି ସୁଫଳ ଏବେ ମିଳିବାର ସମ୍ଭାବନା ନାହିଁ । ତେଣୁ କେନ୍ଦ୍ର ସରକାର ଟିକା କିଣନ୍ତୁ ଏବଂ ରାଜ୍ୟକୁ ଦିଅନ୍ତୁ । ରାଜ୍ୟ ସରକାର କେନ୍ଦ୍ରଠାରୁ ଟିକା କିଣିବା ପାଇଁ ବି ପ୍ରସ୍ତୁତ ଅଛନ୍ତି । ଓଡିଶା ସରକାର କେନ୍ଦ୍ରକୁ ଲେଖିଥିବା ଚିଠିରେ ଅନୁରୋଧ କରିଛନ୍ତି, କେନ୍ଦ୍ର ସରକାର ଟିକା କିଣି ରାଜ୍ୟମାନଙ୍କୁ ଦିଅନ୍ତୁ । କାରଣ- ବୈଧାନିକ ଆବଶ୍ୟକତା ଦୃଷ୍ଟିକୋଣରୁ ରାଜ୍ୟମାନେ ବିଦେଶୀ କମ୍ପାନୀଙ୍କଠାରୁ ▶▶ପୃଷ୍ଠା ୭

## ୨୭୦ ବେଡ୍ ବିଶିଷ୍ଟ ବୃହତ କୋଭିଡ୍ ସେଣ୍ଟରର ଲୋକାର୍ପଣ କଲେ କେନ୍ଦ୍ରମନ୍ତ୍ରୀ



ଭୁବନେଶ୍ୱର/ଅନୁଗୁଳ,୦୧/୦୬ (ନି.ପ୍ର): ଅନୁଗୁଳ ଜିଲ୍ଲାରେ ସ୍ୱାସ୍ଥ୍ୟ ଭିତିଭୂମିର ଅଭାବ ରହିବ ନାହିଁ। ମହାମାରୀ କୋଭିଡ-୧୯ର ଆହ୍ୱାନକୁ ସାମ୍ନା କରିବା ତଥା ଜିଲ୍ଲାରେ ସ୍ୱାସ୍ଥ୍ୟ ଭିତିଭୂମିକୁ ଆହୁରି ସୁଦୃଢ କରିବା ପାଇଁ ଓଡିଶାର କର୍ପୋରେଟ ଅନୁଷ୍ଠାନ ଗୁଡ଼ିକ ଉଦ୍ୟମ ଜାରୀ ରଖିଛନ୍ତି ବୋଲି ମଙ୍ଗଳବାର ଅନୁଗୁଳ ଜିଲ୍ଲାର ଜିନ୍ଦଲ ଷ୍ଟିଲ୍ ଏବଂ ପାୱାର ପ୍ଲାଂଟ୍(ଜେଏସପିଏଲ) କ୍ୟାମ୍ପସ ପରିସରରେ ଅକ୍ସିଜେନ ସଂଯୁକ୍ତ ୨୭୦ଟି ବେଡ୍ ବିଶିଷ୍ଟ କୋଭିଡ୍ କେୟାର ସେଂଟରକୁ ଲୋକାର୍ପଣ କରିବା ଅବସରରେ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଉଲ୍ଲେଖନୀୟ ଯେ, ଆଜି ଅନୁଗୁଳ ଜିଲ୍ଲା ଗସ୍ତରେ ଥିବା କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ବଳରାମ ପ୍ରସାଦ ସ୍ଥିତ ଇଏସଆଇ ହସ୍ପିଟାଲରେ ନାଲକୋ ସହଯୋଗରେ ନିର୍ମିତ କୋଭିଡ୍ ହସ୍ପିଟାଲ ଏବଂ ତାଳଚେର ସ୍ଥିତ ଏମସିଏଲରର କୋଭିଡ୍ ହସ୍ପିଟାଲ ପରିଦର୍ଶନ କରି ସ୍ଥିତି ଦେଖିଥିଲେ। ଏହାସହ ପିପିଇ କିଟ୍ ପିନ୍ଧି କୋଭିଡ୍ ହସ୍ପିଟାଲରେ ଡାକ୍ତର, ସ୍ୱାସ୍ଥ୍ୟ କର୍ମୀ ଓ କର୍ମଚାରୀଙ୍କ ସହ କଥା ହୋଇ କୋଭିଡ ସଂକ୍ରମିତଙ୍କ ଚିକିତ୍ସା ସମ୍ପର୍କରେ ପଚାରି ବୁଝିଥିଲେ । କୋଭିଡ୍ କେୟାର ସେଂଟରର ଲୋକାର୍ପଣ କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ ଉଦବୋଧନ ଦେଇଛନ୍ତି ଯେ ଅନୁଗୁଳ ଜିଲ୍ଲାରେ ବଢୁଥିବା କୋଭିଡ୍ ▶▶ପୃଷ୍ଠା ୭

## ରାଜ୍ୟରେ ଗତ ୨୪ ଘଂଟାରେ କରୋନାରେ ୩୭ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର,୦୧/୦୬ (ନି.ପ୍ର): ରାଜ୍ୟରେ ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ କରୋନାରେ ୩୩ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୨୭୯୧ ହୋଇ ଯାଇଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଆଜି ଅନୁଗୁଳରୁ ସର୍ବାଧିକ କରୋନା ରୋଗୀ ମୃତ୍ୟୁବରଣ କରିଛନ୍ତି । କଟକ ଓ କଳାହାଣ୍ଡିରୁ ୪ ଲେଖାଏଁ. ଝାରସୁଗୁଡ଼ା, ଖୋର୍ଦ୍ଧା, ନବରଙ୍ଗପୁର, ସୁନ୍ଦରଗଡ଼ରୁ ୩ ଲେଖାଏଁ ମୃତ୍ୟୁବରଣ କରିଥିବାବେଳେ କେନ୍ଦ୍ରାପଡ଼ା, ନୂଆପଡ଼ା, ରାୟଗଡ଼ା, ସୁବର୍ଣ୍ଣପୁରରୁ ୨ ଜଣ ଲେଖାଏଁ ଆକ୍ରାନ୍ତ ମୃତ୍ୟୁ ମୁଖରେ ପଡ଼ିଛନ୍ତି। ଅନ୍ୟପକ୍ଷେ ବଲାଙ୍ଗିର, ଗଜପତି, ଗଞ୍ଜାମ, କୋରାପୁଟରୁ ଜଣେ ଲେଖାଏଁ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି।

## ରାଜଧାନୀରେ ଚାଲିଥିଲା ନକଲି ଟିଭି କାରବାର, ୪ ଗିରଫ

ଭୁବନେଶ୍ୱର,୦୧/୦୬ (ନି.ପ୍ର): ରାଜଧାନୀ ଭୁବନେଶ୍ୱରରେ ଧରାପଡିଛି ନକଲି ଟିଭି ର୍‌ୟାକେଟ୍। କମିଶନରେଟ୍ ପୋଲିସ୍ ଏହି ର୍‌ୟାକେଟ୍ ରୁ ପର୍ଦ୍ଦାଫାଶ କରି ୧୫୦ରୁ ଅଧିକ ନକଲି ଟିଭି ଜବତ କରିଥିବା ବେଳେ ୪ ଜଣଙ୍କୁ ଗିରଫ କରିଛି। ଭୁବନେଶ୍ୱର ଡିସିପି ଉମାଶଙ୍କର ଦାଶ କହିଛନ୍ତି ଯେ ଗୁଇନ୍ଦା ସୂଚନା ମିଳିବା ପରେ ରାଜଧାନୀର ଲକ୍ଷ୍ମୀସାଗର, ବଡ଼ଗଡ଼, ଏୟାରପୋର୍ଟ ଓ ମଂଚେଶ୍ୱର ଅଂଚଳରେ ଚଢ଼ାଉ ବେଳେ ଦେଢ଼ ଶହରୁ ଅଧିକ ନକଲି ଟିଭି ଜବତ କରାଯାଇଛି। ଏକ ନିର୍ଦ୍ଦିଷ୍ଟ ବ୍ରାଣ୍ଡେଡ କଂପାନୀର ଲୋଗୋ ଲଗାଇ ଅଭିଯୁକ୍ତମାନେ ଟିଭି ଗୁଡ଼ିକୁ ବିକ୍ରି କରୁଥିଲେ। ଅରିଜିନାଲ ଟିଭିର ଦାମ୍ ଠାରୁ ପ୍ରାୟ ଅଧା ଦାମ୍‌ରେ ସେମାନେ ଏହି ଟିଭି ଗୁଡ଼ିକୁ ବିକ୍ରି କରୁଥିଲେ। ଟିଭି ଗୁଡ଼ିକ ସିଧାସଳଖ ପାରାଦୀପ ବନ୍ଦରରୁ ଆସୁଥିବାରୁ ଟ୍ୟାକ୍ସ ପଡୁନଥିବା ସେମାନେ ଗ୍ରାହକମାନଙ୍କୁ କହୁଥିଲେ। ତେବେ ସେମାନେ କେତେ ଦିନ ହେଲାଣି ଏ ବ୍ୟବସାୟରେ ଲିପ୍ତ ଥିଲେ ଓ କେତେ ଟିଭି ବିକ୍ରି କରିଛନ୍ତି, ତାହା ତଦନ୍ତ ପରେ ଜଣାପଡ଼ିବ। ସେ ଆହୁରି କହିଛନ୍ତି, ଅଭିଯୁକ୍ତମାନେ କୋଲକାତାରୁ ଏହି ଟିଭି ଗୁଡ଼ିକୁ ଆଣି ଏଠାରେ ଏକ ଦାମୀ ବ୍ରାଣ୍ଡର ଲୋଗୋ ଆଦି ଲଗାଇ ବିକ୍ରି କରୁଥିଲେ। ଯେଉଁ ବ୍ରାଣ୍ଡର ନକଲି ଟିଭି ସେମାନେ ବିକ୍ରି କରୁଥିଲେ ସେହି ବ୍ରାଣ୍ଡର ଇଞ୍ଜିନିୟରମାନଙ୍କୁ ଡକାଯାଇଥିଲା। ଯାଂଚ ପରେ ଜବତ ଟିଭି ଗୁଡ଼ିକ ସେମାନଙ୍କ କମ୍ପାନୀର ନୁହେଁ ବୋଲି ସେମାନେ ସ୍ପଷ୍ଟ କରିଥିଲେ।

## ଆସନ୍ତା ୨୪ ଘଣ୍ଟା ମଧ୍ୟରେ ୨୧ଟି ଜିଲ୍ଲାରେ କାଳବୈଶାଖୀ ବର୍ଷା ସମ୍ଭାବନା



ଭୁବନେଶ୍ୱର,୦୧/୦୬(ନି.ପ୍ର): ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଦକ୍ଷିଣ ଆଭ୍ୟନ୍ତରୀଣ ଓଡିଶା, ଗଜପତି ଜିଲ୍ଲା ତଥା ଉତ୍ତର ଆଭ୍ୟନ୍ତରୀଣ ଓଡିଶାର ଜିଲ୍ଲା ଉପରେ କିଛି ସ୍ଥାନରେ ଏବଂ ଓଡିଶାର ବାକି ଜିଲ୍ଲାମାନଙ୍କରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ହାଲୁକାରୁ ମଧ୍ୟମ ବର୍ଷା କିମ୍ବା ବଜ୍ରପାତ ହେବାର ସମ୍ଭାବନା ରହିଛି ବୋଲି ଆଜି ଅପରାହ୍ନରେ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜାରି ଏକ ସତର୍କ ସୂଚନାରେ କୁହାଯାଇଛି । ଏଥିସହ କାଳବୈଶାଖୀ ଭୟ ରହିଥିବା ଏହି ସବୁ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ଜାରି ସତର୍କ ସୂଚନା ▶▶ପୃଷ୍ଠା ୭


## କରୋନାରେ ଦେଶରେ ଗତ ୨୪ ଘଂଟାରେ ୧,୨୭,୫୧୦ ନୂଆ ମାମଲା

ନୂଆଦିଲ୍ଲୀ,୦୧/୦୬ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧ୍ୟରେ ୧,୨୭,୫୧୦ ଟି ନୂଆ କରୋନା ମାମଲା ସାମନାକୁ ଆସିଛି । ଏହି ସମୟ ମଧ୍ୟରେ ମୋଟ ୨,୭୯୫ ଜଣ କରୋନା ରୋଗୀ ପ୍ରାଣ ହରାଇଛନ୍ତି । ଏହା ସହିତ ଦେଶରେ କୋରୋନା ଆକ୍ରାନ୍ତଙ୍କ ସଂଖ୍ୟା ୨,୮୧,୭୫,୦୪୪ ପହଂଚିଛି । ଆଜି ସକାଳେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ସକ୍ରିୟ ରୋଗୀଙ୍କ ସଂଖ୍ୟା ୧୮,୯୫,୫୨୦ ଥିବା ବେଳେ ବର୍ତମାନ ସୁଦ୍ଧା ୩,୩୧,୮୯୫ ଜଣ ମୃତ୍ୟୁ ବରଣ କରିଛନ୍ତି ।

## ଜିମ୍‌ରୁ ଝୁଲନ୍ତା ମୃତଦେହ ଉଦ୍ଧାର

ଭୁବନେଶ୍ୱର,୦୧/୦୬ (ନି.ପ୍ର): ଭୁବନେଶ୍ୱର କଳ୍ପନା ଛକ ନିକଟରେ ଥିବା ଏକ ଜିମ୍ ଭିତରୁ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ମୃତକ ଜଣକ ହେଲେ ରଂଜିତ ନାୟକ। ରଂଜିତଙ୍କ ଘର ୬ ନମ୍ବରରେ ହୋଇଥିବା ବେଳେ ସେ ଉକ୍ତ ଜିମ୍ ରେ ସିକ୍ୟୁରିଟି ଗାର୍ଡ ଭାବେ କାର୍ଯ୍ୟ କରୁଥିଲେ। ମୃତ୍ୟୁ ପଛର କାରଣ ଏପର୍ଯ୍ୟନ୍ତ ▶▶ପୃଷ୍ଠା ୭

## ଗୋଟିଏ ଦିନରେ ୮୭୩୫ କରୋନା ଆକ୍ରାନ୍ତ ଚିହ୍ନଟ



ଭୁବନେଶ୍ୱର,୦୧/୦୬ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୮୭୩୫ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୭୭୩୭୩୨ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୬୮୦୯୩୨ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୮୯୯୫୬ ରହିଛି । ଆଜି ଚିହ୍ନଟ ହୋଇଥିବା ୮୭୩୫ ଜଣଙ୍କ ମଧ୍ୟରୁ ୪୮୯୨ ଜଣ ସଂଗରୋଧରୁ ହୋଇଥିବା ବେଳେ ୩୮୪୩ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି। ▶▶ପୃଷ୍ଠା ୭

## ୯୩୪୬ ଜଣ ପିଲାଙ୍କୁ ବେସାହାରା କରିଦେଇଛି ମହାମାରୀ କରୋନା ଭାଇରସ



ନୂଆଦିଲ୍ଲୀ,୦୧/୦୬ (ନି.ପ୍ର): ମହାମାରୀ କରୋନା କାହାକୁ ଅନାଥ କରିଦେଇଛି ତ କାହାକୁ ସ୍ୱାମୀ କିମ୍ବା ସ୍ତ୍ରୀ ଛେଉଣ୍ଡ କରିଦେଇଛି। ଛୋଟ ପିଲାମାନେ କରୋନାର ଭୟାବହତା ଯୋଗୁ ସର୍ବାଧିକ ପ୍ରଭାବିତ ହୋଇଛନ୍ତି। ସରକାରୀ ତଥ୍ୟ ଅନୁଯାୟୀ ୯,୩୪୬ ଜଣ ପିଲାଙ୍କୁ କରୋନା ମହାମାରୀ ସବୁଦିନ ପାଇଁ ବେସାହାର କରିଦେଇଛି। ଏମାନଙ୍କ ମଧ୍ୟରୁ କିଛି ଜଣ ସେମାନଙ୍କର ଉଭୟ ବାପା ମା'ଙ୍କୁ ହରାଇଥିବା ବେଳେ ଆଉ କିଛି ପିଲା ବାପା କିମ୍ବା ମା'ଙ୍କୁ ହରାଇଛନ୍ତି। ଜାତୀୟ ଶିଶୁ ଅଧିକାର ସୁରକ୍ଷା କମିଶନ(ଏନସିପିସିଆର) ପକ୍ଷରୁ ମଙ୍ଗଳବାର ସୁପ୍ରିମକୋର୍ଟରେ ଦାଖଲ ହୋଇଥିବା ସତ୍ୟପାଠରୁ ଏଭଳି ତଥ୍ୟ ସାମ୍ନାକୁ ଆସିଛି। ଏଥିସହ ଏନସିପିସିଆର କହିଛି ଯେ ଅନାଥ କିମ୍ବା ବାପା ମା'ଙ୍କ ମଧ୍ୟରୁ ଜଣଙ୍କୁ ହରାଇଥିବା ପିଲାମାନଙ୍କ କଥା ବୁଝିବାକୁ ୬ ଥାକିଆ ଯୋଜନା ମଧ୍ୟ ପ୍ରସ୍ତୁତ କରାଯାଇଛି। ସତ୍ୟପାଠରେ ଥିବା ସୂଚନା ଅନୁଯାୟୀ, ନୂଆ କରି ତିଆରି ହୋଇଥିବା ବାଲ ସ୍ୱରାଜ ପୋର୍ଟାଲରେ ୯୩୪୬ ଜଣ ପିଲାଙ୍କ ତଥ୍ୟ ଅପଲୋଡ କରାଯାଇଛି। ଏମାନଙ୍କ ମଧ୍ୟରୁ ୧୭୪୨ ଜଣ ପିଲା ସେମାନଙ୍କର ଉଭୟ ବାପା ମା'ଙ୍କୁ ହରାଇଛନ୍ତି। ସେହିପରି ୭୪୬୪ ଜଣ ବାପା କିମ୍ବା ମା'ଙ୍କୁ ହରାଇଛନ୍ତି। ୧୪୦ ଜଣ ମାର୍ଚ୍ଚ ୨୦୨୦ରୁ ୨୦୨୧ ମେ' ୨୯ ମଧ୍ୟରେ ସଂପୂର୍ଣ୍ଣ ଏକାକୀ ହୋଇଯାଇଛନ୍ତି। ▶▶ପୃଷ୍ଠା ୭

# ସାହିତ୍ୟିକ ପ୍ରଫେସର ଚଣ୍ଡୀଚରଣ କରଙ୍କ ବିୟୋଗରେ ‘ରାଧାନାଥ ସାହିତ୍ୟ ପରିଷଦ’ ପକ୍ଷରୁ ଶ୍ରଦ୍ଧାଞ୍ଜଳି

ବାଲେଶ୍ୱର,୧/୬ (ନି.ପ୍ର): ‘ରାଧାନାଥ ସାହିତ୍ୟ ପରିଷଦ’ର ଆଜୀବନ ସଦସ୍ୟ ଓ ପରାମର୍ଶଦାତା ପ୍ରଫେସର ୰ଚଣ୍ଡୀଚରଣ କରଙ୍କ ୮୦ବର୍ଷରେ ବିୟୋଗରେ ଏକ ଶୋକସଭା ଶ୍ରୀରାମଚନ୍ଦ୍ର ଟୋଲ୍‌ରେ ପରିଷଦର ସଭାପତି ତଥା ‘ରେବତୀ’ ପତ୍ରିକାର ସଂପାଦିକା ସୁବାସିନୀ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସଭା ଆରମ୍ଭରେ ତାଙ୍କ ଆତ୍ମାର ସଦ୍‌ଗତି ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା। ୰ କର ପରିଷଦର ରାଧାନାଥଙ୍କ ଜୟନ୍ତୀରେ ଅତିଥି ହେବା ସାଙ୍ଗକୁ ତାକୁ ଶ୍ରେଷ୍ଠ ସାରସ୍ୱତ ସାଧକ ଭାବେ ୨୦୧୭ ମସିହାରେ ସମ୍ବର୍ଦ୍ଧିତ କରାଯାଇଥିଲା। ୰ କର ଶ୍ରୀରାମଚନ୍ଦ୍ର ଟୋଲ୍‌ରେ ୧୯୬୨ରେ ଇଂରାଜୀ ଶିକ୍ଷକ ଭାବେ ବୃତ୍ତିଗତ ଜୀବନ ଆରମ୍ଭ କରି ପଣ୍ଡିତ ରମାନାଥ ମିଶ୍ରଙ୍କଠାରୁ ସଂସ୍କୃତ ଶାସ୍ତ୍ରରେ ଜ୍ଞାନର୍ଜନ ସହ ୰ ଗୋବିନ୍ଦ ପଣ୍ଡିତଙ୍କ ଠାରୁ ଆର୍ଥିକ ସାହାଯ୍ୟ ପାଇ ଉତ୍କଳ ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର ଶିକ୍ଷା ଲାଭ କରିପାରିଥିବାରୁ କୃତଜ୍ଞ ଥିଲେ। ପ୍ରଚଣ୍ଡ ବାଗ୍ମୀ ପୁରୁଷ ଭାବେ ଚଣ୍ଡୀ ନାମକୁ ସାର୍ଥକ କରିବା ସହ ଜଣେ ଧୁରୀଣ ପ୍ରଫେସର ଆତ୍ମଜୀବନୀ ‘ଗୋଟିଏ ଜୀବନ ଅନେକ ମୁହଁ’ ନିର୍ବାଚିତ ସାଂପ୍ରତିକ ବଙ୍ଗଳା ଗଳ୍ପ, ଭିନ୍ନ କିଛି କଥୋପକଥନ, ଭାଗବତ କଥା ଆଦିର ଲେଖକ ଭାବେ ସମସ୍ତଙ୍କର ବନ୍ଦନୀୟ ଓ ପୂଜନୀୟ ହୋଇପାରିଥିଲେ। ତାଙ୍କ ବିୟୋଗରେ ପରିଷଦ ତଥା ସାରସ୍ୱତ ଜଗତରେ ଏକ ଶୂନ୍ୟସ୍ଥାନ ସୃଷ୍ଟି ହେଲା ବୋଲି ବକ୍ତାମାନେ ବକ୍ତବ୍ୟ ରଖିଥିଲେ। ଟୋଲ୍‌ର ସଂସ୍କୃତ ଡ୍ରାମାପାର୍ଟି ପୁରୀ ସଂସ୍କୃତ କଲେଜରେ ସଂସ୍କୃତ ନାଟକ ‘ଚାଣକ୍ୟ ବିଜୟମ୍’ ରମାନାଥ ପଣ୍ଡିତଙ୍କ ନିର୍ଦ୍ଦେଶନାରେ ପରିବେଷଣ ବେଳେ କଳାକାର ଭାବେ ସେ ଉପସ୍ଥିତ ଥିଲେ। ସେଠି ଭାରତର ପୂର୍ବତନ ରାଷ୍ଟ୍ରପତି ରାଜେନ୍ଦ୍ରପ୍ରସାଦ ଓ ମହତାବଙ୍କ କ୍ୟାବିନେଟ୍ ଉପସ୍ଥିତ ଥିଲେ। ରମାନାଥ ପଣ୍ଡିତଙ୍କ ଚାଣକ୍ୟ ଅଭିନୟ ଦେଖି ରାଷ୍ଟ୍ରପତି କୁଣ୍ଢାଇ ପକାଇ ତାଙ୍କୁ ପ୍ରଶଂସା କରିବା ସହ କପ୍ ପ୍ରାଇଜ ଦେଇଥିଲେ। ସେ ବେଳର ଘଟଣା ଦେଖି ତାଙ୍କ ଲୋମ ଟାଙ୍କୁରୀ ଉଠଇଥିଲା। ମହତାବ ପଣ୍ଡିତଙ୍କ ସେହି ଡ୍ରାମା ବହି ଛାପାଇଥିଲେ ଓ ଉପଶାସ୍ତ୍ରୀ ସିଲାବସ୍‌ରେ ଚାଲୁଥିଲା। ୰ କର ରମାନାଥ ପଣ୍ଡିତଙ୍କୁ ଆଧୁନିକ ଯୁଗର ଶ୍ରେଷ୍ଠ ସଂସ୍କୃତ ନାଟ୍ୟକାର ଭାବେ ସମୀକ୍ଷା କରିଛନ୍ତି। ବଙ୍ଗଳା, ଓଡ଼ିଆ, ସଂସ୍କୃତ ଓ ଇଂରାଜୀ ସାହିତ୍ୟରେ ମଧ ଭଗୀର ପ୍ରବେଶ ଥିଲା। ଜଣେ ବାଗ୍ମୀ, ଛାତ୍ରବତ୍ସଳ ଅଧ୍ୟାପକ ଭାବେ ସାରା ଜିଲ୍ଲାରେ ଥିଲେ ସୁବିଦିତ। ତାଙ୍କଭଳି ପ୍ରତିଭାବନ ତଥା ପ୍ରଜ୍ଞା ପୁରୁଷ ବାଲେଶ୍ୱର ମାଟି ପାଇଁ ବିରଳ। ଏହି ସଭାରେ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ କବି କାଳିପଦ ପଣ୍ଡା, ଉପସଭାପତି ମନସ୍ୱିନୀ ଦେବୀ, ସଂପାଦକ କମଳାକାନ୍ତ ଦାଶ, ଯୁଗ୍ମ ସଂପାଦକ ସଂଜୟ କୁମାର ପଣ୍ଡା, ନୃସିଂହ ନାୟକ, ଭାସ୍କର ଚନ୍ଦ୍ର ମିଶ୍ର, ରମେଶ ଚନ୍ଦ୍ର ପ୍ରଧାନ ଓ ପରମାନନ୍ଦ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ସାମ୍ବାଦିକଙ୍କୁ ଆକ୍ରମଣ ଘଟଣାରେ ପ୍ରତିକ୍ରିୟା ପ୍ରକାଶ କଲେ କାର୍ଯ୍ୟରତ ସାମ୍ବାଦିକ

କନ୍ଧମାଳ ,୧/୬ (ନି.ପ୍ର): କନ୍ଧମାଳ ଜିଲ୍ଲା ସମେତ ବିଭିନ୍ନ ସ୍ଥାନରେ ଗଣମାଧ୍ୟମ ପ୍ରତିନିଧିଙ୍କ ଉପରେ ହେଉଥିବା ଆକ୍ରମଣ ଘଟଣାକୁ ନେଇ ଉଦବେଗ ପ୍ରକାଶ କରିଛନ୍ତି ଜିଲ୍ଲାର ସମସ୍ତ କାର୍ଯ୍ୟରତ ବ୍ଲକ ସାମ୍ବାଦିକ। କୋଭିଡ ମହାମାରୀ ସମେତ ଅନେକ ସାମାଜିକ ଉନ୍ନୟନମୁଳକ କାର୍ଯ୍ୟରେ ଗଣମାଧ୍ୟମ ପ୍ରତିନିଧି ଆଗ ଧାଡିରେ ରହି କାର୍ଯ୍ୟ କରୁଛନ୍ତି।ଏପରିକି ସରକାରଙ୍କ ସମସ୍ତ ଯୋଜନାକୁ ଲୋକଲୋଚନକୁ ଆଣିବା କୋଣ ଅନୁକୋଣରେ ଏହି ଯୋଜନାରୁ ବଂଚିତ ଥିବା ପରିବାରକୁ ସେହି ଯୋଜନାରେ ଅନ୍ତର୍ଭୁକ୍ତ କରିବାପାଇ ସରକାରଙ୍କୁ ଚେତେଇବା ସହିତ ପୋଲିସ ପ୍ରଶାସନ ତରଫରୁ କରାଯାଉଥିବା ସମସ୍ତ କାର୍ଯ୍ୟକ୍ରମକୁ ଯଥା ମାଓବାଦୀ ଗୁଳିବିନିମୟ,ଗଞ୍ଜେଇ ଚୋରାଚାଲାଣ ଧରାପଡିଲେ ପୋଲିସ ଅଧିକାରୀଙ୍କ କାର୍ଯ୍ୟଦକ୍ଷତାକୁ ନେଇ ଖବର ପ୍ରକାଶ କରିବା କୋଭିଡ କଟକାଣା ବେଳେ ସହଯୋଗ କରିବା ଗଣମାଧ୍ୟମ ପ୍ରତିନିଧିର ପ୍ରମୁଖ ଭୁମିକା ରହିଛି ଏବଂ ରହିବ ମଧ ହେଲେବି ଗଣମାଧ୍ୟମ ପ୍ରତିନିକଧି ପ୍ରତି ପୋଲିସ ପ୍ରଶାସନର ଏପରି ଖରାପ ବ୍ୟବହାର ପ୍ରଦର୍ଶନ ଏବଂ ଗଣମାଧ୍ୟମ ପ୍ରତିନିଧିକୁ ଆକ୍ରମଣ ହେଲେ ପୋଲିସ ପ୍ରଶାସନ ଚୁପ ରହି କେବଳ ତଦନ୍ତ କରିବାର ବାହାନା କରିବା ଅତ୍ୟନ୍ତ ନିନ୍ଦନୀୟ ବୋଲି ବରିଷ୍ଠ ସାମ୍ବାଦିକମାନେ ପ୍ରକାଶ କରିଛନ୍ତି। ଯେଉଁଥିପାଇଁ ଗଣମାଧ୍ୟମ ପ୍ରତିନିଧି ଆଜି ଅବହେଳିତ ବୋଲି ସମ୍ବାଦିକ ମାନେ ଦାବି କରିଛନ୍ତି। ଏଥି ସହିତ ଦେଶରେ ବିକାଶ କ୍ଷେତ୍ରରେ ଗଣମାଧମର ପ୍ରତିନିଧି ମୁଖ୍ୟ ଭୁମିକା ଗ୍ରହଣ କରିଥାନ୍ତି। ହେଲେ ଆଜି ଗଣମାଧମ ସମସ୍ତ ସରକାରୀ ସୁବିଧା ପାଇବାରୁ ବଂଚିତ ବୋଲି ସାମ୍ବାଦିକ ଅରୁଣ ଷଡ଼ଙ୍ଗୀ କହିଛନ୍ତି। କନ୍ଧମାଳ ଜିଲ୍ଲାରେ ଗଣମାଧମ ପ୍ରତିନିଧିଙ୍କ ଉପରେ ସରକାରୀ କର୍ମଚାରୀ କିମ୍ବା ମାଫିଆ ଦ୍ୱାରା ଆକ୍ରମଣ ହେଉଛି। ଯଥା ବିଗତ ଦିନର ରାଇକିଆ ସାମ୍ବାଦିକଙ୍କ ଉପରେ ଆକ୍ରମଣ,ଚକାପାଦର ପସରା ଠାରେ ହୋଇଥିବା ସାମ୍ବାଦିକଙ୍କ ଉପରେ ଆକ୍ରମଣ ଘଟଣାକୁନେଇ ଘୁ.ଉଦୟଗିରି ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଏବଂ କନ୍ଧମାଳ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଅବଗତ କରାଯାଇଛି କିନ୍ତୁ ଆଜି ପର୍ଯ୍ୟନ୍ତ କନ୍ଧମାଳ ପ୍ରଶାସନର କାର୍ଯ୍ୟାନୁଷ୍ଠାନ ତଦନ୍ତରେ ହିଁ ସିମିତ ରହିଯାଇଛି। ଯାହାପାଇଁ ଦିନକୁ ଦିନ କନ୍ଧମାଳ ଜିଲ୍ଲାରେ ଗଣମାଧମ ପ୍ରତିନିଧିଙ୍କ ଉପରେ ହେଉଥିବା ଆକ୍ରମଣ ବଢ଼ିବାରେ ଲାଗିଛି। ଯାହାକି ଅତ୍ୟନ୍ତ ଚିନ୍ତାଜନକ ବିଷୟ ବୋଲି ସାମ୍ବାଦିକ ଗଗନ ପ୍ରଧାନ ମତବ୍ୟକ୍ତ କରିବା ସହ ସାମ୍ବାଦିକଙ୍କୁ ଉପରେ ହେଉଥିବା ଆକ୍ରମଣ ଘଟଣାକୁ ତିବ୍ର ନିନ୍ଦା କରିଛନ୍ତି। ଆଜି ପର୍ଯ୍ୟନ୍ତ ବହୁ ଗଣମାଧମ ପ୍ରତିନିଧି କୋଭିଡ ଟିକା ଏବଂ ସ୍ୱାସ୍ଥ୍ୟବୀମା ଯୋଜନା ପାଇପାରିନାହାନ୍ତି। ପ୍ରଶାସନ ଏଥି ପ୍ରତି ଦୃଷ୍ଟି ଦେବା ପାଇଁ ଦାବୀପତ୍ରରେ ଉଲ୍ଲେଖ ଅଛି। ଏହାକୁ ନେଇ ଘୁ.ଉଦୟଗିରିର କାର୍ଯ୍ୟରତ ସାମ୍ବାଦିକଙ୍କ ତରଫରୁ ଘୁ.ଉଦୟଗିରି ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ ପ୍ରଧାନଙ୍କ ଜରିଆରେ ଜିଲ୍ଲାପାଳଙ୍କୁ ଦାବୀପତ୍ର ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ପତିତପାବନ ସାହୁ ସାମ୍ବାଦିକ ଅରୁଣ ଷଡ଼ଙ୍ଗୀ,ଗଗନ ପ୍ରଧାନ,ବଟକୃଷ୍ଣ ଦାସ,ବିଦ୍ୟାଧର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଫୁଲବାଣୀ ବ୍ଲକର କାର୍ଯ୍ୟରତ ଗଣମାଧମ ପତିନିଧିଙ୍କ ଦ୍ୱାରା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଜରିଆରେ ଜିଲ୍ଲାପାଳଙ୍କୁ ଦାବୀପତ୍ର ପ୍ରଦାନ କରାଯାଇଛି।ଏଥିରେ ପ୍ରଶାନ୍ତ କୁମାର ଜେନା,ରମେଶ ଚନ୍ଦ୍ର ପ୍ରଧାନ,ଦୁଃଖି ଶ୍ୟାମ ପ୍ରଧାନ,କାହ୍ନୁ ପଟ୍ଟନାୟକ, ବିଶ୍ୱରଞ୍ଜନ ସାମନ୍ତରାୟ,ବିଶ୍ୱନାଥ କହଁର ପ୍ରମୁଖ ଉପସ୍ଥିତ ଥିଲେ।

## ପୂର୍ବତନ ସମିତି ସଭ୍ୟଙ୍କ ପିତୃ ବିୟୋଗ

କୋରାଇ,୧/୬ (ନି.ପ୍ର): କୋରାଇ ବ୍ଲକ ଅନ୍ତର୍ଗତ କରଦା ପଂଚାୟତର ରାଣିଗୋଡା ଗ୍ରାମର ବାବାଜୀ ସେଠୀ (୮୮)ଙ୍କର ଆଜି ମଧାହ୍ନରେ ପରଲୋକ ଘଟିଛି। ବାର୍ଦ୍ଧ୍ୟକ ଜନିତ ରୋଗରେ ସେ ପିଡିତ ଥିଲେ। ୰ ସେଠୀ କରଦା ପଂଚାୟତର ପୂର୍ବତନ ସମିତିସଭ୍ୟ ଦୋଳ ଗୋବିନ୍ଦ ସେଠୀଙ୍କ ବାପା ଅଟନ୍ତି। ତାଙ୍କ ମୃତ୍ୟୁ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳାଇ ଦେଇଛି। ତାର ମରଶରୀରକୁ ଗାଁ ଶସ୍ମାନରେ ଶୋକାକୁଳ ପରିବେଷରେ କରୋନା କଟକଣା ମଧ୍ୟରେ ତାଙ୍କର ଶବ ସତ୍କାର କରାଯାଇଥିଲା। ବିଭିନ୍ନ ରାଜନୈତିକ ନେତୃବୃନ୍ଦ, ବୁଦ୍ଧିଜିବୀ, ସମାଜସେବୀ ୰ ସେଠୀଙ୍କ ମୃତ୍ୟୁରେ ଶୋକ ପ୍ରକାଶ କରିଛନ୍ତି।

# ଏଲ.ପି.ଜି. ବିତରକ ସଂଘ ତରଫରୁ ପଲସ ଅକ୍ସିମିଟର ପ୍ରଦାନ




ବାଲେଶ୍ୱର,୧/୬ (ନି.ପ୍ର): ସାମ୍ପ୍ରାତିକ କୋଭ୍ତ-୧୯ ମହାମାରୀ ବିଭୀଷିକାକୁ ମୁକାବିଲା କରିବା ଦିଗରେ ସରକାରୀ ସ୍ତରରେ ବିଭିନ୍ନ ପ୍ରକାର ପଦକ୍ଷେପ ନିଆଯାଇଥିଲେ ବି ବେସରକାରୀ ଏବଂ ଜନସାଧାରଣଙ୍କ ସାହାଯ୍ୟ ସହଯୋଗ ମଧ୍ୟ ଆବଶ୍ୟକ ହେଉଛି। ସଂକ୍ରମଣ ରୋକିବା ହେଉ କି ସଂକ୍ରମିତଙ୍କ ଚିକିତ୍ସା, ପରୀକ୍ଷଣ ବା ସଚେତନତା ଆଦି ସବୁ ଦିଗରେ ଆମ ସମସ୍ତଙ୍କ ସହଯୋଗ ଆବଶ୍ୟକ। ଏହି ପରିପ୍ରେକ୍ଷୀରେ ବିଭିନ୍ନ ସମୟରେ ବିଭିନ୍ନ ସ୍ଥାନରେ ବିଭିନ୍ନ ବିଭିନ୍ନ ଅନୁଷ୍ଠାନ, ବ୍ୟକ୍ତି ଆଦିଙ୍କ ତରଫରୁ ବିଭିନ୍ନ ସହାୟତା ପ୍ରଦାନ ଦୃଷ୍ଟିଗୋଚର ହେଉଛି। ଆଜି ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟ ପରିସରରେ ବାଲେଶ୍ୱର ଏଲପିଜି ବିତରକ ସଂଘ ତରଫରୁ ୧୦୦ଟି ପଲସ ଅକ୍ସିମିଟର ଜିଲ୍ଲା ପ୍ରଶାସନର ସ୍ୱାସ୍ଥ୍ୟ ବିଭାଗକୁ ଦାନ କରାଯାଇଛି। ଜିଲ୍ଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଏଥିରେ ଯୋଗ ଦେଇ ଏହାକୁ ଗ୍ରହଣ କରିଥିଲେ। ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା ଦୁଲାଳସେନ ଜଗଦେବ, ଡିପିଏମ ଅନୀଲ କୁମାର ମହାନ୍ତି ଏବଂ ଏଲପିଜି ବିତରକ ସଂଘ ବାଲେଶ୍ୱରର କର୍ମକର୍ତ୍ତାମାନେ ସେଠାରେ ଉପସ୍ଥିତ ଥିଲେ। ମହାମାରୀର ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ଅନ୍ୟ ଅନୁଷ୍ଠାନ, ସଂଘର ବ୍ୟକ୍ତିବିଶେଷମାନେ ପ୍ରଶାସନ ପାଇଁ ଏଭଳି ସାହାଯ୍ୟ ସହଯୋଗର ହାତ ବଢାନ୍ତୁ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ।

# ମଦ ବିକ୍ରିକୁ ବିରୋଧ କରି ଥାନାରେ ଅଭିଯୋଗ କଲେ ମହିଳା

କୋରାଇ,୧/୬ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ମାଳଅନନ୍ଦପୁର ପଂଚାୟତର ସଠିପୁର ଗ୍ରାମରେ ବେଆଇନ ମହୁଲି ମଦ ବିକ୍ରିକୁ ବିରୋଧ କରିଛନ୍ତି ସ୍ଥାନୀୟ ମହିଳା। ବାରମ୍ବାର ବନ୍ଦ କରିବା ସତ୍ୱେ ସଠିପୁର ଗ୍ରାମର ପଂଚାନନ ପଲତାଙ୍କ ପୁଅ କାଳନ୍ଦୀ ଦେଶୀ ମହୁଲି ମଦ ସହ ବିଭିନ୍ନ ପ୍ରକାର ଅବକାରୀ ଦ୍ରବ୍ୟ ଗାଁରେ ବିକ୍ରି କରୁଛି। ଯାହା ଦ୍ୱାରା ସେହିବାଟ ଦେଇ ଯାଉଥିବା ମହିଳା ମାନଙ୍କୁ ମଦ୍ୟପ ମାନେ ଖରାପ ବ୍ୟବହାର ପ୍ରଦର୍ଶନ ସହ ଗାଳିଗୁଲଜ କରୁଛି। ଯାହାକୁ ନେଇ ଥାନାରେ ରବିବାର ଅଭିଯୋଗ କରିବା ପରେ ପୁଲିସ ଚଢାଉ କରିଥିଲେ ହେଁ କାଳନ୍ଦୀ ଫେରାର ହୋଇଯାଇଥିଲା। ଆଜି ସକାଳୁ କାଳନ୍ଦୀ ଗ୍ରାମର ମହିଳା ମାନଙ୍କୁ କାହିଁକି ଅଭିଯୋଗ କଲ ବୋଲି ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଧମକ ମଧ୍ୟ ଦେଇଥିଲା। ଯାହା ସାଧାରଣରେ ସହିବା କଷ୍ଟ ସାଧ୍ୟ ହୋଇଥିଲା। ଏନେଇ ଗ୍ରାମ ମହିଳା ମାନେ ଏକତ୍ରିତ ହୋଇ ପୁର୍ନବାର ପାଣିକୋଇଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଦ୍ୱରୀତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ମହିଳାମାନେ। ଜାନକୀ ମାଝୀ, ସବିତା ମାଝୀ, ସୁଭଦ୍ରା ବେହେରା, ସତ୍ୟଭାମା ରଣା, କମଳା ମାଝୀ, ଚଂଚଳୀ ମାଝୀ, ସାବିତ୍ରୀ ବେହେରା, ରଜନୀ ମାଝୀ, ସରସ୍ୱତୀ ବେହେରା, ସୁଲୋଚନା ରଣା, ସବିତା ରଣା, ସ୍ନେହାଂଜଳୀ ବେହେରା, ହରଣୀ ବେହେରା, ଲକ୍ଷ୍ମୀ ବେହେରା, ଜୟନ୍ତୀ ବେହେରା ପ୍ରମୁଖ ଥାନାକୁ ଆସି ଅଭିଯୋଗ କରିଛନ୍ତି। ପୁଲିସ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ତାହା ଦେଖିବାକୁ ବାକି ରହିଲା।

## ବ୍ରଜନଗରଠାରେ ନିର୍ମାଣାଧିନ ପୋଲ ଭୁଶୁଡ଼ିଲା

କୋରେଇ,୧/୬ (ନି.ପ୍ର): ଯାଜପୁର ଜିଲ୍ଲା ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନଂ ଜାତୀୟ ରାଜପଥର ବ୍ରଜନଗର ଠାରେ ଏକ ନିର୍ମାଣାଧିନ ପୋଲ ଭୁଶୁଡ଼ି ପଡିଛି। ଆଜି ଅପରାହ୍ନ ସାଢ଼େ ୪ଟା ସମୟରେ ଏହି ଦୁର୍ଘଟଣା ଘଟିଛି। ତେବେ ଏଥିରେ କୌଣସି ଶ୍ରମିକ ମୃତାହତ ହୋଇନଥିବା ଜଣାପଡିଛି। ଡି.ବି.ଏଲ ନାମକ ଏକ ଠିକା ସଂସ୍ଥା ଏହି କାର୍ଯ୍ୟ କରି ଆସୁଥିଲା। ଏହା ଅତି ନିମ୍ନମାନର କାର୍ଯ୍ୟ ଯୋଗୁଁ ଭୁଶୁଡ଼ି ପଡିଥିବା ଅଭିଯୋଗ ହୋଇଛି। ଯାହାକୁ ନେଇ ସ୍ଥାନୀୟ ଅଂଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଘଟଣା ପରେ ପ୍ରଶାସନ ପକ୍ଷରୁ ଛାନଭିନ୍ ଆରମ୍ଭ ହୋଇଛି।

# ଫିରିଙ୍ଗିଆ ଅଂଚଳରୁ ୧୭ କ୍ୱିଣ୍ଟାଲ ଗଞ୍ଜେଇ ଜବତ : ୩ ଗିରଫ

କନ୍ଧମାଳ,୧/୬ (ନି.ପ୍ର): କନ୍ଧମାଳ ଜିଲ୍ଲା ପିରିଙ୍ଗିଆ ଥାନା ପୋଲିସ ପାଡିପାଙ୍ଗା ଅଂଚଳରୁ ବିପୁଳ ମାତ୍ରାରେ ଗଞ୍ଜେଇ ବାହାରକୁ ଚାଲାଣ ହେବାକୁ ଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ଖବର ପାଇବା ପରେ କନ୍ଧମାଳ ଏସ.ପି. ଭିନିତ ଅଗ୍ରଓ୍ୱାଲଙ୍କ ନିର୍ଦ୍ଦେଶ କ୍ରମେ ଫିରିଙ୍ଗିଆ ଥାନା ଅଧିକାରୀ ପି.ଶ୍ୟାମସୁନ୍ଦର ରାଓଙ୍କ ତତ୍ତ୍ୱାବଧାନରେ ରବିବାର ଦିନ ଏସଆଇ ପ୍ରଦୀପ କୁମାର ରାଉଳଙ୍କ ନେତୃତ୍ୱରେ ଥାନା ଷ୍ଟାଫଙ୍କ ସହିତ ପାଡିପାଙ୍ଗା ଗ୍ରାମରେ ପହଂଚିବାପରେ ସେଠାରେ ରାସ୍ତା କଡରେ କିଛି ଲୋକ ଗଞ୍ଜେଇ ଚାଲାଣ ପାଇଁ ଯୋଜନା କରୁଥିବାର ଦେଖିଥିଲେ। ପୋଲିସ ପକ୍ଷରୁ ଚଢଉ କରାଯିବା ପରେ ସେଠାରେ ୩୪ଟି ବସ୍ତାରେ ୧୭ କ୍ୱିଣ୍ଟାଲ ୧୦ କିଗ୍ରା ୨ ଶହ ଗ୍ରାମ ଗଞ୍ଜେଇ ଜବତ କରିଥିଲେ। ଘଟଣାସ୍ଥଳରୁ ପାଡିପାଙ୍ଗା ଗ୍ରାମର ସୁମନ୍ତ କହଁର (୨୦), ପୀତବାସ କହଁର (୪୦) ଓ ଲତମପଦର ଗ୍ରାମର କୁମର ବେହେରା (୪୫)ଙ୍କୁ ଗିରଫ କରିଛି ପୋଲିସ। ସେମାନେ ଏହି ଗଞ୍ଜେଇକୁ ବାହାର ଜିଲ୍ଲାକୁ ଚାଲାଣ କରିବାକୁ ଯୋଜନା କରୁଥିଲେ ବୋଲି ପୋଲିସକୁ କହିଛନ୍ତି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୮୫ ଲକ୍ଷ ୫୦ ହଜାର ଟଙ୍କା ହେବ ବୋଲି ପୋଲିସ ସୂତ୍ରରୁ ଜଣାପଡିଛି। ଫିରିଙ୍ଗିଆ ଥାନା ପୋଲିସ ଏ ସଂକ୍ରାନ୍ତରେ ଏକ ମାମଲା ୬୪/୨୧ ଏନଡିପିଏସ ଆଇନ ଅନୁସାରେ ରୁଜୁ କରି ଅଭିଯୁକ୍ତ ମାନଙ୍କୁ କୋର୍ଟଚାଲାଣ କରିଥିବା ନେଇ ଫିରିଙ୍ଗିଆ ଥାନା ଅଧିକାରୀଙ୍କ ସୂତ୍ରରୁ ଜଣାପଡିଛି।

# ମୁଖ୍ୟ ଶାସନ ସଚିବଙ୍କ ଜୟପୁର ଗସ୍ତ

- ◆ ଖୁବ୍ ଶୀଘ୍ର ଜୟପୁରରେ ହେବ ଟିକାକରଣ
- ◆ ଦୁଇଟି ଅକ୍ସିଜେନ ପ୍ଲାଂଟର ନିର୍ମାଣ କାର୍ଯ୍ୟ ୨ ରୁ ୩ ମାସ ଭିତରେ ଶେଷ ହେବ

ଜୟପୁର,୧/୬ (ନି.ପ୍ର): ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ କୋରାପୁଟ ଜିଲା ଜୟପୁର ଗସ୍ତ କରି ଫେରିଛନ୍ତି ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର। ଏହି ଗସ୍ତ ସମୟରେ ତାଙ୍କ ସହିତ ଅତିରିକ୍ତ ଶାସନ ସଚିବ ଏବଂ ସ୍ୱାସ୍ଥ୍ୟ ସଚିବ ପ୍ରଦିପ୍ତ କୁମାର ମହାପାତ୍ର ଉପସ୍ଥିତ ଥିଲେ। ଏମାନେ ପ୍ରଥମେ ଜୟପୁର ଏୟାର୍ଷ୍ଟ୍ରିପରେ ସ୍ୱତନ୍ତ୍ର ହେଲିକେପ୍ଟରରେ ପହଂଚିଥିଲେ। କୋରାପୁଟ ଜିଲାର କୋଭିଡ ଉପରେ ସମିକ୍ଷା କରିଥିଲେ ମୁଖ୍ୟ ସଚିବ। କୋରାପୁଟ ଜିଲାପାଳ ଅବଦୁଲ ଅଖତାର, ଏବଂ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ଉପସ୍ଥିତ ଥିଲେ। ଏହି ଗସ୍ତ ସମୟରେ ଜୟପୁର ଘରୋଇ ହସପିଟାଲ ଗ୍ଲୋକାଲ ମେଡିକାଲକୁ ଯାଇ ଭିତିଭୂମି ସମିକ୍ଷା କରି ସେଥିରେ ସନ୍ତୁଷ୍ଟ ହୋଇଛନ୍ତି ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର। ଅତି ଶିଘ୍ର ଏହା କୋଭିଡ ମେଡିକାଲ ଭାବେ କାର୍ଯ୍ୟ କରିବ ବୋଲି ସେ ସୂଚନା ଦେଇଛନ୍ତି। ବର୍ତମାନ କୋରପୁଟ ଜିଲାରେ କୋଭିଡ ନିୟନ୍ତ୍ରାଧିନ ରହିଛି। କୋରାପୁଟ ଜିଲାରେ ପଜିଟିଭିଟି ରେଟ ବିଗତ ଦିନରେ ୨୦ ପ୍ରତିଶତ ଥିବା ବେଳେ ବର୍ତମାନ ୧୩ ପ୍ରତିଶତ ରହିଛି। କୋରାପୁଟ ଜିଲାରେ ମଧ ୧୮ ରୁ ୪୫ ବର୍ଷ ବୟସ୍କଙ୍କ ପାଇଁ ୨୦ ହଜାର କୋଭିଡ ଟିକା ଦିଆଯାଇଛି ତାହା ଚାଲିଛି ଖୁବ ଶିଘ୍ର ଜୟୁପରରେ ମଧ ଟିକା ଦେବାର ବ୍ୟବସ୍ଥା କରାଯିବ ବୋଲି ମୁଖ୍ୟ ଶସନ ସଚିବ ସୂଚନା ଦେଇଛନ୍ତି। ଜୟପୁରରେ ନୂତନ ଦ୍ୱିତିୟ କୋଭିଡ ହସପିଟାଲ ଖୋଲିବା ନେଇ ପ୍ରସ୍ତାବ ହୋଇଥିଲା ତାହାକୁ ଆଜି ପରିଖିଛନ୍ତି ମୁଖ୍ୟ ଶାସନ ସଚିବ। ଜୟପୁର ସ୍ଥିତ ଜିଲା ଚିକିତ୍ସାଳୟ ଓ କୋରାପୁଟ ଶହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ଅକ୍ସିଜେନ ପ୍ଲାଂଟ ପ୍ରତିଷ୍ଠା ହେବାକୁ ଯାଉଛି। ଏହି ୨ଟି ପ୍ଲାଂଟର ନିର୍ମାଣ କାର୍ଯ୍ୟ ୨ ରୁ ୩ ମାସ ଭିତରେ ଶେଷ ହେବାକୁ ଯାଉଛି। ମେଡିକାଲ କଲେଜରେ ୬୫୦ ବେଡ୍ ଓ ଜୟପୁର ଜିଲା ଚିକିତ୍ସାଳୟରେ ୨ ଶହ ଅତିରିକ୍ତ ବେଡ୍ ବଢାଯିବା ନେଇ ସ୍ଥିର କରାଯାଇଛି। ଜୟପୁର ଜିଲା କୋଭିଡ ହସପିଟାଲରେ ମଧ ଆବଶ୍ୟକିୟ ମାତ୍ରରେ ବେଡ ରହିଛି। ପୂର୍ବରୁ ପଜିଟିଭିଟି ରେଟ ୧୯ରୁ ୨୦ ପ୍ରତିଶତ ଥିବା ବେଳେ ଏବେ ଏହାରୁ ଖସି ୧୧ରୁ ୧୨ ପ୍ରତିଶତରେ ପହଂଚିଛି। ଟେଷ୍ଟିଂ ମଧ ଅଧିକା ରହିଛି। ଯାହାକି ଜିଲା ପାଇଁ ଭଲ ଖବର। ଅତି ଶିଘ୍ର ଏହାକୁ କାର୍ଯ୍ୟକ୍ଷମ କରାଯିବ ବୋଲି କହିଛନ୍ତି ଜିଲାପାଳ। ବିଧାୟକ ପାଣ୍ଡିରୁ ୨ଟି ଲାଇଫ ସପୋର୍ଟ ଅମ୍ବୁଲାନ୍ସକୁ ସ୍ୱିକୃତି ଦେବା, ଜୟପୁର ରେ ୧୮ ବର୍ଷରୁ ଉଦ୍ଧ ବ୍ୟକ୍ତି ବେଶେଷ କୁ ଟିକା ଦେବା, ବୋରିଗୁମ୍ମା ଓ ଜୟପୁର ରେ ଡାକ୍ତର ନିଯୁକ୍ତି, ଜୟପୁର ଏୟାରପୋର୍ଟକୁ ୧୫ ଶହ ମିଟର ବୃଦ୍ଧି ପାଇଁ ବିଧାୟକ ବାହିନିପିତ ସାକ୍ଷାତ କରି ୪ଟି ଦାବି ଉପସ୍ଥାପନ କରିବା ସହ ମୁଖ୍ୟ ଶାସନ ସଚିବ ପ୍ରତିଶୃତି ମଧ ଦେଇଥିବା ସୂଚନା ମିଳିଛି। ମୁଖ୍ୟ ଶାସନ ସଚିବଙ୍କ ଏହି ଗସ୍ତ ସମୟରେ ଏଡିଏମ ଦେବେନ କୁମାର ପ୍ରଧାନ, ଜୟପୁର ଉପ ଜିଲାପାଳ ହେମକାନ୍ତ ସାୟ, ଜିଲା ଚିକିତ୍ସାଧିକାରି ମକରନ୍ଦ ବେଉରାଙ୍କ ସହ ପ୍ରଶାସନିକ ଅଧିକାରି ମାନେ ଉପସ୍ଥିତ ଥିଲେ। ମୁଖ୍ୟ ସଚିବ ଜୟପୁର ଏୟାରପୋର୍ଟରେ ମଧ ସମିକ୍ଷା କରି ଫେରିଥିବା ଜଣାଯାଇଛି। ଜିଲା ପ୍ରଶାସନ ତରଫରୁ ସଚିବଙ୍କୁ ସ୍ୱାଗତ କରାଯାଇଥିବା ବେଳେ ପୋଲିସ ପ୍ରଶାସନ ତରଫରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି।

# ଲକଡାଉନରେ ଦୋକାନ ଖୋଲିଥିବା ବ୍ୟକ୍ତିଙ୍କଠାରୁ ୫ ହଜାର ଫାଇନ ଆଦାୟ

ଭୁବନ,୧/୬ (ନି.ପ୍ର): ମାସାଧିକ କାଳ ଲକଡାଉନ/ସଟଡାଉନ ଫଳରେ କ୍ଷୁଦ୍ର ବ୍ୟବସାୟୀମାନେ ନାହିଁ ନଥିବା ହଇରାଣ ହରକତ ହେଉଛନ୍ତି। ସରକାର କେବଳ ଅତ୍ୟାବଶ୍ୟକୀୟ ବ୍ୟବସାୟ ପ୍ରତିଷ୍ଠାନ ଖୋଲିବାକୁ ଅନୁମତି ଦେଇଥିବାବେଳେ ବହୁ କ୍ଷୁଦ୍ର ବ୍ୟବସାୟୀଙ୍କ ପାଖରେ ଖାଇବାକୁ ଓ ଚଳିବାକୁ ଏବେ ପଇସା ନାହିଁ। ଗତକାଲି ସଂଧାରେ ସରକାର ଲକଡାଉନକୁ ଜୁନ ୧୬ ଯାଏ ବୃଦ୍ଧି କରିବା ଫଳରେ କେତେକ କ୍ଷୁଦ୍ର ବ୍ୟବସାୟୀ ଲୁଚାଛପାରେ ଘଂଟେ ଦୁଇଘଂଟା ପାଇଁ ଦୋକାନ ଖୋଲି ୧୦୦/୨୦୦ ଟଙ୍କା ବେପାର କରିବାକୁ ବସିଥିବାବେଳେ ପୋଲିସ ଚଢାଉ କରିଥିଲା। ଭୁବନ ଥାନା ତରଫରୁ ଆଇଆଇସି ପ୍ରଶାନ୍ତ କୁମାର ପାତ୍ରଙ୍କ ନିର୍ଦ୍ଦେଶରେ ଏଏସଆଇ ପ୍ରଭାତ କୁମାର ନାୟକ ନୂଆବଜାର, କାଳୀବଜାରରେ ମାସ୍କ ଚେକିଙ୍ଗ କରୁଥିବା ବେଳେ ବିଭିନ୍ନ ଛୋଟ ଦୋକାନୀ ସଟର ଖୋଲି ବେପାର କରୁଥିବା ଦେଖି କେତେକଙ୍କୁ ସରକାରଙ୍କ ନିୟମ ମାନିବାକୁ ବୁଝାଶୁଝା କରିଥିଲେ ଓ ଆଉ କେତେକଙ୍କ ଠାରୁ ଫାଇନ ଆଦାୟ କରିଥିଲେ। ସମୁଦାୟ ୫ ହଜାର ଟଙ୍କା ଫାଇନ ଆଦାୟ ହୋଇଥିବା ଥାନା ସୂତ୍ରରୁ ଜଣାପଡିଛି। ସରକାର ଲକଡାଉନ ବୃଦ୍ଧି କରୁଥିବା ବେଳେ ଦିନ ମଜୁରିଆ, ଖଟିଖିଆ ଓ କ୍ଷୁଦ୍ର ବ୍ୟବସାୟୀଙ୍କ ପାଇଁ ଦିଲ୍ଲୀ ଭଳି ଭତା ଯୋଗାଇ ଦେବାକୁ ବୁଦ୍ଧିଜୀବୀ ମହଲ ଦାବି କରୁଛନ୍ତି।

# ଫିରିଙ୍ଗିଆ କାର୍ଯ୍ୟରତ ସାମ୍ବାଦିକଙ୍କ ଗଣ ଧାରଣା ଓ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

କନ୍ଧମାଳ,୧/୬ (ନି.ପ୍ର): ସାମ୍ବାଦିକ ମାନେ ନିଜନିଜ ଜୀବନକୁ ବିପଦରେ ପକାଇ କୋଭିଡ ସଂକ୍ରମଣବେଳେ ସେମାନଙ୍କ କାର୍ଯ୍ୟ କରି ଆସୁଛନ୍ତି। ସେଥିପାଇଁ ରାଜ୍ୟ ସରକାର ସାମ୍ବାଦିକ ମାନଙ୍କୁ ଆଗଧାଡିର କୋଭିଡ ଯୋଦ୍ଧା ଭାବରେ ଘୋଷଣା କରିବାସହିତ ସେମାନଙ୍କୁ ଅଗ୍ରାଧିକାର ଭିତିରେ କରୋନା ଟୀକା ପ୍ରଦାନ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ହେଲେ ବିଭିନ୍ନ ସମୟରେ ସାମ୍ବାଦିକ ମାନଙ୍କ ପ୍ରତି ବିଭିନ୍ନ ଲୋକଙ୍କର ତଥା କାର୍ଯ୍ୟରତ ପୋଲିସ କର୍ମଚାରୀ ମାନଙ୍କ ଦ୍ୱାରା ଅସଦାଚରଣ ଏବଂ ଅସଭ୍ୟ ଭାଷାରେ ଗାଳି କରିବା ଭଳି ଘଟଣା ଘଟୁବା ସହିତ ସେମାନଙ୍କୁ ମରଣାତ୍ମକ ଆକ୍ରମଣର ଶୀକାର ମଧ୍ୟ ହେଉଛନ୍ତି ସାମ୍ବାଦିକ ମାନେ। ନିକଟରେ ଫୁଲବାଣୀ ଟାଉନ ଥାନାର ଦୀପକ ସାମନ୍ତସିଂହାର ନାମକ ଜଣେ ଏସଆଇ ସମୁହ ସାମ୍ବାଦିକ ମାନଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳି କରିଥିବା ଘଟଣା ମଧ୍ୟ ଘଟି ଥିଲା। ଏଥିପାଇଁ କନ୍ଧମାଳ ଜିଲ୍ଲାର ବିଭିନ୍ନ ସାମ୍ବାଦିକ ସଂଘ ପକ୍ଷରୁ ଏସପିଙ୍କୁ ଏହାର ପ୍ରତିବାଦରେ ସମ୍ପୃକ୍ତ ଏସଆଇଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବୀ ମଧ୍ୟ କରାଯାଇଥିଲା। ହେଲେ ଏ ଯାବତ୍ ସମ୍ପୃକ୍ତ ଏସଆଇଙ୍କ ବିରୋଧରେ କୌଣସି ଦୃଷ୍ଟାନ୍ତ ମୁଳକ କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ସେଥିପାଇଁ ଆଜି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକର କାର୍ଯ୍ୟରତ ସାମ୍ବାଦିକ ମାନେ ଏହି ଦାବୀରେ ଫିରିଙ୍ଗିଆ ବ୍ଲକ ଆଗରେ ଦୁଇ ଘଣ୍ଟା ଧରି ଧାରଣାରେ ବସିବା ସହିତ ସମ୍ପୃକ୍ତ ପୋଲିସ ଅଧିକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ରାଜ୍ୟରେ କାର୍ଯ୍ୟରତ ସାମ୍ବାଦିକ ମାନଙ୍କ ପାଇଁ ସାମ୍ବାଦିକ ସୁରକ୍ଷା ଆଇନ ଅଣିବା ଦାବୀରେ ଏକ ଦାବୀପତ୍ର କନ୍ଧମାଳ ଜିଲ୍ଲାପାଳ ଡ.ବୃନ୍ଦା ଡିଙ୍କ ଉଦେଶ୍ୟରେ ଫିରିଙ୍ଗିଆ ବିଡିଓ ରଶ୍ମିରଞ୍ଜନ ମହନ୍ତଙ୍କୁ ପ୍ରଦାନ କରିଛନ୍ତି। ଏହି ଗଣ ଧାରଣା ଏବଂ ଦାବୀ ପତ୍ର ପ୍ରଦାନବେଳେ ଫିରିଙ୍ଗିଆ ବ୍ଲକ ସ୍ତରୀୟ ସାମ୍ବାଦିକ ସଂଘର ଉପଦେଷ୍ଟା ତଥା ବରିଷ୍ଠ ସାମ୍ବାଦିକ ମହାଦେବ ସାହୁଙ୍କ ଦେଖରେଖରେ ସଭାପତି ସୁବ୍ରତ କୁମାର ମହାନ୍ତି ଓ ସମ୍ବାଦିକ ଉତମ ଖମାରିଙ୍କ ନେତୃତ୍ୱରେ ଫିରିଙ୍ଗିଆ ବ୍ଲକ ସମସ୍ତ କାର୍ଯ୍ୟରତ ସାମ୍ବାଦିକ ବ୍ଲକ ସମ୍ମୁଖରେ ବିଡିଓ ଙ୍କୁ ଦାବିପତ୍ର ଦେଇଥିଲେ। ଏହି କାର୍ଯ୍ୟକ୍ରମ ରେ ଉପସ୍ଥିତ ସମ୍ବାଦିକ ମାନଙ୍କ ମଧ୍ୟରେ ସୁଭ୍ରାଂଶୁ କୁମାର କହଁର , ସଞ୍ଜୟ କୁମାର ସାହୁ , ମନୋଜ କୁମାର ସାହୁ , ହରପ୍ରସାଦ ସାମନ୍ତ, ରାଜକିଶୋର ପ୍ରଧାନ , ମନୋଜ କୁମାର ରଣା , ରାଜେଶ କୁମାର ଦିଗାଳ , ଅନୁତାପ ଦୁଗାଳ ପ୍ରମୁଖ ଉପସ୍ଥିତ ଥିଲେ।

# ଲକ୍ ଡାଉନ୍ ଅବଧି ବୃଦ୍ଧି ; କ୍ଷୁଦ୍ର ବ୍ୟବସାୟୀଙ୍କ ଅବସ୍ଥା କହିଲେ ନ ସରେ

କଣାସ,୧/୬ (ନି.ପ୍ର): କରୋନାର ଦ୍ୱିତୀୟ ଲହର ରାଜ୍ୟରେ ଦିନକୁ ଦିନ ତାର କାୟା ବିସ୍ତାର କରିବାରେ ଲାଗିଛି। ଏପରି ସ୍ଥିତିରେ ସଂକ୍ରମଣ ଉପରେ ରୋକ୍ ଲଗାଇବା ପାଇଁ ରାଜ୍ୟ ସରକାର ଲକ୍ ଡାଉନ୍ ଅବଧିକୁ ବୃଦ୍ଧି କରିଥିବା ବେଳେ ଦିନମଜୁରୀଆ ଓ କ୍ଷୁଦ୍ର ବ୍ୟବସାୟୀ ମାନଙ୍କ ଅବସ୍ଥା କହିଲେ ନ ସରେ। ଦୀର୍ଘ ଦିନ ହେଲା ଲକ୍‌ଡାଉନ୍ ଓ ସଟ୍‌ଡାଉନ୍ ହେବା ଦ୍ୱାରା କ୍ଷୁଦ୍ର ବ୍ୟବସାୟୀ, ପାନଦୋକାନ, ଜେରକ୍ସ ଦୋକାନ, ଷ୍ଟେସ୍‌ନାରୀଦୋକାନ, ଲୁଗାଦୋକାନ, ସେଲୁନ୍, ଫଳଦୋକାନ, ମୋବାଇଲ ଦୋକାନ, ଘଂଟା ଦୋକାନ, ଓଲଡିଂ ଦୋକାନ, ହାଡଓ୍ୱାରଷ୍ଟୋର, ସୁନା ଦୋକାନ, ହୋଟେଲ, ରାସ୍ତାକଡରେ ଟଲିମାଧମରେ ବିକ୍ରି କରିଥିବା ଫାଷ୍ଟଫୁଡ୍ ଦୋକାନ ଗୁଡିକ ବନ୍ଦ ରହିଥିବାରୁ ସେମାନଙ୍କ ଅବସ୍ଥା ଶୋଚନୀୟ ହୋଇପଡିଛି। ଅନେକ ପରିବାର ଓଳିଏ ଖାଇ ଓଳିଏ ଉପବାସ ରହୁଛନ୍ତି। ପୁନଶ୍ଚ ଲକ୍ ଡାଉନ୍ ଅବଧିକୁ ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିବାରୁ ରାଜ୍ୟ ସରକାର କ୍ଷୁଦ୍ର ବ୍ୟବସାୟୀମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ସରକାରୀ ସହାୟତା ଯୋଗାଇଦେବା ପାଇଁ କଣାସ ବ୍ଲକର ବିଭିନ୍ନ ବଜାରର କ୍ଷୁଦ୍ର ବ୍ୟବସାୟୀମାନେ ଦାବି କରିଛନ୍ତି।


# ଜିରୋ ଘାଟି




ଜିରୋ ଘାଟି, ଅରୁଣାଚଳ ପ୍ରଦେଶର ଲୋୟର ସୁବନସିରି ଜିଲ୍ଲାର ଏକ ପୁରାତନ ସହର । ପୂରା ଜିରୋରେ କେବଳ ଧାନ କ୍ଷେତ, ବାଉଁଶ ଜଙ୍ଗଲ ଓ ଦେବଦାରୁ ଗଛ ଦ୍ୱାରା ଭରପୂର ପାହାଡ଼ ଦେଖିବାକୁ ମିଳେ । ଫଟୋଗ୍ରାଫି ପାଇଁ ଏହିସବୁ ସ୍ଥାନ ପ୍ରସିଦ୍ଧ । ଧାନ ବ୍ୟତୀତ ସେଠାରେ ବହୁଳ ମାତ୍ରାରେ ମାଛଚାଷ କରାଯାଏ । ଜିରୋ ବନ୍ୟପ୍ରାଣୀ ପାଇଁ ମଧ୍ୟ ଏକ ଲୋକପ୍ରିୟ ସ୍ଥାନ । ସ୍ଥାନୀୟ ବାସିନ୍ଦା ଅପାତାନୀ ନାମରେ ଜଣାଶୁଣା । ସେମାନଙ୍କର ପର୍ବପର୍ବାଣି, ରୀତିନୀତି ଓ ପରମ୍ପରା ପାଇଁ ମଧ୍ୟ ଜିରୋ ଘାଟି ପ୍ରସିଦ୍ଧ । ସେମାନେ ପ୍ରକୃତିର ଦେବତାଙ୍କୁ ପୂଜା କରିଥାନ୍ତି । ସେମାନଙ୍କର ସଂସ୍କୃତି ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ । ଉତ୍ସବ ମଧ୍ୟରେ ମ୍ୟାକୋ ମୁରୁଙ୍ଗ ଓ ଡ୍ରି ପ୍ରମୁଖ । ପର୍ଯ୍ୟଟକମାନେ ମଧ୍ୟ ଏହି ଉତ୍ସବରେ ଭାଗ ନେଇପାରିବେ । ଜିରୋର ପାଣିପାଗ ପ୍ରାୟତଃ ଅନୁକୂଳ ଥାଏ, ଯାହାଦ୍ୱାରା ପର୍ଯ୍ୟଟକମାନେ ବର୍ଷସାରା ସେଠାକୁ ଯାଇଥାନ୍ତି । ସେପ୍ଟେମ୍ବରରେ ପାଳନ ହେଉଥିବା ଜିରୋ ମ୍ୟୁଜିକ ଫେଷ୍ଟିଭାଲ ପାଇଁ ଏହି ସ୍ଥାନର ଗୁରୁତ୍ୱ ଅଧିକ । ୨୦୧୨ ମସିହାରେ ଏହି ଫେଷ୍ଟିଭାଲ ଆରମ୍ଭ ହୋଇଥିଲା । ପୃଥିବୀର କୋଣ ଅନୁକୋଣରୁ ସଙ୍ଗୀତପ୍ରେମୀ, ରାଷ୍ଟ୍ରୀୟ ଓ ଅନ୍ତର୍ରାଷ୍ଟ୍ରୀୟ ସଙ୍ଗୀତ ବ୍ୟାଣ୍ଡ ପାର୍ଟି, ଲୋକ କଳାକାର ଏହି ଫେଷ୍ଟିଭାଲରେ ଭାଗ ନେବାକୁ ସେଠାକୁ ଯାଇଥାନ୍ତି । ଜିରୋରେ ଭ୍ରମଣ କରିବା ପାଇଁ କିଛି ବେଶ୍ କେତୋଟି ସ୍ଥାନ ଅଛି ।

### ରୋମାଞ୍ଚକର ରୋଡ ଟ୍ରିପ୍:

ବାଦଲ ଓ ବିଭିନ୍ନ ବୃକ୍ଷ ମଧ୍ୟରେ ରୋଡ ଟ୍ରିପ୍‌ର ରୋମାଞ୍ଚକ ଅନୁଭବ ଜିରୋରେ ପର୍ଯ୍ୟଟକମାନେ ପାଇପାରିବେ । ପୂର୍ବୋତ୍ତର କ୍ଷେତ୍ରର ଅଙ୍କାବଙ୍କା ରାସ୍ତାରେ ଗାଡ଼ି ଚଳେଇବାର ଏକ ଭିନ୍ନ ଅନୁଭୂତି ଦେଇଥାଏ । ସେଠାରେ ଉପଭୋଗ କରିଥିବା ରୋମାଞ୍ଚକ ରୋଡ ଟ୍ରିପ୍ ଭୁଲି ପାରିବେ ନାହିଁ । ପର୍ଯ୍ୟଟକମାନେ ସେଠାରେ ରହୁଥିବା ଅଧିବାସୀଙ୍କର ସୌହାର୍ଦ୍ଦ୍ୟପୂର୍ଣ୍ଣ ବ୍ୟବହାର ପାଇପାରିବେ । ଜିରୋ ଅଲଗା ଏକ ଦୁନିଆ କହିଲେ ଅତ୍ୟୁକ୍ତି ହେବ ନାହିଁ । ସେଠାରେ ରହୁଥିବା ଅପତାନୀ ଜନଜାତିର ଲୋକମାନେ ନାକ ପିୟର୍ସିଙ୍ଗ ଓ ଫେସିଆଲ ଟାଟୁ ପାଇଁ ଜଣାଶୁଣା । ତାଲେ ଘାଟି ବ୍ୟତୀତ ଟ୍ରେକିଙ୍ଗ ପାଇଁ ବୋମଡିଲା-ତବାଙ୍ଗ କ୍ଷେତ୍ର ମଧ୍ୟ ଲୋକପ୍ରିୟ ।



### ଟେଲି ଘାଟି ବନ୍ୟ ଜୀବନ ଅଭୟାରଣ୍ୟ:

ରୋମାଞ୍ଚ ପସନ୍ଦ କରୁଥିବା ପର୍ଯ୍ୟଟକଙ୍କ ପାଇଁ ଟେଲି ଘାଟି ଏକ ଉପଯୁକ୍ତ ସ୍ଥାନ । ଟ୍ରେକିଂ ପାଇଁ ଏହା ପ୍ରସିଦ୍ଧ । ଟେଲି ଘାଟି ବନ୍ୟ ଜୀବ ଅଭୟାରଣ୍ୟ ଜିରୋଠାରୁ ୩୦ କି.ମି. ଦୂରରେ ଅବସ୍ଥିତ । ଏହି ଅଭୟାରଣ୍ୟ ବିଭିନ୍ନ ପ୍ରକାରର ବନସ୍ପତି ଓ ଜୀବଜନ୍ତୁଙ୍କ ପାଇଁ ପର୍ଯ୍ୟଟକଙ୍କ ଧ୍ୟାନ ଆକର୍ଷଣ କରିଥାଏ । ସେଠାରେ କ୍ଲାଉଡେଡ ଚିତା ବାଘ ପରି ଦୁର୍ଲଭ ପ୍ରଜାତିର ବନ୍ୟଜୀବ ଦେଖିବାକୁ ମିଳିଥାନ୍ତି । ୩୩୭ ବର୍ଗ କି.ମିରେ ପରିବ୍ୟାପ୍ତ ଏହି ଅଭୟାରଣ୍ୟ ପାର୍ଶ୍ୱରେ ପ୍ରବାହିତ ହେଉଥିବା ତିନୋଟି ନଦୀର ଦୃଶ୍ୟ ପର୍ଯ୍ୟଟକଙ୍କୁ ସୁନ୍ଦର ଅନୁଭୂତି ପ୍ରଦାନ କରିଥାଏ ।

### ଜିରୋ ଫୁଟୋ:

ଜିରୋ ଫୁଟୋ ଏକ ପାହାଡ଼, ଯେଉଁଠାରେ ସ୍ୱାଧୀନ ଭାରତର ପ୍ରଥମ ପ୍ରଶାସନିକ କେନ୍ଦ୍ର ସ୍ଥାପିତ ହୋଇଥିଲା । ସେଠରେ ୧୯୬୦ ଦଶକରେ ସେନା ଛାଉଣିର ସ୍ଥାପନା କରାଯାଇଥିବା ଯୋଗୁ ସେ ସ୍ଥାନକୁ 'ଆର୍ମି ପୁଟୋ' ବୋଲି ମଧ୍ୟ କୁହାଯାଏ । ସେ ସ୍ଥାନରୁ ପର୍ଯ୍ୟଟକମାନେ ଅପତାନୀ ପଠାର ନାମକ ସ୍ଥାନର ସୁନ୍ଦର ଦୃଶ୍ୟ ଉପଭୋଗ କରିପାରିବେ ।

### ଜିରୋ ମ୍ୟୁଜିକ୍ ଫେଷ୍ଟିଭାଲ୍:

ଜିରୋ ମ୍ୟୁଜିକ୍ ଫେଷ୍ଟିଭାଲ ଭାରତରେ ପ୍ରସିଦ୍ଧ ଅଦ୍ଭୁତ ସ୍ୱତନ୍ତ୍ର ସଙ୍ଗୀତର ଏକ ଭିନ୍ନ ପ୍ରକାର ଉତ୍ସବ । ସଙ୍ଗୀତ ଜୀବନ ଆରମ୍ଭ କରୁଥିବା ସଙ୍ଗୀତକାରମାନଙ୍କୁ ପ୍ରୋତ୍ସାହନ ଦେବା ପାଇଁ ଏହି ଫେଷ୍ଟିଭାଲ ଆରମ୍ଭ କରାଯାଇଥିଲା । କିନ୍ତୁ ବର୍ତ୍ତମାନ ଏହି ଫେଷ୍ଟିଭାଲରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ବ୍ୟାଣ୍ଡ ପାର୍ଟିମାନେ ଭାଗ ନେଉଛନ୍ତି । ପର୍ଯ୍ୟଟକମାନେ ସଙ୍ଗୀତର ମଜା ନେବାକୁ ଯଦି ଚାହାଁନ୍ତି ତେବେ ଜିରୋ ଫେଷ୍ଟିଭାଲ ସମୟରେ ସେଠାକୁ ଯିବା ଉଚିତ୍ ।



### ପାଇନ ବଗିଚା:

ଜିରୋ ଘାଟିର ପାଇନ ଗ୍ରୋଭ ବା ପାଇନ ଗଛର ବଗିଚା ପର୍ଯ୍ୟଟକଙ୍କୁ ଆକୃଷ୍ଟ କିଥାଏ । ଏହି ସ୍ଥାନ ପୁରୁଣା ଜିରୋ ସହରଠାରୁ ପାଖାପାଖି ୩ କି.ମି ଦୂରରେ ଅବସ୍ଥିତ । ଫଟୋଗ୍ରାଫି ପାଇଁ ଏହା ଏକ ଉପଯୁକ୍ତ ସ୍ଥାନ ।



### କେବେ ଯିବେ:

ଜିରୋ ଘାଟିରେ ଭ୍ରମଣ କରିବାକୁ ହେଲେ ମାର୍ଚ୍ଚ ମଧ୍ୟ ଭାଗରୁ ଜୁଲାଇର ମଧ୍ୟ ଭାଗ ତଥା ଅକ୍ଟୋବରରୁ ଡିସେମ୍ବର ପର୍ଯ୍ୟନ୍ତ ଉପଯୁକ୍ତ ସମୟ । ସେତେବେଳେ ସେଠାରେ ତାପମାନ ୧୦ରୁ ୧୫ ଡିଗ୍ରୀ ଥାଏ ।

### କିପରି ଯିବେ:

ଆସାମର କାମରୂପ ଜିଲ୍ଲାରେ ଅବସ୍ଥିତ ଗୌହାଟୀ ସବୁଠାରୁ ପାର୍ଶ୍ୱବର୍ତ୍ତୀ ବିମାନ ବନ୍ଦର ଓ ରେଲୱେ ଷ୍ଟେସନ । ସେଠାରୁ ଜିରୋ ଘାଟି ପାଖାପାଖି ୧୨ ଘଣ୍ଟାର ରାସ୍ତା । ପର୍ଯ୍ୟଟକମାନେ ବସ୍ ବା ଟ୍ୟାକ୍ସି ଦ୍ୱାରା ସେଠାରେ ପହଞ୍ଚ ପାରିବେ ।

### ମେଘନା ଗୁମ୍ଫା ମନ୍ଦିର:

ଜିରୋ ପାର୍ଶ୍ୱରେ ଅବସ୍ଥିତ ଏହି ମନ୍ଦିରଟି ଭଗବାନ ଶିଙ୍କୁ ସମର୍ପିତ । ମନ୍ଦିରରେ ପହଞ୍ଚିବାକୁ ହେଲେ ଅନେକ ସିଡ଼ି ଚଢ଼ିବାକୁ ପଡ଼ିଥାଏ । ସମୁଦ୍ର ପତ୍ତନଠାରୁ ୩୦୦୦ ଫୁଟ ଉଚ୍ଚତାରେ ଅବସ୍ଥିତ ଏହି ୫୦୦୦ ବର୍ଷର ପୁରୁଣା ମନ୍ଦିର ତା'ର ପାରିପାର୍ଶ୍ୱିକ ସୌନ୍ଦର୍ଯ୍ୟ ପାଇଁ ଜଣାଶୁଣା ।



### ଡାଲୋ ମାଣ୍ଡୋ:

ହପୋଲୀଠାରୁ ୨ କି.ମି ଦୂରରେ ଥିବା ଡାଲୋ-ମାଣ୍ଡୋ ଟ୍ରେକର୍ସମାନଙ୍କ ପାଇଁ ଉପଯୁକ୍ତ ସ୍ଥାନ । ସେଠାରୁ ହାପୋଲୀ ଓ ପୁରୁଣା ଜିରୋ କ୍ଷେତ୍ରରେ ସୌନ୍ଦର୍ଯ୍ୟ ଉପଭୋଗ କରିପାରିବେ ।




### ତାରିନ ମାଛ ଫାର୍ମ:

ଏହି ମାଛ ଫାର୍ମ ହପୋଲୀଠାରରୁ ୩.୫ କି.ମି ଦୂରରେ ଥିବା ଏକ ସୁନ୍ଦର ସ୍ଥାନ । ସେଠାରେ ଅନେକ ପ୍ରଜାତିର ସୁନ୍ଦର ମାଛ ଦେଖିବାକୁ ମିଳିଥାଏ ।




## ବିଶ୍ୱର ବୃହତ୍ତମ ସପିଂ ମଲ୍



ବିଶ୍ୱର ବୃହତ୍ତମ ସପିଂ ମଲ୍‌ଟି ଚାଇନାର ଡୋଙ୍ଗ୍‌ଗୁଆନ୍‌ରେ ଅଛି । ନାମ- 'ସାଉଥ୍ ଚାଇନା ମଲ୍' । ସତୁରି ଲକ୍ଷ ବର୍ଗ ଫୁଟ୍ ପରିମିତ ଅଞ୍ଚଳରେ ମଲ୍‌ଟି ଛିଡ଼ାହୋଇଛି । ମଲ୍‌ରେ ରହିଛି ମୋଟ ୨୩୫୦ଟି ଦୋକାନ-ଘର । ଆଉ ମଲ୍ ସଂପର୍କରେ ସବୁଠାରୁ ଉଲ୍ଲେଖନୀୟ କଥା ହେଉଛି, ଏକଦା ଏହାର ଅନେଶତ ପ୍ରତିଶତ ସ୍ଥାନ ଖାଲି ପଡ଼ିଥିଲା । ମଲ୍‌ଟି ନୂଆ ନୁହେଁ । ୨୦୦୫ରେ ହୁ ଗୁଇରଙ୍ଗ୍ ନାମକ ବ୍ୟବସାୟୀ ମଲ୍‌ଟି ତିଆରି କରାଇଥିଲେ । ତେବେ, କେହି ଭଡ଼ା ନ ନେବାରୁ ପ୍ରାୟ ଦଶ ବର୍ଷ ଖାଲି ପଡ଼ିଥିଲା । କେବଳ ତଳ ମହଲାରେ ଅଳ୍ପ କେତୋଟି ଫାଷ୍ଟ୍ ଫୁଡ୍ ଦୋକାନ ଥିଲା । ବିଶେଷ କେହି ଆସୁ ନ ଥିଲେ । ମଲ୍‌ରେ ଲାଗିଥିବା ଲିଫ୍‌ଟ, ଏସ୍‌କାଲେଟର ଆଦି ରକ୍ଷଣାବେକ୍ଷଣ ଅଭାବରୁ ଅଚଳ ହୋଇଯାଇଥିଲା । ହୁ ଜଣେ ନୁଡଲ୍ ବ୍ୟବସାୟୀ । ସେ ନିଜର ସଞ୍ଚିତ ଅର୍ଥର ଏକ ବଡ଼ ଭାଗ ମଲ୍ ?ରେ ଲଗାଇଥିଲେ । ମଲ୍ ଭିତରେ ନାନା ଅଭିନବ ବ୍ୟବସ୍ଥା କରାଇଥିଲେ । ରୋଲର କୋଷ୍ଟର ଲଗାଇଥିଲେ । ଭେନିସ୍ ଢାଞ୍ଚାରେ କୃତ୍ରିମ କେନାଲ୍ ଏବଂ ଗଣ୍ଡୋଲା ବିହାରର ବ୍ୟବସ୍ଥା କରିଥିଲେ । ବିଶିଷ୍ଟ ସିନେମା ନିର୍ମାତା ସାମ୍ ଗ୍ରିନ୍ ମଲ୍‌ଟି ଉପରେ 'ୟୁଟୋପିଆ ପାର୍ଟ୍ ଥ୍ରି : ଦ ୱାର୍ଲ୍‌ଡସ ଲାର୍ଜେଷ୍ଟ ସପିଂ ମଲ୍' ନାମରେ ପ୍ରାମାଣିକ ଚଳଚ୍ଚିତ୍ର ତିଆରି କରିଥିଲେ । ୨୦୧୫ ପରେ ମଲ୍ କ୍ରମଶଃ ଏକ ବଡ଼ ବ୍ୟବସାୟ ପେଣ୍ଠରେ ପରିଣତ ହୋଇଥିଲା ।

## କିସ୍‌ମିସ୍ ଖାଇଲେ ଅନେକ ଫାଇଦା, ଦୂରେଇ ଯିବ ଗୁଡ଼ାଏ ରୋଗ



କିସ୍‌ମିସ୍ ଖାଇବାକୁ କାହାକୁ ବା ଭଲ ଲାଗେନା କିସ୍‌ମିସ୍ ଖାଇବାକୁ ଯେତିକି ସ୍ୱାଦିଷ୍ଟ ତାହା ଦେହ ପାଇଁ ତା'ଠାରୁ ବି ଅଧିକ ଭଲ । କିସ୍‌ମିସ୍ ସଂପର୍କରେ ଆହୁରି ଗୁଡ଼ାଏ କଥା ଅଛି ଯାହା ହୁଏତ ଆପଣ ଜାଣନଥିବେ । ଏଥିରେ ବହୁ ସ୍ୱାସ୍ଥ୍ୟଗତ ଫାଇଦା ରହିଛି । କିସ୍‌ମିସ୍ ଖାଇବା ଦ୍ୱାରା ଉତ୍ତମ ହଜମ ହେବା ସହ କୋଷ୍ଠକାଠିନ୍ୟ ବି ଦୂର ହୋଇଥାଏ । ଥଣ୍ଡା, ଜ୍ୱର, କାଶ ଆଦି ରୋଗର ନିରାକରଣ ବି ଏଥିରେ ରହିଛି ବୋଲି ଗବେଷକମାନେ ମତ ଦେଇଛନ୍ତି ।

କେବଳ ସେତିକି ନୁହେଁ, ଏହାର ସକାରାତ୍ମକ ପ୍ରଭାବ ଆଖି, ଦାନ୍ତ, କେଶ ଓ ହାଡ଼ ଆଦିରେ ପଡ଼ିଥାଏ । ଏଥିରେ କ୍ୟାଲ୍‌ସିୟମ୍, ଆଇରନ୍, ପଟାସିୟମ୍, ଫସ୍‌ଫରସ୍ ଏବଂ ମାଗ୍‌ନେସିୟମ ଆଦି ରହିଛି । ଏହାବ୍ୟତୀତ ଏଥିରେ ଭିଟାମିନ ସି, ଏବଂ ବି-୬ ମଧ୍ୟ ରହିଛି ।

ରାତିରେ ୪ଟି କିମ୍ବା ୬ଟି କିସ୍‌ମିସ୍‌କୁ ପାଣିରେ ଭିଜେଇ ଦିଅନ୍ତୁ । ସକାଳୁ ଉଠି ଦାନ୍ତ ଘସିବା ପରେ ଖାଲି ପେଟରେ ସେହି ପାଣି ମିଶା କିସ୍‌ମସ୍‌କୁ ଖାଇଦିଅନ୍ତୁ ।

ଯେଉଁମାନଙ୍କର ସ୍ୱାସ୍ଥ୍ୟ ସହଜରେ ଲାଗେ ନାହିଁ ସେମାନେ କିସ୍‌ମିସ୍ ଖାଇପାରନ୍ତି । ଏହା ଶରୀରରେ ଅତିରିକ୍ତ ଚର୍ବି ନ ବନାଇ ବ୍ୟକ୍ତିକୁ ମୋଟା ହେବାରେ ସହାୟ ହୋଇଥାଏ ।

କିସମିସରେ କର୍କଟ ରୋଗକୁ ପ୍ରତିରୋଧ କରିବାର କ୍ଷମତା ରହିଛି । ଏହାଛଡ଼ା କିସ୍‌ମିସ୍ ଖାଇବା ଦ୍ୱାରା ହୃଦ୍‌ରୋଗ, ମଧୁମେହ, ନିଦ୍ରାହୀନତା, ତ୍ୱଚା, କେଶ, କିଡନୀ ଜନିତ ରୋଗ ଆଦି ମଧ୍ୟ ଦୂର ହୋଇଥାଏ । ଏହାକୁ ନିୟମିତ ଖାଇଲେ ଅନେକ ସୁଫଳ ମିଳିବ ।

## ଫଙ୍ଗାଲ୍ ଇନ୍‌ଫେକ୍‌ସନ୍ ପାଇଁ ଭଲ ଲେମ୍ବୁ ମଞ୍ଜି

ଆମେ ସାଧାରଣତଃ ଲେମ୍ବୁ ଓ କମଳା ଖାଇବା ବେଳେ ଏହାର ମଞ୍ଜିକୁ ବାହାର କରି ଫିଙ୍ଗି ଦେଇଥାଉ । ହେଲେ ଆପଣ ଜାଣିଛନ୍ତି କି ଲେମ୍ବୁ ଓ କମଳା ମଞ୍ଜିରେ ଅନେକ ସ୍ୱାସ୍ଥ୍ୟ ଉପକାରୀ ଗୁଣ ରହିଛି । ଏହି ମଞ୍ଜିକୁ ଖାଇଲେ ଆପଣ ଅନେକ ସ୍ୱାସ୍ଥ୍ୟଜନିତ ସମସ୍ୟାରୁ ମୁକ୍ତି ପାଇପାରିବେ । ତା' ହେଲେ ଆସନ୍ତୁ ଜାଣିବା ଲେମ୍ବୁ ମଞ୍ଜିରେ କ'ଣ ସବୁ ସ୍ୱାସ୍ଥ୍ୟ ଉପକାରୀ ଗୁଣ ରହିଛି ।

♦ ଅଧିକାଂଶ ସମୟରେ ଆପଣ ମୁଣ୍ଡ ବିନ୍ଧାକୁ ଶୀଘ୍ର ଠିକ୍ କରିବା ପାଇଁ ଏସ୍ପିରିନ୍ ଖାଇଥା'ନ୍ତି । ଲେମ୍ବୁ ମଞ୍ଜିରେ ପ୍ରଚୁର ମାତ୍ରାରେ ସେଲିସିଲିକ ଏସିଡ୍ ରହିଛି, ଯାହା ଏସ୍ପିରିନର ଏକ ଅଂଶ । ତେଣୁ ମୁଣ୍ଡ ବିନ୍ଧା ସମୟରେ ଲେମ୍ବୁ ମଞ୍ଜି ଖାଇଲେ ଉପଶମ ମିଳିଥାଏ ।

♦ ଲେମ୍ବୁ ମଞ୍ଜିରେ ଆଣ୍ଟି-ବ୍ୟାକ୍ଟେରିଆଲ୍ ଗୁଣ ରହିଛି, ଯାହା ଆପଣଙ୍କ ମୁହଁରେ ହେଉଥିବା ବ୍ରଣକୁ ଭଲ କରିବା ପାଇଁ ସାହାଯ୍ୟ କରିଥାଏ । ତେଣୁ ବ୍ରଣ ଭଲ କରିବା ପାଇଁ ଲେମ୍ବୁ ମଞ୍ଜିର ତେଲକୁ ବ୍ୟବହାର କରନ୍ତୁ । ଯଦି ନିୟମିତ ଭାବରେ ଲେମ୍ବୁ ମଞ୍ଜିକୁ ମୁହଁରେ ବ୍ୟବହାର କରିବେ, ତେବେ କିଛିଦିନ ମଧ୍ୟରେ ଆପଣଙ୍କ ବ୍ରଣ ଓ ଦାଗ ଭଲ ହୋଇଯିବ ।

♦ ଆହୁରି ମଧ୍ୟ ଲେମ୍ବୁ ମଞ୍ଜିରେ ଭିଟାମିନ୍ ସି ରହିଛି, ଯାହା ତ୍ୱଚାକୁ ସୁସ୍ଥ ରଖି ଉଜ୍ଜ୍ୱଳ କରିଥାଏ । ତ୍ୱଚାରେ ପ୍ରତିଦିନ ଲେମ୍ବୁ ମଞ୍ଜି ବ୍ୟବହାର କଲେ, ଆପଣଙ୍କ ତ୍ୱଚା ମଶ୍ଚୋରାଇଜ୍ ରହିଥାଏ ।

♦ ସାଧାରଣତଃ ହାତ ଓ ପାଦ ଆଙ୍ଗୁଳିରେ ଫଙ୍ଗଲ୍ ଇନ୍‌ଫେକସନ୍ ଅଧିକ ହୋଇଥାଏ । ସେହି ସ୍ଥାନରେ ଲେମ୍ବୁ ମଞ୍ଜିର ତେଲ ଲଗାଇଲେ, ଇନ୍‌ଫେକ୍ସନ୍ ଭଲ ହୋଇଥାଏ । ଏହା ସହିତ ତ୍ୱଚାରେ ହେଉଥିବା ଆଲର୍ଜି ମଧ୍ୟ ଦୂର ହୋଇଥାଏ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଉତ୍ତମ ପରିଚାଳନା...

ସମ୍ପ୍ରତି ସମଗ୍ର ବିଶ୍ୱ କରୋନା ସଂକ୍ରମଣଜନିତ ଉତ୍କଟ ପରିସ୍ଥିତି ଭିତରେ ଗତି କରୁଥିବା ସମୟରେ ଗୋଟିକ ପରେ ଗୋଟିଏ ବିପର୍ଯ୍ୟୟ ସ୍ଥିତିକୁ ବିଗାଡ଼ି ଦେଉଛି । ବିଶ୍ୱର ଏମିତି କୌଣସି କ୍ଷେତ୍ର ନାହିଁ, ଯାହା ଉପରେ ପଡ଼ିନାହିଁ ପ୍ରକୃତିର ବିଷଦୃଷ୍ଟି । କେଉଁଠି ବିସ୍ତୀର୍ଣ୍ଣ ଇଲାକାରେ ଜଙ୍ଗଲରେ ନିଆଁ ମାସ ମାସ ଧରି ଲାଗିରହିଛି ତ ଆଉ କେଉଁଠି ପ୍ରବଳ ବନ୍ୟା ଓ ବାତ୍ୟା ବିଭୀଷିକା । କେଉଁଠି ଭୂ-ସ୍ଖଳନଜନିତ ଧନଜୀବନ ହାନି ଭଳି ସମଗ୍ର ବ୍ୟବସ୍ଥାକୁ ବିପର୍ଯ୍ୟସ୍ତ କରିପକାଇଛି । ପ୍ରାକୃତିକ ସନ୍ତୁଳନ ଏପଟସେପଟ ହେବାରୁ ସମସ୍ତଙ୍କୁ ଭୋଗିବାକୁ ପଡୁଛି ଅସହ୍ୟ ଦୁଃସ୍ଥିତି । ଆମ ସମୟର ସବୁଠାରୁ ବିଭୀଷିକାପୂର୍ଣ୍ଣ ଅବସ୍ଥା ରୂପେ କରୋନାଜନିତ ଯନ୍ତ୍ରଣା କେବଳ ମୁଣ୍ଡ ଟେକିନାହିଁ, ବରଂ ଭାବୀ ବଂଶଧର ଲାଗି ଅସୀମିତ ସଙ୍କଟ ଆଣିବାକୁ ଯାଉଛି । ଗୋଟିକ ପରେ ଗୋଟିଏ ଲହର ସମସ୍ତଙ୍କୁ ଅସ୍ତବ୍ୟସ୍ତ କରିପକାଇଥିବା ଭିତରେ ଆରବସାଗରରେ ତାଉତ୍‌କେ ସାମୁଦ୍ରିକ ବାତ୍ୟା ଆସି ଗୁଜରାଟ, ମହାରାଷ୍ଟ୍ର ଓ ମଧ୍ୟପ୍ରଦେଶରେ ଛାଡ଼ିଯାଇଛି ଗଭୀର କ୍ଷତଚିହ୍ନ । ତାହାର ଦିନ କେଇଟା ପରେ ବଙ୍ଗୋପସାଗରରେ ଆସିଥିବା 'ୟାସ୍' ସାମୁଦ୍ରିକ ଝଡ଼ ଆମ ରାଜ୍ୟର ଉପକୂଳବ ୀ ଜିଲ୍ଲାଗୁଡ଼ିକରେ କ୍ଷୟକ୍ଷତି କରି ଚାଲିଯାଇଛି । ତାହା ସହିତ ପଡ଼ୋଶୀ ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡରେ ବ୍ୟାପକ କ୍ଷତି କରିଛି । ଆମ ରାଜ୍ୟର ଯେଉଁ ଅଞ୍ଚଳରେ ବାତ୍ୟା 'ୟାସ୍'ର ପ୍ରଭାବ ଦେଖାଦେବା ନେଇ ପ୍ରାକ୍ ସୂଚନା ମିଳିଥିଲା, ତାହାକୁ ଆଧାର କରି ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଥିଲା ବୋଲି ଧନଜୀବନହାନିକୁ ରୋକାଯାଇପାରିଛି ବୋଲି କୁହାଯାଇପାରିବ । ବନ୍ଧବାଡ଼, ରାସ୍ତାଘାଟରେ ହୋଇଥିବା ପ୍ରବଳ ବର୍ଷାଜନିତ କ୍ଷତିର ଭରଣା ସାଙ୍ଗକୁ ମରାମତି ସହିତ ବିପନ୍ନମାନଙ୍କ ଜୀବନଯାତ୍ରାକୁ ପୁନଃସ୍ୱାଭାବିକ କରାଯିବା ଦିଗରେ ଓଡ଼ିଶା ସରକାରଙ୍କ ପଦକ୍ଷେପ ବିଶେଷ ସହାୟକ ହୋଇପାରିଛି । ଏଥିପାଇଁ ପୂର୍ବ ବର୍ଷ ଗୁଡ଼ିକରେ ବାତ୍ୟା, ବନ୍ୟା ଭଳି ବିପର୍ଯ୍ୟୟ ମୁକାବିଲାରେ ଯେଉଁ ଅଭିଜ୍ଞତା ମିଳିଥିଲା, ତାହା ବହୁ ପରିମାଣରେ ସାହାଯ୍ୟ କରିଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦର୍ଶୀ ନେତୃତ୍ୱ ଓ ପ୍ରଶାସକମାନଙ୍କର ଦକ୍ଷ ପରିଚାଳନା ଘନଘନ ଦେଖାଦେଉଥିବା ବିପର୍ଯ୍ୟୟକୁ ଟାଳିବା ଦିଗରେ ଅନ୍ୟମାନଙ୍କ ପାଇଁ ଉଦାହରଣ ହୋଇପାରିଛି । କରୋନା ମହାମାରୀ ପାଇଁ ଦେଶରେ ଯେତେ ଯେଉଁଠି ମୁକାବିଲା ପାଇଁ ପଦକ୍ଷେପ ନିଆଯାଇଛି, ସେଥିମଧ୍ୟରେ ଓଡ଼ିଶାରେ ଗ୍ରହଣ କରାଯାଇଥିବା ପଦକ୍ଷେପ ଓ ଭୂମିକାକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ) ଉଚ୍ଚ ପ୍ରଶଂସା କରିଛି । ଅନ୍ୟ ରାଜ୍ୟ ତଥା ଦେଶ ଆଗରେ ଓଡ଼ିଶା 'ଏକ ରୋଲ୍ ମଡେଲ' ବୋଲି 'ହୁ' ଅକୁଣ୍ଠ ଚି ରେ କହିସାରିଛି । 'ୟାସ୍' ଝଡ଼ର ମୁକାବିଲା ପାଇଁ ଆଗତୁରା ବାତ୍ୟା ଆଶ୍ରୟସ୍ଥଳୀଗୁଡ଼ିକ ସୁପ୍ରସ୍ତୁତ କରି ରଖାଯିବାଠାରୁ ଆରମ୍ଭ କରି ଏନ୍‌ଡିଆର୍ ଏଫ୍, ଓଡ୍ରାଫ୍ ଏବଂ ଅଗ୍ନିଶମ ବାହିନୀ ଭିତରେ ଉପଯୁକ୍ତ ତାଳମେଳ ରଖାଯାଇ କିଭଳି ସ୍ଥିତିକୁ ସମ୍ଭାଳାଯାଇ ପାରିଲା, ସେଥିରୁ ଅନ୍ୟମାନଙ୍କର ଶିକ୍ଷା ନେବା ଦରକାର ବୋଲି କହିଛି ମିଳିତ ଜାତିସଂଘ । ନିର୍ଦ୍ଦିଷ୍ଟ ଭାବରେ କୋଭିଡ ସଂକ୍ରମଣ ଲାଗି ରହିଥିବା ଭିତରେ 'ୟାସ୍' ଭଳି ଦୋହରା ବିପଦର ମୁକାବିଲାରେ ପ୍ରଦର୍ଶିତ ଦକ୍ଷତାର ପ୍ରଶଂସାରେ ଶତମୁଖ ହୋଇଛି ମିଳିତ ଜାତିସଂଘ । ସୁଦୃଢ଼ ଭି ିଭୂମି ଓ ଶକ୍ତ ଇଚ୍ଛାଶକ୍ତିର ଉଦାହରଣ ପାଲଟିଛି ରାଜ୍ୟ । ମହାମାରୀ ସମୟରେ ଅନ୍ୟ ରାଜ୍ୟଗୁଡ଼ିକୁ ଅକ୍ସିଜେନ୍ ଯୋଗାଣ ଭଳି ବଦାନ୍ୟତା କେବଳ ଓଡ଼ିଶା ଦେଖାଇପାରେ ବୋଲି କୁହାଯାଉଥିବା ବେଳେ ମୁଖ୍ୟମନ୍ତ୍ରୀ ଓ ତାଙ୍କ ନେତୃତ୍ୱରେ ପରିଚାଳିତ ପ୍ରଶାସନ ଉପରେ ପ୍ରଧାନମନ୍ତ୍ରୀ ମୋଦି ମଧ୍ୟ ସ୍ଥାପନ କରିଛନ୍ତି ଅତୁଟ ଆସ୍ଥା । ସମସ୍ତ ପ୍ରକରଣକୁ ଦେଖାଗଲେ ବିପର୍ଯ୍ୟୟ ପରିଚାଳନାରେ ପ୍ରଦର୍ଶିତ ଦକ୍ଷତା ସହ ନବୀନ ପଟ୍ଟନାୟକଙ୍କ ରାଷ୍ଟ୍ରନାୟକୋଚିତ ପ୍ରଦର୍ଶିତ ଜାତୀୟ ସ୍ତରରେ ଓଡ଼ିଶାର ସୁନାମକୁ ବିଶ୍ୱବିଦିତ କରିପାରିଛି ବୋଲି କୁହାଯିବାରେ ଅସୁବିଧା ନାହିଁ । ଏହି ପ୍ରସଙ୍ଗ ଉତ୍ଥାପନ କରାଗଲେ କେବଳ ଗୋଟିଏ କଥା ମନକୁ ଆସେ । ନବୀନ ପଟ୍ଟନାୟକ ସରକାରର ପଞ୍ଚମ ପାଳିର ଦ୍ୱିତୀୟ ବର୍ଷ ପୂରିଛି । ମାତ୍ର କୌଣସି ଭାବରେ ତାହାର ପାଳନ ପାଇଁ ନେତୃତ୍ୱ ଆଗ୍ରହ ପ୍ରକଟ ନକରି ସଦ୍ୟ ଅତିକ୍ରାନ୍ତି ୟାସ୍ ଓ କରୋନା ମୁକାବିଲା ପାଇଁ ଅଧିକ ଦୃଢ଼ତା ପ୍ରଦର୍ଶନ ଉପରେ ଜୋର୍ ଦିଆଯାଉଛି । ଲୋକମାନଙ୍କର ସମସ୍ୟା ସାଙ୍ଗରେ ରହିଥିବା ସରକାର କହିଲେ ଏହାକୁ ବୁଝାଯାଏ । ସୁତରାଂ, ତାହା ଜାତୀୟ ହେଉ କି ବିଶ୍ୱସ୍ତରରେ ହେଉ, ସ୍ୱୀକୃତି ଓ ସମ୍ମାନ ପାଇବା ବିଶେଷ କିଛି ଅନୁଗ୍ରହ ନୁହେଁ । ବରଂ ରାଜ୍ୟବାସୀଙ୍କ ସ୍ୱାର୍ଥପାଇଁ ସମର୍ପିତ ନେତୃତ୍ୱର ଉଲ୍ଲେଖନୀୟ ସାର୍ଥକତା ବୋଲି କୁହାଯାଇପାରେ ।

## ଅନାଥଙ୍କ ପ୍ରତି ମାନବିକତା କାହିଁ... ?



ଡକ୍ଟର ଲକ୍ଷ୍ମଣ ସାହୁ

ମହାମାରୀ କୋଭିଡ୍-୧୯ର ଭୟାବହ ଫଳରେ ବହୁ ଜୀବନ ଯାଉଛି । ବିଶ୍ୱ ମାନଚିତ୍ର ସଂପୂର୍ଣ୍ଣ ବଦଳି ଯିବାରେ ଲାଗିଛି । ଦେଶ ଦେଶ ଭିତରେ ଆତଙ୍କର ଲହର । ଏହାକୁ ପ୍ରତିହତ କରିବା ନିମନ୍ତେ ସମସ୍ତ ରାଷ୍ଟ୍ର ବ୍ୟଗ୍ର ହୋଇପଡିଛି। ମଣିଷର ଖାଦ୍ୟ ବସ୍ତ୍ର ବାସସ୍ଥାନର ଆବଶ୍ୟକତା ଠାରୁ ଅଧିକ ଆବଶ୍ୟକତା ରହିଛି ସ୍ୱାସ୍ଥ୍ୟ । ଏହି ଭୟଙ୍କର ବିପର୍ଯ୍ୟସ୍ତ ସମୟରେ ଗୋଟିଏ ଗୋଟିଏ ପରିବାର ସମୂଳେ ଧ୍ୱଂସ ହୋଇଯାଇଥିବା ବେଳେ ଅନେକ ପିଲା ଅନାଥ ହୋଇଛନ୍ତି । ସେ ସବୁ ସଠିକ୍ ଆକଳନ କରିବା ଯଦିଓ ଏ ଘଡିସନ୍ଧିକ୍ଷଣରେ ସମ୍ଭବ ହୋଇନପାରେ ।

ସ୍ୱତଃ ପ୍ରଶ୍ନ ହେଉଛି ଏହି ପିଲାମାନଙ୍କ ସମସ୍ୟାର ସମାଧାନ କ'ଣ ହେବା ଉଚିତ୍ ଏମାନଙ୍କ ଭବିଷ୍ୟତ କିପରି ନିର୍ଣ୍ଣୟ କରାଯାଇ ପାରିବ ତାହା ମୁଣ୍ଡ ବ୍ୟଥା କାରଣ ସାଜିଛି । ସେମାନଙ୍କ ପାଇଁ କେଉଁ ପଥ ବାଛିବାକୁ ପଡିବ । ସମାଜର ମୁଖ୍ୟ ସ୍ରୋତରୁ ସେମାନଙ୍କୁ କେବେ ବାଦ ଦିଆଯାଇ ପାରିବ ନାହିଁ । ଭବିଷ୍ୟତ ନିର୍ମାଣରେ ସେହି ଅନାଥ ଶିଶୁ କଳିକା ଅଗ୍ରଣୀ ଭୂମିକା ଗ୍ରହଣ କରିବେ ଅସ୍ୱୀକାର କରାଯାଇପାରେନା । ନିକଟରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଏହି ପ୍ରଶ୍ନ ପଚାରିଛନ୍ତି । ଏହାକୁ ଗୁରୁତର ସହ ନିଆଯାଇଛି ଏବଂ ଅନାଥ ପିଲାମାନଙ୍କ ପାଇଁ କଲ୍ୟାଣମୂଳକ ବିକଳ୍ପ ଯୋଗାଇବା ପାଇଁ ଶିଶୁ ଅଧିକାର ଅଧିକାର ଜାତୀୟ ଆୟୋଗ ଦ୍ୱାରା ମଧ୍ୟ ଉଦ୍ୟମ କରାଯାଉଛି । ଏପରି କ୍ଷେତ୍ରରେ ସେହି ଅନାଥ ପିଲାମାନଙ୍କ ପାଇଁ ଏକ ସାଧାରଣ ପରାମର୍ଶ ହେଉଛି ସେମାନଙ୍କୁ ପୋଷ୍ୟ ସନ୍ତାନ ଦିଆଯିବା ଉଚିତ୍ । କେବଳ ପାରିବାରିକ ପରିବେଶରେ ସେମାନଙ୍କୁ ବ ।ଇବା ପାଇଁ ନୁହେଁ, ବରଂ ସେମାନେ ଏକ ସୁଯୋଗ ପାଇବା ସହିତ ସେମାନଙ୍କର ଭବିଷ୍ୟତ ମଧ୍ୟ ନିଶ୍ଚିତ ହୋଇପାରନ୍ତା, କିନ୍ତୁ ଜାତୀୟ ଶିଶୁ ଅଧିକାର ଆୟୋଗର ଅଧ୍ୟକ୍ଷଙ୍କ ଏହି ଚିନ୍ତାଧାରା ଯେତିକି ଉ ମ ପରୋକ୍ଷରେ ପୋଷ୍ୟ ନାମରେ ଶିଶୁ ଚାଲାଣ ପ୍ରସଙ୍ଗ ମଧ୍ୟ ଗୁରୁତର ଏହା ଏକ ଜଣାଶୁଣା ଅପରାଧ ପାଲଟି ଯିବା ଅସମ୍ଭବ ନୁହେଁ ।

ଅର୍ଥାତ୍ ପିଲାମାନଙ୍କ ଉପରେ ଅଯଥାରେ ପରିଣତ ହେଉଥିବା ଏହି ବର୍ବର ବିଶ୍ୱାସଘାତକତାକୁ ସରକାର ବିଚାରକୁ ନେଇଛନ୍ତି । ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରଣାଳୟ ମଧ୍ୟ ୧୪ ମଇରେ ଏକ ବିଜ୍ଞପ୍ତି ଜାରି କରିଛି ଯେ ଯଦି ଜଣେ ବ୍ୟକ୍ତି ଏପରି ପିଲାମାନଙ୍କୁ ଜାଣନ୍ତି, ଯିଏ କି କୋଭିଡ କାରଣରୁ ପିତାମାତାଙ୍କୁ ହରାଇଛନ୍ତି ଏବଂ ସେମାନଙ୍କର ଯତ୍ନ ନେବାକୁ କେହି ନାହାଁନ୍ତି, ତେବେ ସେହି ଶିଶୁଙ୍କ ବିଷୟରେ ସୂଚନା ପ୍ରଦାନ କରିବା ଉଚିତ୍ ହେବ । ମନ୍ତ୍ରଣାଳୟ ପରିବାର ଏବଂ ସ୍ୱାସ୍ଥ୍ୟ କଲ୍ୟାଣ ମନ୍ତ୍ରଣାଳୟକୁ ମଧ୍ୟ ଅନୁରୋଧ କରିଛି ଯେ ଯେତେବେଳେ ଜଣେ ବ୍ୟକ୍ତି ଡାକ୍ତରଖାନାରେ ଭ ର୍ ହୁଅନ୍ତି, ସେତେବେଳେ ତାଙ୍କଠାରୁ ଲିଖିତ ସ୍ୱୀକାରୋକ୍ତି ନେବା ଆବଶ୍ୟକ, ଯଦି କୌଣସି ଅଘଟଣ ଘଟେ ତେବେ ସେମାନଙ୍କ ପିଲାମାନଙ୍କର ଯତ୍ନ ନେବା ପାଇଁ କେହି ଆତ୍ମୀୟ ବା ବିକଳ୍ପ ଥିଲେ ଜଣାଇବେ । ଯାହା ଦ୍ୱାରା ପରବ ୀ ସମୟରେ ନିଷ୍ପ ି ନେବା ସହଜ ହେବ । ଜାତୀୟ ଅଧିକାର ଆୟୋଗ ଦ୍ୱାରା ଶିଶୁ ଅଧିକାର ଉପରେ ଗୁରୁତ୍ୱ ଦିଆଯାଇଥିବା ପ୍ରଥମ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଯେ କୋଭିଡ ବିପର୍ଯ୍ୟୟ ଦ୍ୱାରା ଅନାଥ ପିଲାମାନଙ୍କର ପରିଚୟ ରକ୍ଷା କରାଯିବା ଉଚିତ । ଦ୍ୱିତୀୟତ ସେମାନଙ୍କର ଚିତ୍ର ସୋସିଆଲ ମିଡିଆରେ ସେୟାର କରାଯିବା ଉଚିତ ନୁହେଁ । ତୃତୀୟତଃ ଶିଶୁ କଲ୍ୟାଣ କମିଟିକୁ ଅଗ୍ରୀମ ପ୍ରଦାନ କରାଯିବା ଉଚିତ, ଯାହା ପିଲାମାନଙ୍କର ଉ ମ ସ୍ୱାର୍ଥକୁ ଦୃଷ୍ଟିରେ ରଖି ନିଷ୍ପ ି ନେବ ।

ସରକାର ଏହା ମଧ୍ୟ ଲକ୍ଷ୍ୟ କରିଛନ୍ତି ଯେ ଯଦି ଅନାଥ ପିଲାମାନଙ୍କୁ ପ୍ରତ୍ୟକ୍ଷ ପୋଷ୍ୟ ସନ୍ତାନ ବିଷୟରେ କଥାବା ୍ ହୁଏ, ତେବେ ଏହାକୁ ବନ୍ଦ କରାଯିବା ଉଚିତ କାରଣ ଏହା ଭୁଲ ଅଟେ। ସେପ୍ଟେମ୍ବର ୨୦୨୦ ରେ, ଜାତୀୟ ଶିଶୁ ଅଧିକାର ଆୟୋଗ ମଧ୍ୟ ଏକ ଟୋଲ୍ ଫ୍ରି ହେଲ୍ପଲାଇନ ନମ୍ବର ଜାରି କରିଛି ଯେଉଁଥିରେ ଏପରି ପିଲାମାନଙ୍କର ପ୍ରତ୍ୟହ କାଉନସେଲିଂ କରାଯିବ । ଯାହା ଦ୍ୱାରା ସେମାନଙ୍କୁ ମାନସିକ, ସାମାଜିକ ତଥା ମାନସିକ ସହାୟତା ଯୋଗାଇ ଦିଆଯାଇପାରିବ । ଏହା ମୁଖ୍ୟତ ପିଲାମାନଙ୍କୁ ତିନୋଟି ଶ୍ରେଣୀରେ ବିଭକ୍ତ କରିଥାଏ । ପ୍ରଥମ, ଯେଉଁ ପିଲାମାନେ କୋଭିଡ କେୟାର ସେ ରରେ କିମ୍ବା ଏକାକୀ ଅଛନ୍ତି, ଦ୍ୱିତୀୟରେ, ଯେଉଁମାନଙ୍କର ପିତାମାତା କିମ୍ବା ପିତାମାତା ସଂକ୍ରମିତ କୋଭିଡ -୧୯ ଏବଂ ତୃତୀୟରେ ଏହି ବିପର୍ଯ୍ୟୟରେ ଉଭୟ ପିତାମାତାଙ୍କୁ ହରାଇଥିବା ପିଲାମାନେ । କିଛି ଦିନ ପୂର୍ବେ ଆନ୍ତର୍ଜାତୀୟ ପରିବାର ଦିବସ ପାଳନ କରାଯାଇଥିଲା । ବିଭିନ୍ନ କାର୍ଯ୍ୟକ୍ରମରେ ପ୍ରବନ୍ଧ ମାଧ୍ୟମରେ ପରିବାର ସବୁକିଛି ବୋଲି ଦର୍ଶାଇବାକୁ ଚେଷ୍ଟା କରାଯାଇଥିଲା । ପରିବାର ହେଉଛି ସାହସ, ଶକ୍ତି, ସାମର୍ଥ୍ୟ ଓ ସୁଖ ଖୁସିର କେନ୍ଦ୍ର ବିନ୍ଦୁ । ଏଭଳି ପରିସ୍ଥିତିରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ଗମ୍ଭୀର ପ୍ରଶ୍ନ ହେଉଛି ଏହି ଅନାଥ ପିଲାମାନଙ୍କ ପାଇଁ ପରିବାର ବିନା କୌଣସି ବିକଳ୍ପ ପନ୍ଥା ନାହିଁ ।

ଅନ୍ୟପକ୍ଷରେ ସେମାନଙ୍କର ରକ୍ଷଣାବେକ୍ଷଣ, ସୁରକ୍ଷା ଏବଂ ପୁନର୍ବାସ ପାଇଁ ଅନ୍ୟ କିଛି ବିକଳ୍ପ ପରାମର୍ଶ ଦିଆଯାଇପାରିବ କି ? ପିଲାମାନଙ୍କର ସ୍ୱାର୍ଥ ପାଇଁ କାର୍ଯ୍ୟ କରୁଥିବା ଅନେକ ସଂସ୍ଥା ମଧ୍ୟ ପରାମର୍ଶ ଦେଇଛନ୍ତି ଯେ ପିଲାମାନେ ସେମାନଙ୍କର ଉ ମ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସେମାନଙ୍କ ପରିବାରଠାରୁ ଅଲଗା ହେବା ଉଚିତ୍ ନୁହେଁ। ତାହା ହେଉଛି, ସେହି ପରିବାରର ଯେ କୌଣସି ସମ୍ପର୍କୀୟ ସ୍ୱେଚ୍ଛାକୃତ ଭାବେ ସନ୍ତାନ ପୋଷ୍ୟ କରିବାକୁ ଚାହାଁନ୍ତି, ସେହି ବିକଳ୍ପଗୁଡ଼ିକୁ ଗମ୍ଭୀର ଭାବରେ ବିଚାର କରିବାକୁ ପଡ଼ିବ ଏବଂ ସଂରକ୍ଷଣ ଅଧିନିୟମ ଆକ୍ଟ ୨୦୧୫ ସମ୍ପର୍କୀୟମାନଙ୍କ ଦ୍ୱାରା ଯତ୍ନ ନେବା ସହିତ ସଂଯୁକ୍ତ ହେବା ଉଚିତ୍ । ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ବିବାଦ ଥିଲେ ସେହି ସମୟରେ ପିଲାଟି ସହିତ କିଏ ରହିବେ ବୋଲି ପ୍ରଥମେ ଶିଶୁ ସୁରକ୍ଷା ପ୍ରଶ୍ନ ଉଠିଥିଲା । ଏହାର ଆଇନଗତ ବ୍ୟବସ୍ଥା ଥିଲା ଯେ କୌଣସି ଶିଶୁର ସୁରକ୍ଷା ନିର୍ଣ୍ଣୟ କରିବାବେଳେ ଏହାର ନୈତିକ ବିକାଶ, ଏହାର ନିରାପ ।, ଶିକ୍ଷା ଏବଂ ଅର୍ଥନୈତିକ ନିରାପ । ଭଳି ପ୍ରଶ୍ନକୁ ଧ୍ୟାନରେ ରଖିବା ଉଚିତ୍ । ତାହା ହେଉଛି, ଆର୍ଥିକ ଦୃଷ୍ଟିରୁ ଧନୀ ବ୍ୟକ୍ତିଙ୍କୁ ସେମାନଙ୍କ ସନ୍ତାନର ଦାୟିତ୍ ଦିଆଯିବା ଉଚିତ, ଯିଏ ମାନସିକ ସହାୟତା, ସକରାତ୍ମକ ପରିବେଶ ପ୍ରଦାନ କରିପାରନ୍ତି । ଏବଂ ଅନ୍ୟ ପକ୍ଷକୁ ସାକ୍ଷାତ କରିବାର ଅଧିକାର ଦିଆଯିବା ଉଚିତ ଯାହା ଦ୍ୱାରା ପିଲା କୌଣସି ଅଭାବ ଅନୁଭବ କରିବେ ନାହିଁ । ଯଦିଓ ଏଠାରେ ପରିସ୍ଥିତି ସାମାନ୍ୟ ଭିନ୍ନ, ଶିଶୁଙ୍କ ସୁରକ୍ଷା ମାମଲାରେ ମଧ୍ୟ ଏଭଳି ପରିସ୍ଥିତି ଉପରେ ଆଲୋଚନା କରାଯାଇଛି ଯେଉଁଥିରେ କୋର୍ଟ ନିଷ୍ପ ି ନେଇଛନ୍ତି ଯେ ଯଦି ପିତାମାତା ଉଭୟ ନୁହଁନ୍ତି, ତେବେ ଜେଜେବାପା କିମ୍ବା ଜେଜେବାପାଙ୍କୁ କିମ୍ବା ନାନା - ନାନି ମଧ୍ୟ ଶିଶୁର ସୁରକ୍ଷା ଦିଆଯିବା ଉଚିତ୍ । ଏଥିରେ ପିଲାମାନଙ୍କର ଇଚ୍ଛା ଏବଂ ଅନୁମୋଦନ ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ଏହା ପରେ ଆସୁଥିବା ଦ୍ୱିତୀୟ ବିକଳ୍ପ ହେଉଛି ପୋଷ୍ୟ ସନ୍ତାନ । ଏହା ଠିକ ଯେ ଯେକୌଣସି ପରିସ୍ଥିତିରେ ଲାପ୍ ହୁଏ ।

ଶିଶୁକୁ ନେଇ କେବେ କାରବାର (ବିକ୍ରି/ ନାନାପ୍ରକାର ନିର୍ଯାତନା) କରାଯିବା ଉଚିତ ନୁହେଁ, କିନ୍ତୁ ଏହା ମଧ୍ୟ ମନେ ରଖିବାକୁ ହେବ ଯେ ଏହି ଅକାଳ ଅନାଥ ପିଲାମାନଙ୍କର ଯତ୍ନ ନିଆଯିବା ସହ ତୁରନ୍ତ ସେମାନଙ୍କ ନିମନ୍ତେ ସଠିକ୍ ଭାବରେ ପରିଚାଳନା କରାଯିବା ଉଚିତ । ସରକାରଙ୍କ ନିର୍ଦ୍ଦେଶନାମା, ଶିଶୁ ପୋଷ୍ୟ ସନ୍ତାନ ପାଇଁ ସମ୍ପୃକ୍ତ ଅନୁଷ୍ଠାନ ଅନୁସରଣ କରାଯିବା ଆବଶ୍ୟକ । ଏହା ମଧ୍ୟ ଏକ ସମୟାନୁବ ୀ କାର୍ଯ୍ୟ । ପୋଷ୍ୟ ସନ୍ତାନ ସହିତ ଜଡିତ ଆଇନଗତ ପ୍ରକ୍ରିୟାକୁ ମଧ୍ୟ ସମୀକ୍ଷା କରାଯିବା ଉଚିତ । ଯାହା ଦ୍ୱାରା ପୋଷ୍ୟ ସନ୍ତାନକୁ ବ ମାନ କିଛି ବିଭାଗରେ ବିଭକ୍ତ କରାଯିବା ଉଚିତ । ଅର୍ଥାତ୍ ପୂର୍ଣ୍ଣ ଏବଂ ଆଇନଗତ ପୋଷ୍ୟ ସନ୍ତାନ ବ୍ୟତୀତ ସ୍ୱଳ୍ପକାଳୀନ ପୋଷ୍ୟ ସନ୍ତାନ ମଧ୍ୟ ବ୍ୟବସ୍ଥା କରାଯିବା ଉଚିତ୍ । ଯାହା ପୃଥିବୀରେ ଆଇନଗତ ଭାଷାରେ ଏହାକୁ ଆଡପ୍ସନ୍ କୁହାଯାଏ । ଯାହା ଦ୍ୱାରା ସେମାନେଙ୍କ ସମ୍ପର୍କୀୟମାନେ, ଯେଉଁମାନେ ମାନବିକତା, ଏବଂ କରୁଣା ନାମରେ ପିଲାମାନଙ୍କର ଯତ୍ନ ନେବାକୁ ଚାହାଁନ୍ତି, ଏପରିକି ସେମାନଙ୍କୁ ତୁରନ୍ତ ସାହାଯ୍ୟ କରିବାକୁ ଚାହାଁନ୍ତି, ସେମାନଙ୍କ ଶିକ୍ଷାର ବ୍ୟବସ୍ଥା କରିବାକୁ ଚାହାଁନ୍ତି, ସେମାନଙ୍କୁ ପୋଷ୍ୟ ସନ୍ତାନ ଗ୍ରହଣର ଆଇନଗତ ପର୍ଯ୍ୟାୟରେ ମୁକ୍ତ ରଖିବାକୁ ଚାହାଁନ୍ତି । ଏଣୁ ଏହି ଅନାଥ ପିଲାମାନେ ଯଥା ସମ୍ଭବ ଆର୍ଥିକ ଏବଂ ସାମାଜିକ ସୁରକ୍ଷା ନିଶ୍ଚିତ କରିବା ଏକ ପ୍ରମୁଖ ଆହ୍ୱାନ । ଏଭଳି ପରିସ୍ଥିତିରେ, ଏହା ଦେଖିବାକୁ ପଡ଼ିବ ଯେ, ଏପରି ପିଲାମାନଙ୍କର ପିତାମାତା ଏକ ସରକାରୀ ଚାକିରିରେ ଅଛନ୍ତି କି ନାହିଁ । ମୃତ ନିର୍ଭରଶୀଳମାନଙ୍କ ପରି ଦୟାଳୁ କାରଣରୁ ସେମାନଙ୍କୁ ଚାକିରି ଦିଆଯାଇପାରିବ କି ନାହିଁ । ଯେଉଁ ସଂସ୍ଥାଗୁଡ଼ିକରେ ନିର୍ଭରଶୀଳ ଚାକିରୀ କରିବାର ବିକଳ୍ପ ସମାପ୍ତ ହୋଇଛି, ଏଥିରେ ମଧ୍ୟ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ପାଇଁ ବିଶେଷ ପରିସ୍ଥିତିରେ ଏହି ଜରୁରୀକାଳୀନ ବିକଳ୍ପ ଗ୍ରହଣ କରିବା ଉଚିତ । ଯେଉଁମାନେ କୋଭିଡ -୧୯ ମୃତ୍ୟୁବରଣ କରିଛନ୍ତି ଏବଂ ଏହିପରି ପିଲାମାନଙ୍କର ଜୀବିକା ନିର୍ବାହ କରିବାକୁ ଚେଷ୍ଟା କରିବେ । ଏହିପରି ପିଲାମାନଙ୍କୁ ଦିଆଯାଇଥିବା ସୁରକ୍ଷା ଏବଂ ପୁନର୍ବାସ ନୀତିକୁ ଦୁଇ ଭାଗରେ ବିଭକ୍ତ କରିବାକୁ ପଡିବ । ପ୍ରଥମ, ନିକଟ ମିଆଦି ଏବଂ ସ୍ୱଳ୍ପ ମିଆଦି ଯୋଜନା ଏବଂ ଦ୍ୱିତୀୟ, ସ୍ୱଳ୍ପ ମିଆଦି କିମ୍ବା ଦୀର୍ଘକାଳୀନ ଯୋଜନା । ଏହିପରି ପରିବାରଗୁଡ଼ିକୁ ଚିହ୍ନଟ କରିବା, ସେମାନଙ୍କର ତୁରନ୍ତ କୋଭିଡ୍ ପରୀକ୍ଷା, ସେମାନଙ୍କର ପରିମଳ, ଚିକିତ୍ସା ଏବଂ ସ୍ୱାସ୍ଥ୍ୟ ସୁବିଧା ଯୋଗାଇବା ଏବଂ ସମୟ ସମୟରେ ସେମାନଙ୍କୁ ଅବଗତ କରାଇବା ସ୍ୱଳ୍ପ ମିଆଦି ଯୋଜନାରେ ଗୁରୁତ୍ୱପୂର୍ଣ୍ଣ । ସେମାନଙ୍କ ଜୀବନ ବୀମା ପାଇବାକୁ, ବାଳିକା ଯୋଜନା ଅଧୀନରେ ସେମାନଙ୍କର ଜୀବିକା ଇତ୍ୟାଦି ନିଶ୍ଚିତ କରନ୍ତୁ । ଏକ ଆବଶ୍ୟକତା ମଧ୍ୟ ଅଛି ଯେ ଯିଏ ଏହିପରି ପିଲାମାନଙ୍କର ସୂଚନା ପାଇବ, ଏହା ସେମାନଙ୍କ ଜିଲ୍ଲାର ଶିଶୁ କଲ୍ୟାଣ କମିଟି ପାଇଁ ଏକ ଜରୁରୀ ସୂଚନା ଅଟେ । ସରକାରୀ ଉଦ୍ୟମ, ସମ୍ପ୍ରଦାୟର ସମର୍ଥନ, ଯଦି ଏହି ପିଲାମାନଙ୍କ ଜୀବନରେ ଆସେ ତେବେ ସମ୍ପର୍କୀୟମାନେ ନିଶ୍ଚିତ ସକରାତ୍ମକ ଭୂମିକା ଗ୍ରହଣ କରିବେ । ଯଦି ଆମେ ଏହି ଶୂନ୍ୟତା ପୂରଣ କରିପାରିବା, ତେବେ ଏଭଳି ଏକ ବିପର୍ଯ୍ୟୟ ସମୟରେ ମଲମ ପରି ଅନୁଭବ ହେବ...!!!


+ ଓଡିଆ ଭାଷା ଓ ସାହିତ୍ୟ ବିଭାଗୀୟ ମୁଖ୍ୟ
ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ , କଟକ -୪
(ମୋ): ୯୦୪୦୧୫୧୪୭୫


## କୋରୋନା ଆଣିଛି ଦାରୁଣ ପରିସ୍ଥିତି




ସମିତ ଦାଶ

ପ୍ରାୟ ଦେଢ଼ ବର୍ଷ ଧରି ମହାମାରୀ କୋରୋନା ସାରା ଦେଶକୁ ଆତଙ୍କିତ କରିଚାଲିଛି । ଗତ ବର୍ଷ ପ୍ରଥମ ଲହରୀରେ ଲୋକେ ଯେତେବେଳେ କୋରୋନା ରେ ସଂକ୍ରମଣ ହେଲେ ସେ ସମୟରେପ୍ରଥମେ ପନ୍ଦର ଦିନ ଲକ୍ ଡାଉନ୍ ହୋଇଥିଲା ହେଲେ ସଂକ୍ରମଣ କମିଲା ନାହିଁ ବହୁ ମାତ୍ରାରେ ବଢିଚାଲିଲା ପୁଣି ସରକାର ଲକ୍ ଡାଉନ୍ କଲେ । ଦିନକୁ ଦିନ କୋରୋନା ସଂକ୍ରମଣ ବଢ଼ିଚଳିଥାଏ ପରବ ୀ କାଳୀନ ସମୟରେ କୋରୋନା ଧିରେ ଧୀରେ କମିବା ରେ ଲାଗିଲା ଆକ୍ରାନ୍ତଙ୍କ ଅପେକ୍ଷା ସୁସ୍ଥଙ୍କ ସଂଖ୍ୟା ବୃଦ୍ଧି ହେବାରେ ଲାଗିଥିଲା । ହେଲେ କୋରୋନା ର ଦ୍ୱିତୀୟ ଲହର ଏ ଦେଶ ବସିଙ୍କ ପାଇଁ ବଡ଼ ବିପଦ ଡାକି ଆଣିଲା । ଦିନକୁ ଦିନ ଉଗ୍ର ରୂପ ନେଉଛି ମହାମାରୀ କୋରୋନା । କୋରୋନା କମିବାର ନାଁ ଧରୁନି ଦିନକୁ ଦେଶରେ ପ୍ରାୟ ଲକ୍ଷ ସଂଖ୍ୟକ ଲୋକ ସଂକ୍ରମଣ ହେଉଛନ୍ତି ଏବଂ ଲକ୍ଷାଧିକ ଲୋକଙ୍କ ମୃତ୍ୟୁ ବରଣ ହେଉଛି । ଆମ ଦେଶରେ ପୁଣି ଥରେ କାୟା ବିସ୍ତାର କରିଥିବା କୋରୋନା ଭାଇରସ ହୁ ହୁ ହୋଇ ବଢ଼ିବାରେ ଲାଗିଛି ସେଥିପାଇଁ ସରକାର ପୁଣି ଲକ୍ ଡାଉନ୍ ଏବଂ ସଟ ଡାଉନ୍ ବ୍ୟବସ୍ଥା କରିଲେ ହେଲେ କଣ ହବ ସଂକ୍ରମଣ ସେମିତି ବଢ଼ି ଚାଲିଛି । ଏବେ ଏ କୋରୋନା ର ନୂଆ ରୂପରେ ସଂକ୍ରମଣ ବଢ଼ି ଚାଲିଛି । ଏହା ଶୁଖିଲା ବସ୍ତୁ ଉପରେ ପ୍ରାୟ ଆଠ ଦିନ ରହିଯାଉଛି ଆଗ ଅପେକ୍ଷା ଏ ସହଜରେ ଦେହ ଭିତରେ ପ୍ରବେଶ କରୁଅଛି । ଦେହ ମୁଣ୍ଡ ଘୋଳା ବିନ୍ଧା କରେ ଓ ଥଣ୍ଡା ଜର କାଶ ଛିଙ୍କ ସର୍ଦ୍ଦି ହୁଏ ନିଃଶ୍ୱାସ ନେବାରେ ଭାରି ବାଧା ସୃଷ୍ଟି କରେ ଯେତେ ଖାଇଲେ ବି ଖାଦ୍ୟ ସ୍ୱାଦିଷ୍ଟ ଲଗେନି ଜର ହୋଇ ଦେହ ଦୃବଳ ଲାଗେ । କୋରୋନାର ଏହି ଦ୍ୱିତୀୟ ଲହର ପାଇଁ ସରକାର କଡ଼ା ପଦକ୍ଷେପ ଲାଗୁ କରିଛନ୍ତି ହେଲେ ତାହାକୁ କେହି ମାନୁ ନାହାନ୍ତି ସେଥିପାଇଁ ସଂକ୍ରମଣ ଦିନକୁ ଦିନ ବୃଦ୍ଧି ହେବାରେ ଲାଗୁଛି । ଲୋକ ମାନେ ଯଦି ନିଜ ସୁରକ୍ଷିତ ପାଇଁ ମାସ୍କ ପରିଧାନ, ହାତ ଧୋଇବେ ଏବଂ ସାମାଜିକ ଦୂରତା ରକ୍ଷା କରିବେ ତାହାଲେ ଏ ସଂକ୍ରମଣ କମିବାରେ ଲାଗିବ । ଗତ ବର୍ଷ କଥା ମନେ ପଡିଲେ ଦେହ ଶୀତେଇ ଉଠୁଛି । ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ କାହାର ଚକିରି ଗଲାଣି ତା କାହାର ବେପାର ରେ ବାଧା ସୃଷ୍ଟି କଲାଣି ଏହି ପରିସ୍ଥିତି ଲେକେ ପ୍ରାୟ ଚିନ୍ତା ରେ ରହୁଥିଲେ ହେଲେ ଏ ବର୍ଷ କୋରୋନା ର ଏ ନୂଆ ରୂପ ଦେଶକୁ ପ୍ରାୟ ଆତଙ୍କିତ କରୁଅଛି । ଏ କୋରୋନା ଏକ ଏମିତି ଭୟାନକ ରୋଗ ଏହା ବାୟୁରେ ମଧ୍ୟ ବ୍ୟପୁଅଛି । ଏହି ରୋଗ ଛୁଆଁ ଅଛୁଆଁ ର ଭେଦଭାବ ସୃଷ୍ଟି କରିଲାଣି ଏମିତି ଅସମୟ ପରିସ୍ଥିତି ରେ ପରିବାର ଲୋକେ,ପ୍ରିୟଜନ,ପାଖ ପଡୋଶୀ ଏମାନେ ସବୁ ଦୂରେଇ ଯାଆନ୍ତି ପରେ ନେଗେଟିଭ ହେଲା ପରେ ମଧ୍ୟ ସେ ଲୋକ ସାଙ୍ଗରେ କେହି ମିଶନ୍ତି ନାହିଁ । ଯେଉଁ ମଣିଷ ଦେହରେ ସାମାନ୍ୟ ଥଣ୍ଡା ଜର ଦେଖାଗଲା ତାହାକୁ ମଧ୍ୟ କୋରୋନା ରୋଗ ହୋଇଥାଏ । କୋରୋନା ର ଏହି ଦ୍ୱିତୀୟ ଲହରରେ ପ୍ରାୟ ଲକ୍ଷ ଲକ୍ଷ ଲୋକ ମୃତ୍ୟୁ ବରଣ କରିଛନ୍ତି । ଏହି ରୋଗରେ ଯେଉଁ ଲୋକ ମରୁଛନ୍ତି ସେମାନଙ୍କୁ ଅଛୁଆଁ ମନେ କରାଯାଉଛି । ଅନେକ ସ୍ଥାନରେ କୋରୋନା ମୃତକଙ୍କୁ ମହାପ୍ରୟାଣ ଗଡିଟିଏ ମଧ୍ୟ ସୁବିଧା ମିଳୁନି,ଯଦି ଗାଡ଼ି ମିଳୁଛି ତାହାଲେ ଦୁଇଶହ ରୁ ଚାରିଶହ ଟଙ୍କା ସେମାନଙ୍କୁ ମାଗାଯାଉଅଛି ଜାଗା ଜାଗାରେ ହଜାର ହଜାର ଟଙ୍କା ମଧ୍ୟ ମାଗୁଛନ୍ତି । ଅନ୍ତିମ ସଂସ୍କାରକୁ ନିଜ ଲେକେ ମଧ୍ୟ ଏଡାଇ ଦେଉଛନ୍ତି ସେହି ସମୟରେ କେତେକ ସହୃଦୟ ବ୍ୟକ୍ତି, ସମାଜସେବୀ, ସାୟାଦିକ, ସ୍ୱାସ୍ଥ୍ୟକର୍ମୀ, ଦରଦୀ କ ବ୍ୟ ପୋଲିସ୍ ପ୍ରଶାସନ ଏ କ୍ଷେତ୍ରରେ ହାତ ବଢାଉଛନ୍ତି । ଏହି ସମୟରେ ସେମାନଙ୍କୁ ଅଶେଷ ଅଶେଷ ଧନ୍ୟବାଦ କେଉଁଠି ରୋଗୀଙ୍କୁ ଆବଶ୍ୟକ ରୋଗ ଚିକିତ୍ସା ତଥା ଶଯ୍ୟାଟିଏ ମଧ୍ୟ ମିଳୁନି କେଉଁଠି ମଧ୍ୟ ଡାକ୍ତର ନର୍ସ ନିଜ ଦେହକୁ ବାଜି ଲଗେଇ କୋରୋନା ରୋଗୀକୁ ଭଲ କରିପାରୁଛନ୍ତି । ଆଜିର ଏ କୋରୋନା ଭୁତାଣୁ ଦ୍ୱାରା ସଂକ୍ରମିତ ଦେଶର ଖାଦ୍ୟ ବ୍ୟବସ୍ଥାରେ ମଧ୍ୟ ଭିନ୍ନତା ଦେଖାଯାଉଛି । ଏ ରୋଗ ଯେଉଁ ଭଳି ବ୍ୟାପିବାରେ ଲାଗିଲାଣି ଜମାରୁ କମିବାରେ ନାଁ ଧରୁନୀ ଦେଶରେ ସରକାର ଲାଗୁ କରିଥିବା ଲକ୍ ଡାଉନ୍ ଏବଂ ସଟ୍ ଡାଉନ୍ ବ୍ୟବସ୍ଥା ଗରିବ ଲୋକଙ୍କୁ ପ୍ରାୟ ପ୍ରଭାବିତ କରୁଅଛି । ଏହି ସମୟରେ ଗରିବ ଲୋକମାନେ କିଛି କାମ ପାଉନାହାନ୍ତି ଯାହା ଫଳରେ ସେମାନେ ବହୁତ ଅସୁବିଧାର ସମ୍ମୁଖିନ ହେଉଛନ୍ତି । ପ୍ରାୟ ସମୟ ସେମାନେ ଭୋକିଲା ରହୁଛନ୍ତି ଏହି ସମୟରେ ସମାଜସେବୀ ମାନେ ବହୁତ ପ୍ରକାର ସାହାଯ୍ୟ କରୁଛନ୍ତି । ମହାମାରୀ ସମୟରେ ସେମାନେ ନିଜ ଦେହକୁ ବାଜି ଲଗାଇ କର୍ମ କରିବାରେ ଲାଗିଛନ୍ତି କେଉଁଠାରେ ମାସ୍କ ବ ନ ତ କେଉଁଠାରେ ରାସନ ସାମଗ୍ରୀ ଓ ପରିବା ଯୋଗେଇ ଦେଉଛନ୍ତି ରାସ୍ତା କଡ଼ରେ ଥିବା ଲୋକ ମାନଙ୍କୁ ଖାଦ୍ୟ ପିଇବା ପାଣି ଯୋଗାଇ ଦେଉଛନ୍ତି । ସହର ଅପେକ୍ଷା ଗ୍ରାମା ଳରେ ଏହି ରୋଗ ଅଧିକ ବଢ଼ିବାରେ ଲାଗିଛି । ଅଧିକାଂଶ ଲୋକ ଅସଚେତନ ହୋଇ ରହୁଛନ୍ତି ସବୁଠି କଟକଣା ଥିବା ଭିତରେ ଗ୍ରାମା ଳରେ ବିବାହ, ବ୍ରତ, ମେଳା ଆଦି ଅନୁଷ୍ଠିତ ହେଉଅଛି ଲୋକମାନେ ମଧ୍ୟ କିଛି ନ ବୁଝି ସେହି ଭୋଜିରେ ସାମିଲ୍ ହେଉଛନ୍ତି । ଦେଶରେ ଏବେ ଟୀକାକାରଣ ମଧ୍ୟ ଚାଲୁଅଛି । ଏବେ ଏ ସଂକ୍ରମଣ ଦିନକୁ ଦିନ ବଢ଼ିଚାଲିଥିବା ବେଳେ ଟୀକାର ଘୋର ଅଭାବ ଦେଖାଯାଉଛି ଅଧିକାଂଶ ଟୀକା କେନ୍ଦ୍ରରେ ତାଲା ଝୁଲୁଛି ଯାହା ଫଳରେ ଅଧିକ ରୁ ଅଧିକ ଲୋକ ଟୀକା ଏପର୍ଯ୍ୟନ୍ତ ଯାଏଁ ନେଇପରିନାହାନ୍ତି । ସରକାର ଲକ୍ ଡାଉନ୍ ବୃଦ୍ଧି କରିବାରେ ଲାଗିଛନ୍ତି ହେଲେ ସଂକ୍ରମଣ ଜମାରୁ କମୁନାହିଁ । ଏହି କୋରୋନା ଯୋଗୁଁ ଗତ ବର୍ଷ ହୋଲି, ରଜ, ମହରମ୍, ଗଣେଶ ପୂଜା, ଦଶହରା, ଦୀପାବଳୀ, କା ିକ ପୂର୍ଣ୍ଣମାରେ ବୋଇତ ବନ୍ଦାଣ, ବଡଦିନ,ନୂଆବର୍ଷ ସବୁଠି ଖାଁ ଖାଁ ପରିବେଶ ଥିଲା । ସେହିପରି ମହାପ୍ରଭୁ ଶ୍ରୀ ଜଗନ୍ନାଥ ଏକା ଏକା ବଡ଼ ଦାଣ୍ଡରେ ଗଲେ ମାଉସୀ ମା ଘରକୁ ଯାଇଥିଲେ । କୋରୋନା ର ଏହି ଦ୍ୱିତୀୟ ଲହରରେ ସଂକ୍ରମଣ ବୃଦ୍ଧି ହେବା ସହିତ ଦିନକୁ ଦିନ ଲୋକଙ୍କର ମୃତୁ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । କୋରୋନାର ଏହି ନୂଆ ରୂପକୁ ଆମେ ସଚେତନ ଓ ସତର୍କ ରହି ମୁକାବିଲା କରିବାକୁ ହେବ ଏଥିପାଇଁ ଆମକୁ ବିଶେଷ ସାବଧାନ ଅବଲମ୍ବନ କରିବାକୁ ହେବ ମାସ୍କ ପରିଧାନ ହାତ ଧୁଆ ଓ ସାମାଜିକ ଦୂରତା ରକ୍ଷା କରିବା ଉପରେ ବିଶେଷ ଧାନ ଦେବାକୁ ହେବ । ଏବେ ଲୋକଙ୍କ ଦେହରେ ଅମ୍ଳଜାନ ର ଘୋର ଅଭାବ ଦେଖାଯାଉଛି । ସେଥିପାଇଁ ପ୍ରାୟ ଲୋକ ମୃତ୍ୟୁ ବରଣ କରୁଛନ୍ତି । ଦେଶରେ ଅମ୍ଳଜାନ ର ବହୁତ ଅଭାବ ଦେଖାଗଲାଣି ସେଥିପାଇଁ ଚାଲ ଭାଇ ମାନେ ମିଳିମିଶି ବୃକ୍ଷ ରୋପଣ କରିବା ସବୁଜ ବନାନୀ ଓ ସୁସ୍ଥ ପରିବେଶ ସୃଷ୍ଟି କରିବା । ଏ ଦେଶରେ ଲୋକେ ନିଜ କାମ କରିବା ପାଇଁ ଏବେ ବୃକ୍ଷକୁ କାଟିଦେଉଛନ୍ତି ସେଥିପାଇଁ ଅମ୍ଳଜାନର ଅଭାବ ଦେଖାଯାଉଛି । ଏବେ ଗଛ ଲଗାଇବା ଏବଂ ସାମାଜିକ ଦୂରତା ରକ୍ଷାକରି ଏ ରୋଗ ସହିତ ଲଢ଼ିବା ତାହାଲେ ରୋଗ ଦେଶ ଛାଡ଼ି ଚାଲିଯିବ ।


+ ପଲ୍ଲୀକ ।, ଏରସମା, ଜଗତସିଂହପୁର







## ଅନାବନା...

ଅଶୋକ କୁମାର ନାୟକ

କୁହେଳି
କୁହେଳି ନୁହେଁ ସେ ପ୍ରହେଳିକାମୟୀ
ପ୍ରେମିକାର ନିରବତା
ଅଧାବୁଝା ପୁଣି ଅଧିକ ଅବୁଝା
କୁଆଁରୀର ମନକଥା ?
କାକର
କାକର ନୁହେଁ ସେ ଅନୁରାଗ ଭିଜା
ଆବେଗର ମଧୁଝର
ପୁଲକିତ କେଉଁ ପ୍ରେୟସୀ ଆଖିର
ଦୁଇ ଟୋପା ଅଶ୍ରୁନୀର ?
ଝରା ପତର
(ଝରା) ପତର ନୁହେଁ ସେ
ଉଜୁଡା ପ୍ରେମର ଅଶ୍ରୁଳ ଆତ୍ମଲିପି
ମାଟି ମଲାଟରେ ମଥା ପିଟଇ କି ?
ସ୍ମୃତିର ରଙ୍ଗ ଲେପି ?
ଶୀତ
ଶୀତ ନୁହେଁ ସେତ ଗୋପନ ପ୍ରୀତିର
ଗହନ ଗୁମର ଗୀତ
ବୁଝିବାକୁ ବସି ରାତିଠାରୁ ପରା
ଦିନ ହୋଇଲାଣି ଛୋଟ ?


+ ସହାୟକ ପ୍ରାଧ୍ୟାପକ ଶିକ୍ଷକ ଶିକ୍ଷା ବିଭାଗ
ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ, ପୁରୀ ୭୫୨୦୦୧
(ମୋ) ୯୧୨୪୫୦୧୭୫୧





## ଆସିଲା ବରଷା...

ଡିସମ୍ବର ମେହେର



ଆକାଶର କଳା ବାଦଲ
ମନରେ ଭରିଦିଏ ଆଶା
ମୟୂର ନାଚି ଉଠେ
ଖୁସି ହୁଏ କେତେ ଚଷା ।
ଗୁଣୁ ଗୁଣୁ କରି ଗାଇଯାଏ
ଆଦିବାସୀ, ଦେଶିଆ ଗିତ
ସଜବାଜ କରେ ହଳ, ଲଙ୍ଗଳ
ମାଟିକୁ ଭଲ ପାଏ ମାଟିରମିତ ।
ଫୁଟିଲା ବାଲିରେ ଖୁଦ ଛତୁ
ପକ୍ୱ ହେଲା ଜାମୁକୋଳି
ଛୁଆ ଦିନର ସେଇ ଡଙ୍ଗାଖେଳ
କେବେ ବି ହବନି ସେ ଭୁଲି ।
ଦେଖ ହେ ସୁନ୍ଦର ଇନ୍ଦ୍ରଧନୁ
ରାମଗଡୁ ଥିପାଡଙ୍ଗରକୁ ଲମ୍ବିଛି
ସପ୍ତରଙ୍ଗରେ ସଜେଇ ହେଇ
ମୋ ଗାଁ ମାଟି ଆଜି ନିଆରା
ଦିଶୁଛି ।
ବରଷା ଆସିଲା ଧରଣୀ ହସିଲା
ହସିଲା ଏ ଜୀବଜଗତ
ପଶୁପକ୍ଷୀ, ବନ ପରବତ ଗାଇଲେ
ବରଷାରାଣୀର ମଙ୍ଗଳ ସଂଗୀତ ।


+ ଗଣ୍ଡାବାହାଲି ନୂଆପଡା


## ଗୁଜବକୁ କର ଦୂରୁ ଜୁହାର

ବିନୟ ଭୂଷଣ ପାଣିଗ୍ରାହୀ



ତୁଣ୍ଡବାଇଦର କବଂଧଟି ସାର
ଗୋଡ,ହାତ,ମୁଣ୍ଡ ନଥାଏ ତା'ର
ମାଦଳ ପରାୟ ଗଡି ଚାଲିଥାଏ
ନାହିଁ ଯେଣୁ କିଛି ହାରିବା ଡର।

ସମଭାବାପନ୍ନ ସଂଗେ ତାର ଭାବ
କ୍ଷୀର ସାଥେ ଯେହ୍ନେ ନିରୋଳା ନିର,
ମୁଣ୍ଡ ଥିବା ନର ପାଶ ନପଶଇ
ଅହିକୁ ଯେମନ୍ତ ନକୁଳ ଡର।

ନପରଖି ସତ୍ୟ ଗୁଜବ ପ୍ରଚାର
କରି ସୁଖପାଏ ଯେଉଁ ପାମର
ସଭିଙ୍କ ଅହିତ କରୁଥାଏ ସିଏ
ନଭାବି କେ'ନିଜ କିଏସେ ପର।

ସ୍ମଶାନେ ମାଦଳ ଗଡଇ ଅନ୍ଧାରେ
ସମାଜେ ସେମିତି ଗୁଜବକାରୀ
ଅଜ୍ଞାନ ଅନ୍ଧାର ସାହଚର୍ଯ୍ୟ ଲଭି
ବୁଦ୍ଧି ବିବେକକୁ ଦିଅନ୍ତି ସାରି।

କୁଆ ପରି ଛୁଆ ଆକାଶେ ଉଡିବା
ନୁହଁଇ କଦାପି ସମ୍ଭବପର
ବେଳ ଥାଉଥାଉ ଏକଥାଟି ହେଜି
ଗୁଜବକୁ କର ଦୂରୁ ଜୁହାର।।


+ ହରସିଂହ ପୁର,ପୀରହାଟ ବଜାର
ଭଦ୍ରକ,ଓଡିଶା-୩୧
ମୋ:୯୯୩୭୫୪୮୪୩୧, ୯୪୩୮୭୭୦୧୨୦


## ସ୍ୱପ୍ନ ଓ ରଙ୍ଗ...

ସୌମ୍ୟରଂଞ୍ଜନ ଭୂୟାଁ



ସବୁ ସ୍ୱପ୍ନ ମାନଙ୍କୁ ସଜିଲ୍ କରିଛି ସେ,
ଆଉ ମୁଁ ସ୍ୱପ୍ନ ସବୁକୁ
ଗଣ୍ଠିଲିରେ ପୁରେଇ
ବୁଲେ କାବୁଲିବାଲାର ବେଶଧରି ।

ଇଚ୍ଛା ହେଉକି ନହେଉ,
ବା ି ଚାଲେ ସବୁ ଚିହ୍ନା ମୁହଁଦେଖି ।

ଆଉ, ମୋ ସ୍ୱପ୍ନ ସବୁକୁ
ଧାର୍ ନେବାକୁ
ସେମାନଙ୍କ ଆଗ୍ରହ ବି
କିଛି କମ୍ ନୁହେଁ ।

ସ୍ୱପ୍ନ ହେଉ ଅବା ବାସ୍ତବତା
ଚିତ୍ରପଟ ତ ଏକା ନା,
ଖାଲି ଯାହା ରୂପ ଓ ରଙ୍ଗ
ଯାହା ଭିନ୍ନ ଭିନ୍ନ ...


ପୂରଣ, ସାଲେପୁର, କଟକ
(ମୋ) ୭୩୭୭୫୬୯୧୫୫

# ଗୋସେବା ଏକ ଅନନ୍ୟ ସେବା



ସୁବାସ କୁମାର ତାରଣିଆଁ

କେଉଁ ଅନାଦି କାଳରୁ ମନୁଷ୍ୟ ଓ ପଶୁପକ୍ଷୀମାନଙ୍କ ମଧ୍ୟରେ ରହିଆସିଛି ନିବିଡ଼ ସମ୍ପର୍କ। ପଶୁପକ୍ଷୀ ହେଲେ ବି ଏମାନଙ୍କ ବୁଝିବାର ଶକ୍ତି ମଣିଷଙ୍କଠାରୁ କୌଣସି ଗୁଣରେ କମ୍ ନୁହଁ। ଏଥିପାଇଁ ଲୋକମାନେ ଘରେ କୁକୁର, ବିଲେଇ, ଶୁଆ, ଶାରୀ ଆଦି ପୋଷୁଥିଲେ। ଏହି ପଶୁପକ୍ଷୀମାନଙ୍କୁ ପରିବାରର ଜଣେ ସଦସ୍ୟ ଭାବେ ଗ୍ରହଣ କରିବା, ସେମାନଙ୍କ ସହିତ ଉତ୍ତମ ଆଚରଣ ଓ ଉଚ୍ଚାରଣ କରିବା ଦ୍ୱାରା ଖୁବ୍ କମ୍ ଦିନରେ ସେମାନେ ଅତି ଆପଣାର ପାଲଟିଯାଆନ୍ତି ଏବଂ ମଣିଷର ସୁଖ ଦୁଃଖରେ ଭାଗୀ ହୁଅନ୍ତି। ଅନେକ ସମୟରେ ଏହି ପଶୁମାନେ ମାଲିକଙ୍କୁ ବଞ୍ଚାଇବାକୁ ଯାଇ ନିଜର ଜୀବନହାନୀ ଘଟିବା, ମାଲିକର ଅକାଳ ବିୟୋଗରେ ମ୍ରିୟମାଣ ହୋଇ ପରିବାର ସଦସ୍ୟଙ୍କ ଭଳି ଦୁଃଖରେ ଭାଙ୍ଗି ପଡ଼ି ମାଲିକଙ୍କୁ ଝରିବା ଆଦି ଖବର ଗଣମାଧ୍ୟମରେ ଦେଖିବାକୁ ମିଳିଛି। ଭାରତ ଏକ କୃଷି ପ୍ରଧାନ ଦେଶ। ଦେଶର ୭୦ ଭାଗ ଲୋକ କୃଷି ଉପରେ ନିର୍ଭରଶୀଳ। ଚାଷକାର୍ଯ୍ୟରେ ସାହାଯ୍ୟ କରିବା ପାଇଁ ପ୍ରତ୍ୟେକ ଲୋକ ଘରେ ବଳଦ ବା ଦାମୁଡ଼ି ରଖୁଥିଲେ। ଚାଷକାର୍ଯ୍ୟ ଆରମ୍ଭ ବିହନ ବୁଣିବା ଠାରୁ ରୁଆ ବେଉଷଣ ଏବଂ ଫସଲ ଅମଳ କରିବା ପର୍ଯ୍ୟନ୍ତ ବଳଦମାନେ ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି। ଏବେ କିନ୍ତୁ ସମୟ ବଦଳିଯାଇଛି, ପଶୁପକ୍ଷୀମାନଙ୍କ ସହିତ ଆଚରଣ ଓ ଉଚ୍ଚାରଣରେ ଅନେକ ଫରକ ଦେଖାଦେଇଛି। ସେମାନଙ୍କୁ ସହାନୁଭୂତି ମିଳିବା ବଦଳରେ ଅତ୍ୟାଚାର ବଢିଚାଲିଛି। ଆଧୁନିକ କୃଷି ଯନ୍ତ୍ରପାତି ଉଦ୍ଭାବନ ଫଳରେ ବଳଦ ଏବେ ଅଲୋଡ଼ା ପଶୁଟିଏ ପାଲଟି ଯାଇଛି। ବଳଦ ବଦଳରେ ଚାଷକାର୍ଯ୍ୟରେ ଏବେ ଟ୍ରାକ୍ଟର, ପାୱାର ଟିଲରକୁ ନିୟୋଜିତ କରାଯାଉଛି। ଧନୀ ଘରର ଲୋକମାନେ ଘରେ ସଉକରେ ଦାମୀ କୁକୁରକୁ ପାଳିବା ବ୍ୟତୀତ, ଲୋକମାନଙ୍କ ଘରେ ଆଉ ବଳଦ, ଶୁଆ, ଶାରୀଙ୍କୁ ଦେଖିବାକୁ ମିଳୁନାହିଁ। ବଳଦଙ୍କ ବଂଶ ଧୀରେ ଧୀରେ ଲୋପ ପାଇବାକୁ ବସିଲାଣି।

ଷଣ୍ଢଟିଏ ବୟସ ହୋଇଗଲାଣି। ଚରି ବୁଲିବାକୁ ଆଉ ସକ୍ଷମ ନାହିଁ। ଖାଦ୍ୟ ଅନ୍ୱେଷଣରେ ଯାହା ବାଡ଼ି ବଗିଚାରେ ପଶୁଛି, ସେ ମାର ମାର, ଧରଧର କରୁଛି। ମାଡ଼ ଭୟରେ ତଥା ଖାଦ୍ୟ ଅନ୍ୱେଷଣରେ ଗାଁ ଛାଡ଼ି ନିକଟସ୍ଥ ବଜାରରେ ଆଶ୍ରୟ ନେଇଥିବା ଷଣ୍ଢଟି ଏ ବୁଢା ବୟସରେ ପାଣି ମୁନ୍ଦିଏ ପିଇବା ପାଇଁ ବଜାରର ଏ ଦୋକାନ, ସେ ଦୋକାନରେ ମୁହଁ ବଢାଉଛି, ହେଲେ ପାଣି ମୁନ୍ଦିଏ ମିଳୁନି। ଷଣ୍ଢଟିର ଏ ବିକଳ ରୂପ ଦେଖି ତା ପାଇଁ କିଛି ଜେରିକେନ୍ ଆଉ ପାଣି ମୁନ୍ଦିଏ ଗୋଟିଏ ପାତ୍ରରେ ନେଇ ତାକୁ ପିଇବାକୁ ଦେଲାବେଳକୁ, ଜଣେ ପରିଚିତ ବ୍ୟକ୍ତି ଯିଏ ନିଜ ଗାଈଙ୍କ ଠାରୁ ସଂଗ୍ରହ କରିଥିବା ଦୁଗ୍ଧକୁ ବଜାରରେ ବିକ୍ରୟ କରିବାକୁ ଆସିଥିଲେ, ସେ ବ୍ୟକ୍ତିଜଣକ ମୋତେ କହିଲେ, ଏଇ ଗୋଟିଏ ଦିନ ଷଣ୍ଢଟିକୁ ପାଣି ମୁନ୍ଦିଏ ଦେଇଦେଲେ ଷଣ୍ଢଟିର ସବୁଦିନ ପାଇଁ କ'ଣ ଶୋଷ ମେଣ୍ଟିଯିବ ? ମୁଁ ବି ଗୋସେବା କରୁଛି। ପ୍ରତିଦିନ ସକାଳେ, ମଧ୍ୟାହ୍ନରେ ଓ ସଞ୍ଜରେ ଗାଈମାନଙ୍କୁ ଖାଇବାକୁ ଦିଏ, ସେମାନଙ୍କର ଯତ୍ନ ନିଏ, ସେମାନଙ୍କୁ ବିଲକୁ ଚରାଇବାକୁ ନିଏ। ମୋ ଭଳି ତୁମେ ଗୋସେବା କରିପାରିବ ତ ? ସେ ବ୍ୟକ୍ତିଙ୍କ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ମୁଁ କହିଥିଲି, ଆପଣ ଭଲ ପ୍ରଶ୍ନଟିଏ କରିଛନ୍ତି। ସମୟ ଅଭାବରୁ ହୁଏତ ମୁଁ ଆପଣଙ୍କ ଭଳି ସବୁଦିନ ଗୋସେବା କରିନପାରେ କି ଆପଣଙ୍କ ଭଳି ପୂଣ୍ୟ କାମ କରିବା ମୋର ଉଦ୍ଦେଶ୍ୟ ନୁହେଁ, ଷଣ୍ଢଟିର କରୁଣ ଦୃଶ୍ୟ ଦେଖି, ତାକୁ ପାଣିମୁନ୍ଦିଏ ପିଇବାକୁ ଦେଉଥିଲି। କିନ୍ତୁ ଆପଣ କହିଲେ ମୁଁ ପ୍ରତିଦିନ ଗୋସେବା କରୁଛି, ତାଙ୍କୁ ଖାଇବାକୁ ଦେଉଛି, ସେମାନଙ୍କର ଯତ୍ନ ନେଉଛି, ପ୍ରତିବଦଳରେ ଆପଣ ସେମାନଙ୍କଠାରୁ କିଛି ପାଇବାର ଆଶା ରଖି ସେମାନଙ୍କ ସେବା କରୁଛନ୍ତି। ବ୍ୟବସାୟ ଲକ୍ଷ୍ୟରେ ଅନେକ ଗୁଡ଼ିଏ ଗାଈମାନଙ୍କୁ ରଖି, ସେମାନଙ୍କ ଠାରୁ ଦୁଗ୍ଧ ସଂଗ୍ରହ କରି ତାକୁ ବଜାରରେ ବିକ୍ରି କରୁଛନ୍ତି। ଅଧିକ ଦୁଗ୍ଧ ସଂଗ୍ରହ ପାଇଁ ଗାଈମାନଙ୍କୁ କୃତ୍ରିମ ଔଷଧ ଓ ମାରାତ୍ମକ ଇଞ୍ଜେକସନ ଦେଇ କମ୍ ଦିନରେ ରୁଗ୍ଣ କରି ଦେଉଛନ୍ତି। ପରିଣତ ବୟସ ହୋଇଗଲେ ସେମାନଙ୍କୁ କଂସେଇ ହାତକୁ ଟେକିଦେଉଛନ୍ତି। ଅଣ୍ଡିରା ବାଛୁରୀଟିଏ ଜନ୍ମ ହେଲେ, ବୋଝ ଭାବି ତାକୁ ନେଇ କେଉଁ ଦୁର୍ଗମ ଅଞ୍ଚଳରେ ଛାଡ଼ିଦେଇ ଆସୁଛନ୍ତି। ଆପଣଙ୍କର ଗୋସେବା କରିବାର ମାନସିକତା କ'ଣ ଏଇଆ ? ଆପଣ ପ୍ରକୃତରେ ଯଦି ଗୋସେବା କରୁଛନ୍ତି, ତେବେ ରାସ୍ତାଘାଟ, ବଜାରରେ ଅତି ଦୟନୀୟ ଅବସ୍ଥାରେ ବୁଲୁଥିବା ବୁଲା ଗୋରୁ, ଗାଈ, ଷଣ୍ଢମାନଙ୍କୁ ନେଇ ସେମାନଙ୍କର ସେବା, ଯତ୍ନ କରିପାରିବ, ସେମାନଙ୍କୁ ଦୁଇଓଳି ଖାଇବାକୁ ଦେଇପାରିବ ? ଏହା ପରେ ସେ ବ୍ୟକ୍ତିଜଣଙ୍କ ମୋ ପ୍ରଶ୍ନର ଉତ୍ତର ଦେବାକୁ ଅସମର୍ଥ ହୋଇ ବାଟ କାଟି ଚାଲିଯାଇଥିଲେ।



ବର୍ତ୍ତମାନ ବଜାରରେ ଦୁଗ୍ଧର ଚାହିଦା ଦିନକୁ ଦିନ ବୃଦ୍ଧି ପାଉଥିବାରୁ ଅଧିକାଂଶ ବ୍ୟକ୍ତି ନିଜର କର୍ମସଂସ୍ଥାନ ଛାଡ଼ି ବ୍ୟବସାୟ ଲକ୍ଷ୍ୟରେ ଗୋପାଳନ କରି ସେମାନଙ୍କୁ ବଜାରରେ ମିଳୁଥିବା ନାନା ରକମର ନିକୃଷ୍ଟମାନର ଗୋଖାଦ୍ୟ ସହିତ କୃତ୍ରିମ ଔଷଧ ଓ ମାରାତ୍ମକ ଇଞ୍ଜେକସନ ଦେଇ ସେମାନଙ୍କ ଠାରୁ ଅଧିକ ପରିମାଣରେ ଦୁଗ୍ଧ ସଂଗ୍ରହ କରୁଛନ୍ତି। କୃତ୍ରିମ ଔଷଧ ଓ ଇଞ୍ଜେକସନ ଦେବା ଫଳରେ ଗାଈମାନେ ଖୁବ୍ କମ ବୟସରେ ବିଭିନ୍ନ ରୋଗର ଶିକାର ହୋଇ ଅକାଳରେ ମୃତ୍ୟୁବରଣ କରିଥାନ୍ତି। ଦୁଗ୍ଧ ଦେବାକୁ ଅସମର୍ଥ ହେଉଥିବା ରୁଗ୍ଣ ତଥା ବୟସ୍କ ଗାଈ ଏବଂ ଅଣ୍ଡିରା ବାଛୁରୀମାନଙ୍କୁ ବୋଝ ଭାବି କଂସେଇମାନଙ୍କ ହାତକୁ ଟେକି ଦିଆଯାଉଛି। ଦୁଗ୍ଧକୁ ଅପମିଶ୍ରଣ କରି ବଜାରରେ ବିକ୍ରୟ କରିବା ଫଳରେ ଛୋଟ ପିଲାଙ୍କ ଠାରୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ଏହି ଅପମିଶ୍ରଣ ଦୁଗ୍ଧକୁ ସେବନ କରି ଅନେକ ରୋଗର ଶିକାର ହେଉଥିବା ବେଳେ ପରୋକ୍ଷରେ ଏହି ଗୋପାଳକମାନେ ନିଜକୁ ଶ୍ରେଷ୍ଠ ଗୋସେବକ ଭାବେ ଡିଣ୍ଡିମ ପିଟି ସମାଜରେ ନାଁ କମାଇଥାନ୍ତି।

କେନ୍ଦ୍ରାପଡା ଜିଲ୍ଲା ଅସୁରେଶ୍ୱର ଗୋରକ୍ଷଣୀ କେନ୍ଦ୍ର ଓଡ଼ିଶାରେ ଏକ ପ୍ରସିଦ୍ଧ ଗୋସେବା କେନ୍ଦ୍ର ଭାବେ ପରିଚିତ। ୧୯୪୩ ମସିହାର ଘଟଣା। କେନ୍ଦ୍ରାପଡ଼ା ଜିଲ୍ଲାର ଅସୁରେଶ୍ୱର ନଦୀ କୂଳରେ ଜଣେ ହିନ୍ଦୁ ଯୁବକ, ତାଙ୍କର ଜଣେ ମୁସଲମାନ ବନ୍ଧୁଙ୍କ ସହିତ ବସି ଦୁଃଖ ସୁଖ ହେଉଥିବା ସମୟରେ କିଛି ମୁସଲମାନ ଲୋକ ଗୋଟିଏ ଗାଈକୁ ଜୋରଜବରଦସ୍ତ ନଦୀ କୂଳକୁ ନେଇଯାଉଥିଲେ ବୋଧହୁଏ ହତ୍ୟା କରିବା ଉଦ୍ଦେଶ୍ୟରେ। ଆସନ୍ନ ମୃତ୍ୟୁ ସମ୍ପର୍କରେ ସମ୍ଭବତଃ ସେହି ଗାଈଟି ଜାଣିପାରିଥିଲା। ତେଣୁ ସେ ଉଚ୍ଚସ୍ୱରରେ ରଡ଼ି ଛାଡ଼ିଥିଲା ନିଜ ଜୀବନ ବଞ୍ଚାଇବା ଲାଗି। ଗାଈଟିର ଏଭଳି କରୁଣ ଦୃଶ୍ୟ ଦେଖି ଦୁଇବନ୍ଧୁ ଉକ୍ତ ମୁସଲମାନ ଲୋକଙ୍କ ସହିତ ଦୀର୍ଘ ସମୟ ଯୁକ୍ତିତର୍କ, କଥା କଟାକଟି ପରେ ସେମାନେ ଗାଈଟିକୁ ଉଦ୍ଧାର କରିଥିଲେ। ସେହିଠାରେ ହିଁ ଏକ ଗୋସେବା କେନ୍ଦ୍ର ସ୍ଥାପନ କରାଯାଇଥିଲା ଯାହାର ନାମ ହେଉଛି ଅସୁରେଶ୍ୱର ଗୋରକ୍ଷଣୀ କେନ୍ଦ୍ର। କିଛି ସହୃଦୟ ବ୍ୟକ୍ତି ଓ ଗୋସେବକ ଏହି ଗୋସେବା କେନ୍ଦ୍ରର ତଦାରଖ କରୁଛନ୍ତି। ଇତି ମଧ୍ୟରେ ଏହି ଗୋସେବା କେନ୍ଦ୍ରଟି ୮୦ ବର୍ଷ ଅତିକ୍ରମ କରିସାରିଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ଅସୁବିଧା ହୋଇନାହିଁ। କିଛି ପାଇବାର ଆଶା ନଥାଇ ଚାଲିଛି ଏହି ଗୋରକ୍ଷଣୀ କେନ୍ଦ୍ର। ଗୋସେବା ପାଇଁ ଉତ୍ସର୍ଗୀକୃତ ଭାବନା ଥିବା ବ୍ୟକ୍ତିମାନେ ଏଠାରେ ନିୟୋଜିତ ଅଛନ୍ତି, ଯେଉଁମାନେ କି ବିଭିନ୍ନ ଅଞ୍ଚଳ ବୁଲି ବୁଲି ଏହି ଗୋରକ୍ଷଣୀ ପାଇଁ ଖାଦ୍ୟ ସଂଗ୍ରହ କରିଥାନ୍ତି। ମୁମୂର୍ଷ ତଥା ଦୟନୀୟ ଭାବେ ବୁଲୁଥିବା ଗୋମାତାମାନଙ୍କୁ ଦେଖାଶୁଣା କରିବା ପାଇଁ ଏହି ଗୋରକ୍ଷଣୀକୁ ନେଇଆସନ୍ତି। ଏହା ସମଗ୍ର ଦେଶରେ ଏକ ବିରଳ ଗୋସେବା କେନ୍ଦ୍ର। କାରଣ କେବଳ ଶାରୀରିକ ଅକ୍ଷମ, ଅନ୍ଧ, ଦୁର୍ଘଟଣାଗ୍ରସ୍ତ, ହଡ଼ାବୁଢା, ରୋଗଗ୍ରସ୍ତ ତଥା ବିକୃତ ଗାଈଗୋରୁଙ୍କୁ ଏଠାରେ ରଖାଯାଇଥାଏ। ଏପରିକି ଏହି ଗୋସେବା କେନ୍ଦ୍ରରୁ ଦୁଗ୍ଧ ସଂଗ୍ରହ କରାଯାଏ ନାହିଁ କିମ୍ବା ମୂତ୍ର ଓ ଗୋବର ବିକ୍ରି କରାଯାଏ ନାହିଁ। ସେଠାରେ ଜନ୍ମ ନେଉଥିବା ଦାମୁଡ଼ି କିମ୍ବା ଛଡ଼ାଙ୍କୁ ବିକ୍ରି କରାଯାଏ ନାହିଁ। ଅନ୍ୟ ଗୋପାଳନ କେନ୍ଦ୍ର ବା ଗୋଶାଳା ଗୁଡ଼ିକ ପରି ଏଠାରେ ଗୋ-ପ୍ରଦର୍ଶନୀ କରାଯାଏ ନାହିଁ। ପବିତ୍ର ଗୋଷ୍ଠାଷ୍ଟମୀରେ ଗୋ ସମ୍ବର୍ଦ୍ଧନା କରାଯାଏ। ଗୋସେବା କ୍ଷେତ୍ରରେ ଉଭୟ ହିନ୍ଦୁ ଓ ମୁସଲମାନ ସଂହତିର ଏକ ଅଦ୍ଭୁତପୂର୍ବ ଅନୁଷ୍ଠାନ ଭାବରେ ସମଗ୍ର ବିଶ୍ୱରେ ଏକ ଅନନ୍ୟ ଉଦାହରଣ ସୃଷ୍ଟି କରିପାରିଛି ଏବଂ ବିରଳ ଗୋତୀର୍ଥ ଭାବେ ହିନ୍ଦୁ ଏବଂ ମୁସଲମାନ ମାନଙ୍କର ଭାବାବେଗ ସହିତ ଜଡ଼ିତ ହୋଇ ରହିଛି। ଏହା ଦ୍ୱାରା ରାଜ୍ୟ ଓ ଦେଶର ବହୁ ସ୍ଥାନରେ ଏପରି ଗୋସେବା କେନ୍ଦ୍ର ସ୍ଥାପନ ହୋଇପାରିଛି। ଗାଈଗୋରୁଙ୍କ ପ୍ରତି ହିଂସାଭାବ ଦୂର କରିବା, ଗୋରୁ ଗାଈଙ୍କ ପ୍ରତି ଶ୍ରଦ୍ଧା ଓ ସମବେଦନା ଜଣାଇବା ହିଁ ଏପରି ଗୋସେବା କେନ୍ଦ୍ରର ଉଦ୍ଦେଶ୍ୟ।

ଆମ ରାଜ୍ୟରେ ଅନେକ ସ୍ଥାନରେ ବିଭିନ୍ନ ଗୋସେବା କେନ୍ଦ୍ର ସ୍ଥାପନ କରାଯାଇ ରାସ୍ତାଘାଟରେ ଅସହାୟ ଓ ରୋଗାଗ୍ରସ୍ତ ଅବସ୍ଥାରେ ବୁଲୁଥିବା ଗୋରୁ, ଗାଈମାନଙ୍କୁ ନେଇ ସେମାନଙ୍କ ସେବା ଶୁଶ୍ରୁଷା କରାଯାଉଛି। କିଛି ସହୃଦୟ ବ୍ୟକ୍ତି ନିଜ ସାମର୍ଥ୍ୟ ମୁତାବକ ଏହି ଗୋସେବା କେନ୍ଦ୍ରକୁ ଅର୍ଥ ପ୍ରଦାନ କରୁଛନ୍ତି ଯାହାଦ୍ୱାରା ଏହି ଗୋସେବା କେନ୍ଦ୍ର ସୁରୁଖୁରୁରେ ଚାଲୁଛି। ରାଜଧାନୀ ଭୁବନେଶ୍ୱରରେ ମଧ୍ୟ ବହୁ ସ୍ୱେଚ୍ଛାସେବୀ ସଂଗଠନ ଅଛନ୍ତି, ଯେଉଁମାନେ କି ରାଜଧାନୀ ରାଜରାସ୍ତାରେ ରୋଗାଗ୍ରସ୍ତ ଓ ଦୁର୍ଘଟଣାଗ୍ରସ୍ତ ଗୋରୁଗାଈମାନଙ୍କୁ ନେଇ ସେମାନଙ୍କୁ ଚିକିତ୍ସିତ କରାଇଥାନ୍ତି। ସେହିପରି ଅନେକ ସହୃଦୟ ବ୍ୟକ୍ତି ରାତି ପାହିଲେ ରାଜଧାନୀରେ ଖାଦ୍ୟ ଅନ୍ୱେଷଣରେ ବୁଲୁଥିବା ଗାଈ, ଗୋରୁ ଓ ଷଣ୍ଢମାନଙ୍କୁ ରୁଟି, କଦଳୀ, ସେଓ ଆଦି ବିଭିନ୍ନ ଖାଦ୍ୟ ପ୍ରଦାନ କରି ସେମାନଙ୍କ ତୃଷ୍ଣା ମେଣ୍ଟାଇଥାନ୍ତି। ଯଦି ପ୍ରଶାସନ ତରଫରୁ ସ୍ୱତନ୍ତ୍ର ସହାୟତା ପ୍ରଦାନ କରାଯାଇ ଅଧିକ ପରିମାଣରେ ଗୋସେବା କେନ୍ଦ୍ର ପ୍ରତିଷ୍ଠା କରାଯାଇ ପାରନ୍ତା, ତେବେ ଅସହାୟ ଅବସ୍ଥାରେ ବୁଲୁଥିବା ଗାଈ ଗୋରୁମାନଙ୍କୁ ଏହି ଗୋସେବା କେନ୍ଦ୍ରଗୁଡ଼ିକରେ ଅବସ୍ଥାପିତ କରାଯାଇ ପାରନ୍ତା ଓ ରାସ୍ତାରେ ବୁଲା ଗୋରୁ ଗାଈଙ୍କ ସଂଖ୍ୟା ହ୍ରାସ ପାଇପାରନ୍ତା, ଅନେକ ଦୁର୍ଘଟଣାକୁ ମଧ୍ୟ ରୋକାଯାଇ ପାରନ୍ତା।

+କଣ୍ଟି, ବାହାରଣା, ବାଲିକୁଦା, ଜଗତସିଂହପୁର
ମୋ : ୮୩୨୮୮୪୦୨୧୪

# ୧୩୫ କୋଟି ଟଙ୍କାର ଡ଼ଲଫିନ ରୋବଟ





ଆପଣ ନିଶ୍ଚିତ ଭାବରେ ଟିଭିରେ ରୋବଟ ଦେଖିଥିବେ । ତେବେ କେବେ ଦେଖିଛନ୍ତି କି ମାଛ ଆକୃତିର ରୋବଟ । ଆମେରିକାରେ ଏବେ ଏମିତି ଏକ ରୋବଟ ନିର୍ମାଣ କରାଯାଇଛି ଯାହାକି ଦେଖିବାକୁ ଅବିକଳ ଡ଼ଲଫିନ ଭଳି ହୋଇଛି । ଆମେରିକାରେ ଏକ କମ୍ପାନୀ ୪ ଟନ ଓଜନର ବିଶାଳ ରୋବଟ ଡଲଫିନ୍ ତିଆରି କରାଯାଇଛି । ଏହାର ମୂଲ୍ୟ ପ୍ରାୟ ୧୮୫ କୋଟି ଟଙ୍କା ହୋଇଥିବାବେଳେ ଏହାର ଲମ୍ବ ପ୍ରାୟ ୨.୫ ମିଟର ରହିଛି । ମେଡିକାଲ୍ ଗ୍ରେଡ୍ ସିଲିକନ୍ ଦ୍ୱାରା ଏହି ରୋବଟକୁ ନିର୍ମାଣ କରାଯାଇଥିବାବେଳେ ପାଣିରେ ଏହା ସହଜରେ ଭାସିପାରିଥାଏ ।

କେବଳ ସେତିକି ନୁହେଁ, ଏହା ପ୍ରକୃତ ଡଲଫିନ୍ ପରି ଆଚରଣ କରିପାରିବ । ଲୋକଙ୍କ ଭିଡ଼ ସାମ୍ନାରେ ଏହା ଅନ୍ୟ ଡ଼ଲଫିନ ଭଳି କ୍ରୀଡା ପ୍ରଦର୍ଶନ କରିପାରିବ । ଏହି କଂପାନୀ ପୂର୍ବରୁ ହଲିଉଡ ଫିଲ୍ମମାନଙ୍କ ପାଇଁ କୃତ୍ରିମ ଜୀବଜନ୍ତୁ ନିର୍ମାଣ କରିଥିବାବେଳେ ଏବେ ଡ଼ଲଫିନ ରୋବଟ ନିର୍ମାଣ କରିଛି । ଲସ୍ ଆଞ୍ଜେଲ୍ସର ଜନ୍ ସି ଆର୍ଗ ସ୍ୱୀମ ଷ୍ଟାଡିୟମରେ ଏହି ରୋବଟକୁ ଏବେ ପ୍ରଦର୍ଶିତ କରାଯାଉଥିବାବେଳେ ଛୋଟ ଛୋଟ ପିଲାମାନଙ୍କୁ ଏବେ ଏହା ଆକର୍ଷିତ କରୁଛି । ସୂଚନା ମୁତାବକ ୟୁରୋପରେ ୨୦ ଟି ଦେଶ ସର୍କସରେ ପଶୁମାନଙ୍କ ବ୍ୟବହାରକୁ ନିଷିଦ୍ଧ କରିଛନ୍ତି। କିନ୍ତୁ ଫ୍ଲୋରିଡା, ଓର୍ଲାଣ୍ଡୋ ଭଳି ସ୍ଥାନରେ ଡଲଫିନ୍ କ୍ରୀଡା ଦେଖିବାକୁ ପ୍ରତିବର୍ଷ ଶହ ଶହ ହଜାର ପର୍ଯ୍ୟଟକ ଆସିଥାନ୍ତି । ଆଉ ଏମାନଙ୍କ ସାମ୍ନାରେ ଖୁବ ଶୀଘ୍ର ରୋବଟ ଡ଼ଲଫିନ ଏହାର କ୍ରୀଡା ପ୍ରଦର୍ଶନ କରିବ ।

# ବିଳାସମୟ ଘରରେ ପରିଣତ ହେଲା ସ୍କୁଲ୍ ବସ୍



ବସ୍ ଭିତରେ ବିଳାସମୟ ଘର । ପାଖାପାଖି ୨୭୦ ସ୍କୋୟାର ଫୁଟର ସ୍କୁଲ ବସ ଏକ ବିଳାସମୟ ଘରରେ ପରିଣତ ହୋଇଛି । ଆଉ ଏଥିପାଇଁ ଖର୍ଚ୍ଚ ହୋଇଛି ପାଖାପାଖି ୩୫ ହଜାର ଡଲାର ଅର୍ଥାତ ୨୫ ଲକ୍ଷ ଟଙ୍କା । ଆଉ ଏହି ଘରେ ରହୁଛନ୍ତି ଜେଫ୍, ତାଙ୍କ ପତ୍ନୀ ଏନା ବେଟରଟନ, ତାଙ୍କର ୫ଜଣ ଛୁଆ, ଦୁଇଟି କୁକର ଏବଂ ଗୋଟିଏ ବିଲେଇ । ଜାତୀୟ ଗଣମାଧ୍ୟମରୁ ମିଳିଥିବା ସୂଚନା ଅନୁଯାୟୀ, ଏହି ବସ ଭିତରେ ବେଡ୍ରୁମ୍ ସମେତ, ବାଥରୁମ୍, ଟଏଲେଟ୍, ରେନ୍ ଫଲ୍ ସାୱାରର ମଧ୍ୟ ବ୍ୟବସ୍ଥା ରହିଛି । ତେବେ ବସ ଭିତରେ ଥିବା ଏହି ଘରର ଫଟୋ ସୋସିଆଲ ମିଡିଆରେ ଏବେ ବେଶ ଭାଇରାଲ ହେଉଛି । ବସ ଭିତରେ ଘର ଭଳି ସମସ୍ତ ସୁବିଧା ରହିଛି। କିଚେନାରୁ ଆରମ୍ଭ କରି ଏକ କିଙ୍ଗ ସାଇଜ୍ ବେଡ୍ ରୁମ୍ ମଧ୍ୟ ଏହି ବସ ଭିତରେ ରହିଛି । ଭିତରୁ ଦେଖିଲେ ଆପଣ ଅନୁମାନ ବି କରିପାରିବେ ନାହିଁ ଯେ, ଆପଣ ଏକ ବସ୍ ଭିତରେ ଅଛନ୍ତି । ତେବେ ଏହି ବିଳାସମୟ ଘରର ଫଟୋ ଏବେ ସୋସିଆଲ୍ ମିଡିଆରେ ଭାଇରାଲ ହେବାରେ ଲାଗିଛି ।

# ବୁଲେଟ ମନ୍ଦିର



ବୁଲେଟ୍ ମନ୍ଦିର । ମନ୍ଦିରରେ ପୂଜା ପାଉଛି ବୁଲେଟ୍ ଗାଡି । ଭାରତର କୋଣ ଅନୁକୋଣରେ ଅନେକ ଦେବାଦେବୀଙ୍କ ମନ୍ଦିର ରହିଛି । ଆଉ ଠାକୁରଙ୍କ ଦର୍ଶନ ଆଉ ଉପାସନା କରିବା ପାଇଁ ଲୋକେ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିଥାନ୍ତି । ମନ୍ଦିରରେ ରହିଥାଏ ଠାକୁରଙ୍କ ପ୍ରତିମୂର୍ତ୍ତି, ଆସ୍ଥାନ । କିନ୍ତୁ ଆଜି ଆମେ ଆପଣଙ୍କୁ ଏମିତି ଏକ ଲୋକପ୍ରିୟ ମନ୍ଦିରକୁ ବୁଲାଇନେବୁ, ଯେଉଁଠି ଦେବାଦେବୀଙ୍କୁ ନୁହେଁ ବରଂ ବୁଲେଟ ଗାଡିକୁ ପୂଜା କରିଥାନ୍ତି ଲୋକେ । ଏହା ଶୁଣି ହୁଏତ ଆପଣ ଆଶ୍ଚର୍ଯ୍ୟ ହୋଇଯାଇଥିବେ, କିନ୍ତୁ ଏହା ସତ । ଆସନ୍ତୁ ଜାଣିବା ଏହି ବୁଲେଟ୍ ମନ୍ଦିର ବାବଦରେ ପୂରା ତଥ୍ୟ।

ରାଜସ୍ଥାନର ଜୋଧପୁର-ପାଲି ରାଜପଥଠାରୁ ୨୦ କିଲୋମିଟର ଦୂରରେ ରହିଛି ଏହି ବୁଲେଟ୍ ମନ୍ଦିର। ଏହି ମନ୍ଦିର ଓମ୍ ବନା ମନ୍ଦିର ଭାବେ ମଧ୍ୟ ଜଣାଶୁଣା । ପୂର୍ବରୁ ହୁଏତ ଏହି ମନ୍ଦିର ବାବଦରେ କେହି ଜାଣିନଥିଲେ, କିନ୍ତୁ ଏହା ଏବେ ବେଶ୍ ପରିଚିତ । ୧୯୮୮ର କଥା । ଯେତେବେଳେ ରାଜସ୍ଥାନର ରାଜପୁତ ପରିବାରର ଓମ୍ ବନା ନିଜ ବୁଲେଟ୍ ବାଇକ୍ ନେଇ ଯାଉଥିଲେ, ରାସ୍ତାରେ ତାଙ୍କର ଦୁର୍ଘଟଣା ଘଟିଥିଲା । ଆଉ ଏହି ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ହୋଇଥିଲା । କୁହାଯାଏ, ଦୁର୍ଘଟଣା ପରେ ତାଙ୍କ ବାଇକଟିକୁ ଥାନାକୁ ନିଆଯାଇଥିଲା। କିନ୍ତୁ ବାଇକଟି ଥାନାରୁ ଗାୟବ ହୋଇଗଲା ଏବଂ ଦୁର୍ଘଟଣା ସ୍ଥାନରୁ ପୁଣି ସେହି ବାଇକକୁ ଉଦ୍ଧାର କରାଗଲା, ଯେଉଁଠି ଓମ୍ ବନାଙ୍କ ଦୁର୍ଘଟଣା ହୋଇଥିଲା । ଏମିତି ଯେତେ ଥର ବାଇକକୁ ଥାନାକୁ ଅଣାଯାଉଥିଲା, ବାଇକଟି ଥାନାରୁ ଗାୟବ ହୋଇଯାଉଥିଲା । ଆଉ ସେହି ଦୁର୍ଘଟଣା ସ୍ଥାନରୁ ହିଁ ମିଳୁଥିଲା । ଏମିତି କି ପୁଲିସ ଚେନ୍ ସାହାଯ୍ୟରେ ଥାନା ଭିତରେ ବୁଲେଟଟିକୁ ବାନ୍ଧି ରଖୁଥିଲେ ମଧ୍ୟ, ବୁଲେଟ୍ ସେଠାରୁ ଗାୟବ ହୋଇଯାଉଥିଲା ।

ଏହା ପରେ ଏହାକୁ ଚମତ୍କାର ଭାବି ବୁଲେଟଟିକୁ ସେହି ଦୁର୍ଘଟଣା ସ୍ଥାନରେ ସ୍ଥାପିତ କରାଯାଇଥିଲା। ଏହା ପରେ ଲୋକେ ବୁଲେଟକୁ ପୂଜାର୍ଚ୍ଚନା କରିବା ଆରମ୍ଭ କରିଦେଲେ ଏବଂ ଏହି ବୁଲେଟ୍ ପ୍ରତି ଲୋକଙ୍କ ଆସ୍ଥା ମଧ୍ୟ ବଢି ବଢି ଚାଲିଲା । ଲୋକଙ୍କ ବିଶ୍ୱାସ ରହିଛି, ଏହି ବୁଲେଟ୍ ସେମାନଙ୍କର ରକ୍ଷା କରିଥାଏ ଏବଂ ସମସ୍ତଙ୍କର ମନସ୍କାମନା ପୂରଣ କରିଥାଏ । କୁହାଯାଉଛି, ଯେବେଠାରୁ ଏହି ମନ୍ଦିର ନିର୍ମାଣ କରାଗଲାଣି, ସେବେଠାରୁ ସେଠାରେ କୌଣସି ଦୁର୍ଘଟଣା ଘଟିନାହିଁ ।

# କୋଭିଡ ପାଇଁ ଦୁଇଟି ଆୟୁର୍ବେଦିକ ଆଖି ଔଷଧ



କରୋନା ସମଗ୍ର ବିଶ୍ୱକୁ ଆକ୍ରାନ୍ତ କରିଛି। ଏହି ପରିସ୍ଥିତିରେ ସଚେତନତା, ପ୍ରତିରୋଧ, ପ୍ରତିଷେଧକ ବ୍ୟବସ୍ଥା ରହିବା ଆବଶ୍ୟକ। ଏହା ନାକ, ପାଟି, ଆଖି ଦ୍ୱାରା ଶରୀର ମଧ୍ୟକୁ ପ୍ରବେଶ କରିଥାଏ। ରୋଗୀର କଥାବାର୍ତ୍ତା, ଶ୍ୱାସ, ଛିଙ୍କ, କାଶ, କଫରୁ ବାହାରି ୬ ଫୁଟ ମଧ୍ୟରେ ଥିବା ଅନ୍ୟ ବ୍ୟକ୍ତିଙ୍କୁ ସଂକ୍ରମିତ କରେ। ରୋଗୀ ବ୍ୟବହାର କରୁଥିବା ବସ୍ତୁର ସଂସ୍ପର୍ଶରେ ଆସିଲେ ମଧ୍ୟ ଏହି ରୋଗ ହୋଇଥାଏ। ସଂକ୍ରମଣ ହେବାର ୧୪ ଦିନ ମଧ୍ୟରେ ରୋଗର ଲକ୍ଷଣ ଯଥା ଥଣ୍ଡା, ସର୍ଦ୍ଦି, ନାକ, ଆଖିରୁ ପାଣି ବାହାରିବା, ଜ୍ୱର, କାଶ ଆଦି ସାମାନ୍ୟ ବା ଗୁରୁତର ଭାବରେ ଦେଖାଦିଏ; ଯାହାର ଭୂତାଣୁ ପରିମାଣ, ରୋଗ ପ୍ରତିରୋଧ ଶକ୍ତି ଉପରେ ନିର୍ଭର କରେ। ଆଖି ଲାଲ ହେବା, ପାଣି ବହିବା, ଆଖି ଫୁଲିବା, ଯନ୍ତ୍ରଣା ହେବା ଆଦି ଲକ୍ଷଣ ଯାହା ସାଧାରଣ ଭୂତାଣୁ ଜନିତ ରୋଗରେ ଦେଖାଦିଏ, ଏଥିରେ ମଧ୍ୟ ଏହା ଦେଖାଯାଏ। ଏହି ପରିପ୍ରେକ୍ଷୀରେ ଦୁଇଟି ଆର୍ୟୁବେଦିକ ଔଷଧର ବ୍ୟବହାର ଆଖିର ଚିକିତ୍ସା ସହିତ କରୋନା ରୋଗକୁ ଭଲ କରିବାରେ ସହାୟକ ହୁଏ। ଏହି ଆଖି ଔଷଧର ନାମ ହେଲା ITIS, ITONE । ଏହି ଆଖି ଡ୍ରପରେ ନିମ୍ବ, ହରିଦ୍ରା, ତୁଳସୀ, ପୁଦିନା, ଭୃଙ୍ଗରାଜ ଆଦି ରହିଛି। ଏହା ବ୍ୟତୀତ ଓଞ୍ଚଓଝ ରେ ଚନ୍ଦନ ତେଲର ଦୁଇଟି ଅଂଶ ଶ୍ୱେତ ଚନ୍ଦନ, ରକ୍ତଚନ୍ଦନ। ଓଞ୍ଚଙଘର ରେ ଶ୍ୱେତ ଚନ୍ଦନ ରହିଛି। ଏହି ଦୁଇଟି ଆଖି ଔଷଧ ମଧ୍ୟରୁ ଯେକୌଣସି ଗୋଟିଏ ଡ୍ରପ ସକାଳେ, ସନ୍ଧ୍ୟାରେ ଦୁଇ ଥର, ଉଭୟ ଆଖିରେ ଏକ ବୁନ୍ଦା ଲେଖା ୩ ସପ୍ତାହ ପର୍ଯ୍ୟନ୍ତ ପକାଇଲେ କରୋନା ରୋଗର ପ୍ରକୋପ, ବିସ୍ତାରକୁ ନିୟନ୍ତ୍ରଣ କରାଯାଇ ପାରିବ। ମୁଁ, ମୋର ପରିବାର, ଆତ୍ମୀୟ ବନ୍ଧୁମାନେ ITIS ଆଖି ଡ୍ରପର ବ୍ୟବହାର କରି ଉତ୍ତମ ଫଳ ପାଇଛନ୍ତି। ଯେଉଁ ସ୍ଥାନରେ ସଂକ୍ରମଣ ଆରମ୍ଭ ହେବା ଦେଖାଯାଉଛି ସେଠାରେ ବାସ କରୁଥିବା ରୋଗୀ, ସଂସ୍ପର୍ଶରେ ଆସୁଥିବା ଲୋକେ ଏହି ଔଷଧ ବ୍ୟବହାର କଲେ ଭଲ। କୌଣସି ସ୍ଥାନରେ ଏହି ରୋଗ ପ୍ରାଦୁର୍ଭାବ ଦେଖାଯିବା ସମୟରେ କୋଭିଡ ନିମନ୍ତେ ଅନ୍ୟ ନିର୍ଦ୍ଦେଶ ମାନିବା ସହିତ ଦୁଇଟି ଔଷଧରୁ ଗୋଟିଏ ବ୍ୟବହାର କଲେ ଏହା କରୋନା ରୋଗ ପ୍ରତିରୋଧକ ଭାବରେ କାର୍ଯ୍ୟ କରିବ। ସରକାରଙ୍କ ଆଦେଶ ଅନୁଯାୟୀ, କୋଭିଡ ୧୯ର ପ୍ରତିଷେଧକ ଟିକା ନେବା ଆବଶ୍ୟକ।

## ରାଜଧାନୀରେ ନକଲି ଟିଭି ରାକେଟ୍‌ର ପର୍ଦ୍ଦାଫାସ

ଭୁବନେଶ୍ୱର,୧/୬ (ନି.ପ୍ର): ରାଜଧାନୀ ଭୁବନେଶ୍ୱରରେ ନକଲି ଟିଭି କାରବାରର ପର୍ଦ୍ଦାଫାସ ହୋଇଛି। ୧୫୦ରୁ ଅଧିକ ନକଲି ଟିଭି ଜବତ କରାଯାଇଥିବା ବେଳେ ୪ ଜଣଙ୍କୁ ଗିରଫ କରିଛି କମିଶନରେଟ୍ ପୁଲିସ୍। ଭୁବନେଶ୍ୱର ଡିସିପିଙ୍କ ସୂଚନା ଅନୁଯାୟୀ, ଗୁଇନ୍ଦା ସୂଚନା ପ୍ରକାରେ ରାଜଧାନୀର ବିଭିନ୍ନ ସ୍ଥାନରେ ଚଢ଼ାଉ ବେଳେ ଦେଢ଼ ଶହରୁ ଅଧିକ ନକଲି ଟିଭି ଜବତ କରାଯାଇଛି। ଲକ୍ଷ୍ମୀସାଗର, ବଡ଼ଗଡ଼, ଏୟାରପୋର୍ଟ ଓ ମଞ୍ଚେଶ୍ୱର ଅଞ୍ଚଳରେ ଏହି ଚଢ଼ାଉ କରାଯାଇଥିଲା। ଡିସିପି କହିଛନ୍ତି, ଏକ ନିର୍ଦ୍ଦିଷ୍ଟ ବ୍ରାଣ୍ଡେଡ କଂପାନୀର ଲୋଗୋ ଲଗାଇ ଅଭିଯୁକ୍ତମାନେ ଟିଭି ଗୁଡ଼ିକୁ ବିକ୍ରି କରୁଥିଲେ। ଅରିଜିନାଲ ଟିଭିର ଦାମ୍ ଠାରୁ ପ୍ରାୟ ଅଧା ଦାମ୍‌ରେ ସେମାନେ ଏହି ଟିଭି ଗୁଡ଼ିକୁ ବିକ୍ରି କରୁଥିଲେ। ବିଶେଷତଃ ବସ୍ତି ଓ ଶସ୍ତାରେ ନାମୀଦାମୀ ବ୍ରାଣ୍ଡର ଟିଭି ଖୋଜୁଥିବା ଲୋକଙ୍କୁ ସେମାନେ ଟାର୍ଗେଟ୍ କରୁଥିଲେ। ଟିଭି ଗୁଡ଼ିକ ସିଧାସଳଖ ପାରାଦୀପ ବନ୍ଦରରୁ ଆସୁଥିବାରୁ ଟ୍ୟାକ୍ସ ପଡୁନଥିବା ସେମାନେ ଗ୍ରାହକମାନଙ୍କୁ କହୁଥିଲେ। ତେବେ ସେମାନେ କେତେ ଦିନ ହେଲାଣି ଏ ବ୍ୟବସାୟରେ ଲିପ୍ତ ଥିଲେ ଓ କେତେ ଟିଭି ବିକ୍ରି କରିଛନ୍ତି, ତାହା ତଦନ୍ତ ପରେ ଜଣାପଡ଼ିବ।

# ତାଲାବନ୍ଦ ସମୟରେ ସରକାର ଦୁଗ୍ଧଚାଷୀଙ୍କ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଅନ୍ତୁ: କିଷାନ କଂଗ୍ରେସ

ଭୁବନେଶ୍ୱର,୧/୬ (ନି.ପ୍ର): ବର୍ତ୍ତମାନ ସାରା ରାଜ୍ୟରେ ତାଲାବନ୍ଦ ସମୟରେ ଦୁଗ୍ଧ ଓ ଦୁଗ୍ଧଜାତ ସାମଗ୍ରୀ ବିକ୍ରି କରିବାରେ ଚାଷୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ। ଓମ୍‌ଫେଡ଼ ସଂସ୍ଥା ମଧ ବର୍ତ୍ତମାନ ୨ ଲକ୍ଷ ଲିଟରରୁ ଅଧିକ ଦୁଗ୍ଧ ଚାଷୀଙ୍କଠାରୁ କ୍ରୟ କରୁନାହିଁ। ତତ୍‌ସହିତ ଉପକୂଳବର୍ତୀ କେତୋଟି ଜିଲ୍ଲାରେ ବିଗତ ବାତ୍ୟା ଓ ବର୍ଷା ଦ୍ୱାରା ଚାଷୀ କ୍ଷତିଗ୍ରସ୍ତ। ଠିକ୍ ଏହି ସମୟରେ ଗୋଖାଦ୍ୟର ଅହେତୁକ ଦରବୃଦ୍ଧି ଚାଷୀଙ୍କ ପାଇଁ ଏକ ଚିନ୍ତାର ବିଷୟ ହୋଇଛି। ଫଳରେ ଏହାଦ୍ୱାରା ଦୁଗ୍ଧ ଚାଷୀମାନେ ସବୁଠାରୁ ଅଧିକ କ୍ଷତି ସହୁଛନ୍ତି ବୋଲି ପ୍ରଦେଶ କଂଗ୍ରେସ କମିଟି କୃଷକ ସେଲ୍ ଅଧକ୍ଷ ଅମୀୟ କୁମାର ପଟ୍ଟନାୟକ ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି। ତେଣୁ ସରକାର ତୁରନ୍ତ ଗୋଖାଦ୍ୟ ବ୍ୟବସାୟୀମାନଙ୍କ ମନମାନି ବନ୍ଦ କରିବା, ଗୋଖାଦ୍ୟ ଦରବୃଦ୍ଧିର ନିୟନ୍ତ୍ରଣ, ସମସ୍ତ ଦୁଗ୍ଧଚାଷୀଙ୍କର ଠାରୁ ସବୁ ବଳକା ଦୁଗ୍ଧ କ୍ରୟ କରିବା ଓ ଗୋପାଳକମାନଙ୍କୁ ଅତ୍ୟନ୍ତ ପକ୍ଷେ ଦୁଇମାସ ପାଇଁ ମାଗଣାରେ ଗୋ-ଖାଦ୍ୟ ଯୋଗାଇ ଦେବା ଏବଂ ବଳକା ଦୁଗ୍ଧକୁ ସରକାର ନିଜେ କ୍ରୟ କରି ବିଭିନ୍ନ ଚିକିତ୍ସାଳୟର ରୋଗୀମାନଙ୍କୁ ପୁଷ୍ଟିକର ଖାଦ୍ୟ ଭାବେ ମାଗଣାରେ ବଂଟନ କରିବା ସହିତ ଗୋଚର ଜମିର ସୁରକ୍ଷା, ପ୍ରତି ପଂଚାୟତସ୍ତରରେ ଘାସ ଚାଷ ପାଇଁ ବ୍ୟାପକ ସୁଯୋଗ ସୃଷ୍ଟି କରିବାକୁ ପିସିସି କିଷାନ କଂଗ୍ରେସ ପକ୍ଷରୁ ଅଧକ୍ଷ ଶ୍ରୀ ପଟ୍ଟନାୟକ ଦାବୀ କରିଛନ୍ତି।

## ଶ୍ରୀଲିଙ୍ଗରାଜଙ୍କ ଚନ୍ଦନ ଯାତ୍ରା ପାଇଁ ଜେନେରେଟର୍ ଦାନ



ଭୁବନେଶ୍ୱର,୧/୬ (ନି.ପ୍ର): କରୋନା ଯୋଗୁଁ ଲକ୍ ଡାଉନ୍ ଚାଲିଥିବା ବେଳେ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଚନ୍ଦନ ଯାତ୍ରା ଚାଲୁ ରହିଛି। ଚନ୍ଦନଯାତ୍ରା ବେଳେ ଡ଼ଙ୍ଗାରେ ଲାଗିଥିବା ଜେନେରେଟର ଖରାପ ଯୋଗୁଁ ଠାକୁର ଦୁଇ ଦିନ ଚାପ ଡ଼ଙ୍ଗା ଅନ୍ଧାର ରହିଥିଲା। ଏହା ଜାଣିବା ପରେ ପୁରୁଣା ଭୁବନେଶ୍ୱରର ସମାଜସେବୀ ଆଦିତ୍ୟ ମହାପାତ୍ର ଏକ ଶବ୍ଦ ବିହିନ ଜେନେରେଟର ମନ୍ଦିର ପ୍ରଶାସନକୁ ଦାନ କରିଥିଲେ। ଏବେ ଚାପ ଡ଼ଙ୍ଗାରେ ବିଦ୍ୟୁତ୍ ସଂଯୋଗ ହୋଇ ଚନ୍ଦନଯାତ୍ରା ହେଉଥିବାରୁ ସେବାୟତ ସାଧାରଣ ବ୍ୟକ୍ତି ଆଦିତ୍ୟଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଛାତ୍ର କଂଗ୍ରେସ ବାସୁଦେବପୁର ବନ୍ୟାଂଚଳ ପରିଦର୍ଶନ ଓ ରିଲିଫ ବଂଟନ

ଭୁବନେଶ୍ୱର,୧/୬ (ନି.ପ୍ର): ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ସୟଦ ୟାସିର ନୱାଜ ଗତକାଲି ୟାସ ବାତ୍ୟା ଓ ବନ୍ୟା ପ୍ରଭାବିତ ବାସୁଦେବପୁର ନିର୍ବାଚନ ମଣ୍ଡଳୀର ପଦ୍ମପୁର ଗ୍ରାମ ପଂଚାୟତ ଅନ୍ତର୍ଗତ ସରତର ପୁର, ବଡଅଗାପୁର, ସାନ ଅଗାପୁର, ଜଗନ୍ନାଥ ପ୍ରସାଦ ଗ୍ରାମ ପଂଚାୟତ ଅନ୍ତର୍ଗତ ବନ୍ଧ ସାହି, ମିଶରପୁର, ଡାଙ୍ଗମାଳ, ଲକ୍ଷ୍ମୀଦାସପୁର ଗ୍ରାମ ପଂଚାୟତ ଅନ୍ତର୍ଗତ ଶ୍ରୀବସ୍ତପୁର, ନିପୁର, ଜୀବନପୁର ଗସ୍ତକରି ଦୁର୍ଗତ ଲୋକମାନଙ୍କୁ ଶୁଖିଲା ଖାଦ୍ୟ ବଂଟନ କରିଥିଲେ। ବାଲିମେଦ ଗ୍ରାମ ପଂଚାୟତର ୟୁପି ସ୍କୁଲରେ ରନ୍ଧାଖାଦ୍ୟ ମଧ ବଂଟନ କରାଯାଇଥିଲା। କେତେକ ଗ୍ରାମକୁ ଡଙ୍ଗା ସାହାଯ୍ୟରେ ମଧ ଯିବାକୁ ପଡ଼ିଥିଲା। ସେଠିକାର ପରିସ୍ଥିତିକୁ ଅନୁଧ୍ୟାନ କରି ସୟଦ ୟାସିର ନୱାଜ କହିଥିଲେ ସରକାର ଯେଭଳି ସାହାଯ୍ୟ କରିବା କଥା କରିଛନ୍ତି ତାହା ବାସ୍ତବ କ୍ଷେତ୍ରରେ ହୋଇନାହିଁ। ଲୋକ ଏବେ ସୁଦ୍ଧା ଜଳବନ୍ଦୀରେ ରହିଥିବା ବେଳେ ଭଦ୍ରକ ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଉଛି ଯେ କୌଣସି ଗାଁ ଜଳଘେରରେ ନାହିଁ! ପଶୁଖାଦ୍ୟ, ଔଷଧ, ପାନୀୟଜଳ, ଡାକ୍ତରଟିମ, ଶୁଖିଲା ଖାଦ୍ୟ ଠିକ ଭାବେ ଲୋକଙ୍କ ପାଖରେ ପହଂଚିନାହିଁ। ସରକାର କେବଳ ପ୍ରଚାର ସର୍ବସ୍ୱ ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ ଭଦ୍ରକ ଜିଲ୍ଲା କଂଗ୍ରେସର ପୂର୍ବତନ ସଭାପତି ତଥା ବାସୁଦେବପୁର ନିର୍ବାଚନ ମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ଶ୍ରୀ ଅଶୋକ ଦାସ, ପ୍ରକାଶ ମିଶ୍ର, ବିକାଶ ପଶୁପାଳକ, ସାଗର ପଟ୍ଟନାୟକ, ଅବିନାଶ ନନ୍ଦ, ସୌମ୍ୟ ବାରିକ, ହେମନ୍ତ ମହାପାତ୍ର, ବୁଦ୍ଧିରାମ ସେଠୀ, ରାକେଶ ମହାନ୍ତି, ସୁବ୍ରତ ବେଉରିଆ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

**ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ପରିଚାଳନା ଓ ତଦାରଖ କମିଟିର ବୈଠକ**

## ମହାମାରୀ ସମୟରେ ଶିକ୍ଷକମାନଙ୍କ ଭୂମିକାକୁ ପ୍ରଶଂସା ବିଦ୍ୟାଳୟ ପୁଷ୍ଟିବଗିଚାକୁ ଗୁରୁତ୍ୱ

ଭୁବନେଶ୍ୱର,୧/୬ (ନି.ପ୍ର): ଆଜି ବିଦ୍ୟାଳୟ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ପାଇଁ ଉଦ୍ଦିଷ୍ଟ ରାଜ୍ୟସ୍ତରୀୟ ପରିଚାଳନା ଓ ତଦାରଖ କମିଟିର ୧୮ତମ ବୈଠକ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ପ୍ରଦୀପ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ଦୂରଭାଷ ମାଧ୍ୟମରେ ହୋଇଥିବା ଏହି ସଭାରେ ଗତବର୍ଷର ମହାମାରୀ ସମୟରେ ସମସ୍ତ ବାଧା ସତ୍ତ୍ୱେ ମଧ୍ୟାହ୍ନ ଭୋଜନ କିପରି ସଫଳତାର ସହ କାର୍ଯ୍ୟକାରୀ ହୋଇପାରିଛି ତାହା ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଗତ ୨୦୨୧ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ରାଜ୍ୟର ପ୍ରତ୍ୟେକ ବିଦ୍ୟାଳୟର ମଧ୍ୟାହ୍ନ ଭୋଜନର ଲାଭାର୍ଥୀଙ୍କୁ ସେମାନଙ୍କ ପ୍ରାପ୍ୟ ଚାଉଳ ଓ ପଇସା ବଂଟା ଯାଇଛି। ପିଲାମାନଙ୍କ ବ୍ୟାଙ୍କଖାତାକୁ କିମ୍ବା ବିଦ୍ୟାଳୟରେ ସେମାନଙ୍କୁ ପ୍ରତ୍ୟକ୍ଷ ଭାବେ ପଇସା ଓ ଚାଉଳ ଦିଆଯାଇଥିବାବେଳେ, ପିଡିଏସ୍ ରିଟେଲରମାନଙ୍କ ମଧ୍ୟରେ ଚାଉଳ ବଂଟନ କରାଯାଇଥିଲା। ଶିକ୍ଷକମାନଙ୍କ ଦ୍ୱାରା ପିଲାମାନଙ୍କୁ ଲୌହ ବଟିକା ମଧ ପ୍ରଦାନ କରାଯାଇଛି। ଏହି ସମୟରେ ୧୪,୯୬୭ ବିଦ୍ୟାଳୟକୁ ଏଲ୍‌ପିଜି ସଂଯୋଗ କରାଯିବା ସହ ୩୧,୫୦୦ ବିଦ୍ୟାଳୟରେ ପୁଷ୍ଟି-ବଗିଚା କରାଯାଇଛି। ବର୍ତ୍ତମାନ ସୁଦ୍ଧା ମୋଟ ୪୧,୧୭୭ ସ୍କୁଲରେ ଏଲ୍‌ପିଜି ଦିଆଯାଇଥିବାବେଳେ ୪୩,୦୦୦ ସ୍କୁଲରେ ପୁଷ୍ଟି-ବଗିଚା ପାଇଁ ଅର୍ଥ ଯୋଗାଇ ଦିଆଯାଇଛି ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ସତ୍ୟବ୍ରତ ସାହୁ ପ୍ରକାଶ କରିଥିଲେ। ମହାମାରୀ ସମୟରେ ଏହିସବୁ କାର୍ଯ୍ୟ ପାଇଁ ଶିକ୍ଷକମାନଙ୍କ ଭୂମିକାକୁ ଏହି ସଭାରେ ପ୍ରଶଂସା କରାଯାଇଥିଲା। ମଧ୍ୟାହ୍ନ ଭୋଜନର କାର୍ଯ୍ୟକାରିତା ଉପରେ ବିଶଦ ଆଲୋଚନା କରାଯାଇ ଆଗାମୀ ସମୟରେ ଏହାକୁ କିପରି ଅଧିକ ସକ୍ରିୟ ଓ ଉପାଦେୟ କରାଯାଇପାରିବ ତାହା ଉପରେ ଆଲୋଚନା ହୋଇଥିଲା। ଉନ୍ନୟନ କମିଶନରଙ୍କ ନିର୍ଦ୍ଦେଶ କ୍ରମେ ତିଆରି ହେବାକୁ ଥିବା ମଧ୍ୟାହ୍ନ ଭୋଜନ ରୋଷଶାଳାଗୁଡ଼ିକୁ ବିପର୍ଯ୍ୟୟ ପ୍ରତିରୋଧ ପ୍ରସ୍ତୁତି କରିବା ସହ ବିଦ୍ୟାଳୟମାନଙ୍କରେ ଥିବା ପୁଷ୍ଟି



ବଗିଚାରେ ଡ୍ରିପ ଜଳସେଚନର ବ୍ୟବହାର କରାଯିବ। ମଧ୍ୟାହ୍ନ ଭୋଜନରେ ଦିଆଯାଉଥିବା ଖାଦ୍ୟକୁ ଅଧିକ ପୁଷ୍ଟିଯୁକ୍ତ କରିବା ପାଇଁ ପୋଷଣଯୁକ୍ତ ବା ଫର୍ଟିଫାଏଡ୍ ଚାଉଳ ବ୍ୟବହାର କରାଯିବ। ଏଥିପାଇଁ ରାଜ୍ୟ ପ୍ରକଳ୍ପ ଅଧିକାରୀଙ୍କ ନେତୃତ୍ୱରେ ଏକ କମିଟି ଗଠନ କରାଯାଇ ଏହାର କାର୍ଯ୍ୟକାରିତାର ଦିଗ ଓ ଆର୍ଥିକ ଆବଶ୍ୟକତା ଉପରେ ବିଶଦ ଅନୁଧ୍ୟାନ କରାଯାଇ ସରକାରଙ୍କ ଅନୁମୋଦନ ପାଇଁ ପଠାଯିବ। ଓଡ଼ିଶାର ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମର ସଫଳତା ପାଇଁ ବିଭିନ୍ନ ବିଭାଗ ଓ ସଂସ୍ଥାମାନଙ୍କ ମଧ୍ୟରେ ଥିବା ସହଭାଗିତା ଗୁରୁତ୍ୱପୂର୍ଣ୍ଣ। ଏହି ବିଭାଗ ଓ ଅନୁଷ୍ଠାନମାନଙ୍କ ସହାୟତାରେ ଭୋଜନ କାର୍ଯ୍ୟକ୍ରମକୁ କିପରି ଅଧିକ ଉପାଦେୟ କରିହେବ ସେଥିପାଇଁ ପ୍ରକ୍ରିୟା ଚାଲୁରହିବ ନିକଟରେ ରାଜ୍ୟ ମନ୍ତ୍ରୀମଣ୍ଡଳର ନିଷ୍ପତି ଅନୁସାରେ ଛାତ୍ରଛାତ୍ରୀଙ୍କୁ ବିପର୍ଯ୍ୟୟ ପରିଚାଳନ ଉପରେ ଶିକ୍ଷା ଦେବାକୁ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା"ନିମନ୍ତେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ସଚିବଙ୍କୁ କୁହାଯାଇଥିଲା। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ଖାଦ୍ୟଯୋଗାଣ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ବୀରବିକ୍ରମ ଯାଦବଙ୍କ ସହ ନିର୍ଦ୍ଦେଶକ, ଆଇସିଡିସି, ଅନ୍ୟାନ୍ୟ ବିଭାଗୀୟ ଅଧିକାରୀଙ୍କ ସହ ବିଶ୍ୱଖାଦ୍ୟ କାର୍ଯ୍ୟକ୍ରମ, ୟୁନିସେଫ, ଆର୍ଟଏମ୍‌ଆର୍ଟସି ଓ ଏନ୍‌ଆଇଏନ୍‌ର ଅଧିକାରୀ ଉପସ୍ଥିତ ଥିଲେ। ରାଜ୍ୟ ନୋଡାଲ ଅଧିକାରୀ ଏହି ସଭାରେ ଧନ୍ୟବାଦ ଅର୍ପଣ କରିଥିଲେ।

## ମେ ମାସ ସବୁଠୁ ଘାତକ ଥିଲା, ଜୁନ୍ ଆଣିବ ଆଶ୍ୱସ୍ତି: ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର,୧/୬ (ନି.ପ୍ର): ମେ' ମାସ ସବୁଠୁ ଘାତକ ଥିଲା । ୩୧ ଦିନରେ ରାଜ୍ୟରେ ୩ଲକ୍ଷ ୨୦ ହଜାର ୮୦୩ ପଜିଟିଭ ଚିହ୍ନଟ ହୋଇଥିଲା । ମେ' ମାସରେ କରୋନାରେ ୭୧୧ ଜଣଙ୍କ ମୃତ୍ୟୁ ହୋଇଛି । ମେ' ୨୨ରେ ରାଜ୍ୟରେ ପିକ୍ ଥିଲା ୧୨ ହଜାର ୮୫୨ । ତେବେ ଜୁନ ମାସରେ ଟ୍ରେଣ୍ଡ କମିବ ବୋଲି କହିଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ । ୪ ସପ୍ତାହ ପରେ ଲକଡାଉନର ପ୍ରଭାବ ଦେଖିବାକୁ ମିଳିବ । ସୁନ୍ଦରଗଡ଼ରେ ସଂକ୍ରମଣ ଅଧିକ ଥିଲେ ମଧ ହାର କମୁଥିବା ଦେଖା ଯାଉଛି । ଲକଡାଉନ କୋହଳ ହୋଇଥିବା ୩ ଜିଲ୍ଲାରେ ସଂକ୍ରମଣ ବଢ଼ିଲେ ପୁଣି କଟକଣା କଡା ହୋଇପାରେ ବୋଲି ସେ ସୂଚନା ଦେଇଛନ୍ତି । ସେପଟେ ରାଜ୍ୟରେ କମୁଛି ସଂକ୍ରମଣ । ଗତ ୨୪ଘଂଟାରେ ୮ହଜାର ୩୧୩ ପଜିଟିଭ ଚିହ୍ନଟ ହୋଇଛନ୍ତି । ସଂଗରୋଧରୁ ୪ ହଜାର ୬୫୫ଜଣ ଥିବା ବେଳେ ସ୍ଥାନୀୟ ସଂକ୍ରମିତ ୩ ହଜାର ୬୫୮ଜଣ ଅଛନ୍ତି । ସେହିପରି ଗୋଟିଏ ଦିନରେ ସଂକ୍ରମଣରେ ୩୫ଜଣଙ୍କ ମୃତ୍ୟୁ ହୋଇଛି । ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୯୭୪ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କଟକରୁ ୫୯୩ଜଣ, ମୟୂରଭଂଜରୁ ୫୩୨, ଅନୁଗୁଳରୁ ୫୦୫ଜଣ, ସୁନ୍ଦରଗଡ଼ରୁ ୪୬୫,ବାଲେଶ୍ୱରରୁ ୪୫୨, ଢ଼େଙ୍କାନାଳରୁ ୪୦୭, ପୁରୀରୁ ୪୦୫ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଦୈନିକ ସଂକ୍ରମଣକୁ ମିଶାଇ ରାଜ୍ୟରେ ମୋଟ ସଂକ୍ରମଣ ସଂଖ୍ୟା ୭ ଲକ୍ଷ ୬୪ ହଜାର ୯୯୭ । ସେଥିରୁ ସୁସ୍ଥ ହୋଇଛନ୍ତି ୬ଲକ୍ଷ ୭୦ ହଜାର ୫୨୭ । ଏବେବି କରୋନା ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଛନ୍ତି ୯୧ ହଜାର ୬୬୩ଜଣ । ଗତକାଲି ରାଜ୍ୟରେ ୬୧ହଜାର ୬୧୩ ନମୁନା ପରୀକ୍ଷଣ ହୋଇଥିବା ବେଳେ ପଜିଟିଭ ହାର ୧୩ ଦଶମିକ ୪୯ ପ୍ରତିଶତ ରହିଛି ।

## କୃଷି କ୍ଷେତ୍ରରେ ଫସଲର ବିବିଧକରଣକୁ ଗୁରୁତ୍ୱ

ଭୁବନେଶ୍ୱର,୧/୬ (ନି.ପ୍ର): ରାଜ୍ୟ ସରକାର କୃଷକମାନଙ୍କ ଆୟ ବହୁଗୁଣିତ କରିବା ଲକ୍ଷ୍ୟରେ ଫସଲର ବିବିଧକରଣ ପାଇଁ ସର୍ବାଧିକ ଗୁରୁତ୍ୱ ପ୍ରଦାନ କରୁଛନ୍ତି । ଉତ୍ପାଦନ ବୃଦ୍ଧି ସହିତ କୃଷିର ଅଭିବୃଦ୍ଧି ଏବଂ ରାଜ୍ୟର ଖାଦ୍ୟ ସୁରକ୍ଷାକୁ ସୁନିଶ୍ଚିତ କରିବା ଦିଗରେ ଫସଲ ର ବିବିଧକରଣ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହ ଣ କରିଥାଏ । ଚାଷୀମାନଙ୍କୁ ଫସଲ ର ବିବିଧକରଣ ନିମନ୍ତେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ପ୍ରୋତ୍ସାହିତ କରାଯାଉଛି । ଫସଲର ବିବିଧକରଣ କରାଯାଇ ଅଣଧାନ ଚାଷ ଯଥା: ଡାଲି, ତୈଳବୀଜ, କପା, ମକା ଆଦି ଅର୍ଥକରୀ ଫସଲ ଚାଷ କରୁଥିବା ଚାଷୀଙ୍କୁ ପ୍ରୋତ୍ସାହନ ରାଶି ଯୋଗାଇଦେବାର ବ୍ୟବସ୍ଥା କରାଯାଇଛି । ଏହି ପରିପ୍ରେକ୍ଷୀରେ ବିଭାଗ ପକ୍ଷରୁ ଚଳିତ ଖରିଫରେ ରାଜ୍ୟର ମୋଟ ୧୨ ହଜାର ୨୦୭ ହେକଟର ଚାଷଜମିରେ ଫସଲର ବିବିଧକରଣର ଏକ ପାଇଲଟ୍ ପ୍ରୋଜେକଟକୁ କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ, ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ ଅନୁମୋଦନ କରିଛନ୍ତି। ରାଜ୍ୟର ୪ଟି ଜିଲ୍ଲା କଳାହାଣ୍ଡି, ମାଲକାନଗିରି, ନବରଙ୍ଗପୁର ଏବଂ କୋରାପୁଟ ଜିଲ୍ଲାର ୧୮ଟି ମେଗା ଉଠାଜଳସେଚନ ପ୍ରକଳ୍ପ ଅନ୍ତର୍ଗତ ୧୦୧ଟି ଗ୍ରାମର ୧୨ ହଜାର ୨୦୭ ହେକଟର ଜମିକୁ ଏଥିରେ ଅନ୍ତର୍ଭୁକ୍ତ କରାଯାଇଛି । ୧୨ଟି କ୍ଲଷ୍ଟରରେ ଏହି ଚାଷ କରାଯିବ ଏବଂ ପ୍ରତି କ୍ଲଷ୍ଟର ୧୦୦୦ ହେକଟର ଚାଷଜମିରେ ଫସଲର ବିବିଧକରଣ କରାଯାଇ ଚାଷ କରାଯିବ । ଉପରୋକ୍ତ ୪ଟି ଜିଲ୍ଲାର ସମସ୍ତ ମେଗା ଉଠାଜଳସେଚନ ପ୍ରକଳ୍ପକୁ ଏଥିରେ ସାମିଲ କରାଯାଇଛି ଏବଂ ମୃତିକା ଓ ସ୍ଥାନୀୟ ଜଳବାୟୁ ଅନୁସାରେ ଚଳିତ ଖରିଫରେ ଫସଲର ବିବିଧକରଣ କରାଯାଇ ଅଣଧାନ ଅର୍ଥକରୀ ଫସଲ ଚାଷ ପାଇଁ ପଦକ୍ଷେପ ନିଆଯାଇଛି ।

## ବିଏମସିର ଭ୍ୟାକ୍ସିନ ଆଟ ଡୋର ଷ୍ଟେପ ଅଭିଯାନ ଆରମ୍ଭ

ଭୁବନେଶ୍ୱର,୧/୬ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ (ବିଏମସି) ପକ୍ଷରୁ ସୋମବାର ଠାରୁ ଆରମ୍ଭ ହୋଇଛି ଭ୍ୟାକ୍ସିନ ଆଟ ଡୋର ଷ୍ଟେପ ଅଭିଯାନ । ବିଏମସିର ୩ ଟି ଜୋନ୍ ରେ ମୋଟ୍ ୬ ଟି ଆପାର୍ଟମେଂଟରେ ଟିକା ଦିଆଯାଇଛି। ପ୍ରତି ଆପାର୍ଟମେଂଟରେ ୨ ଶହ ଲୋକଙ୍କୁ ଟିକା ଦେବାକୁ ଲକ୍ଷ୍ୟ ରଖାଯାଇଛି। ବିଶେଷ କରି ୪୫ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କଙ୍କୁ ଟିକା ଦିଆଯିବ। ବିଏମସିର ଜେଡିସି ଅଂଶୁମାନ ରଥ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ରେସିଡେନ୍ସିଆଲ ୱେଲଫେୟାର ଆସୋସିଏସନ୍ ଏନେଇ ଆବେଦନ କରିଥିଲା। ଏହି କ୍ରମରେ ଝାରପଡାର ବାଲାଜୀ ଆପାର୍ଟମେଂଟ , ସହୀଦନଗରର ବିଏମସି ଭବାନୀ ଏନକ୍ଲେଭ୍ , ଡୁମଡୁମା କସମୋପଲିସ୍ ଆଦିରେ ଟିକାଦାନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି।

# ସହର ଓ ଗ୍ରାମାଂଚଳରେ ହେବ ବର୍ଜ୍ୟ ବସ୍ତୁ ପ୍ରକ୍ରିୟାକରଣ

## ସମନ୍ୱୟ ରକ୍ଷା ଲାଗି ଦୁଇ ବିଭାଗର ନିର୍ଦ୍ଦେଶନାମା

ଭୁବନେଶ୍ୱର,୧/୬ (ନି.ପ୍ର): ପୌରସଂସ୍ଥା ଏବଂ ଗ୍ରାମ ପଂଚାୟତ ମଧ୍ୟରେ ଉତମ ସମନ୍ୱୟ ରକ୍ଷା ସହିତ ପୌରସଂସ୍ଥାଗୁଡ଼ିକରେ ବର୍ଜ୍ୟବସ୍ତୁ ପରିଚାଳନା ନିମନ୍ତେ ଥିବା ଆବଶ୍ୟକୀୟ ଭିତିଭୂମି ବ୍ୟବହାର କରି ଗାଁଗୁଡ଼ିକର ସଠିକ ମଳ ପରିଚାଳନା ଏବଂ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ପରିଚାଳନା ନିମନ୍ତେ ରାଜ୍ୟ ସରକାର ନିଷ୍ପତି ଗ୍ରହଣ କରିଛନ୍ତି। ଓଡ଼ିଶା ସରକାରଙ୍କ ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ ଏବଂ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ତରଫରୁ ମିଳିତଭାବେ ଜାରି ଏକ ନିର୍ଦ୍ଦେଶାବଳୀ ମାଧ୍ୟମରେ ସବୁ ଜିଲ୍ଲାର ଜିଲ୍ଲାପାଳ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାଗୁଡ଼ିକର ପ୍ରକଳ୍ପ ନିର୍ଦ୍ଦେଶକ, ମୁନିସିପାଲ କର୍ପୋରେସନ କମିଶନର, ସମସ୍ତ ମ୍ୟୁନିସିପାଲିଟି ଏବଂ ବିଜ୍ଞାପିତ ଅଂଚଳ ପରିଷଦର ନିର୍ବାହୀ ଅଧିକାରୀ ତଥା ସମସ୍ତ ବ୍ଲକର ବିଡିଓମାନଙ୍କୁ ଜଣାଇ ଦିଆଯାଇଛି। ପଂଚାୟତିରାଜ ଓ ପାନୀୟ ଜଳ ବିଭାଗର ପ୍ରମୁଖ ସଚିବ ଡି. କେ. ସିଂ ଓ ଗୃହ ନିର୍ମାଣ ଓ ଜଙ୍ଗଲ ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଜି. ମାଥିଭାଥନାନ ମିଳିତ ନିର୍ଦ୍ଦେଶାବଳୀ ମାଧ୍ୟମରେ ପରିବେଶ ସୁରକ୍ଷା ଏବଂ ବୈଧାନିକ ବିଧି ବ୍ୟବସ୍ଥାର ଆବଶ୍ୟକତାକୁ ପୂରଣ କରିବା ଦିଗରେ ଏପରି ଉଦ୍ୟମର ଗୁରୁତ୍ୱ ସମ୍ପର୍କରେ ଜିଲ୍ଲାପାଳମାନଙ୍କୁ ଅବଗତ କରାଇଛନ୍ତି। ଏହି କ୍ରମରେ ବାଲେଶ୍ୱର ମୁନିସିପାଲିଟି ନିକଟସ୍ଥ ୯୦ ପଂଚାୟତରେଏହାର ପାଇଲଟ ପ୍ରକଳ୍ପ କରାଯାଇଛି ଏବଂ ଏହି ପ୍ରୟାସ ମଧ ବେଶ୍ ଉପଯୋଗୀ ସାବ୍ୟସ୍ତ ହୋଇଛି। ସେହିପରି ସହରଗୁଡ଼ିକ ଠାରୁ ୨୦ କିଲୋମିଟର ଭିତରେ ଅବସ୍ଥିତ ରାଜ୍ୟର ସମସ୍ତ ପଂଚାୟତଗୁଡ଼ିକୁ ସଠିକ୍ ମଳ ପରିଚାଳନା ନିମନ୍ତେ ସହର ସହିତ ସଂଲଗ୍ନ କରିବାକୁ ମଧ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସଦରରେ ଅବସ୍ଥାପିତ ମଳ ଉପଚାର ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ବ୍ୟବସ୍ଥା ଯେପରିକି ପାଇଖାନା ଟାଙ୍କିରୁ ମଳ ବିଶୋଧନାଗାର ପର୍ଯ୍ୟନ୍ତ ପଠାଇବା ପାଇଁ ମଇଳା ବୁହା ଗାଡ଼ି ଆଦିର ବ୍ୟବହାର ଏବଂ ଆବଶ୍ୟକୀୟ ଦେୟ କିଭଳି ଆଦାୟ କରାଯାଇପାରିବ ତାହା ସମ୍ପୃକ୍ତ ଅଧିକାରୀ ସ୍ଥିର କରିବେ। ଏଠାରେ ସୂଚନାଯୋଗ୍ୟ ଯେ ୪୫ଟି ପୌରସଂସ୍ଥାରେ ମଳ ଉପଚାର ବିଶୋଧନାଗାର କାର୍ଯ୍ୟକ୍ଷମ ହୋଇଥିବାବେଳେ ଅନ୍ୟାନ୍ୟ ପୌରସଂସ୍ଥାଗୁଡ଼ିକରେ ଏହାର ନିର୍ମାଣ ଜାରି ରହିଛି। ସେହିପରି ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ପରିଚାଳନା ନିମନ୍ତେ ୧୧୪ଟି ପୌରସଂସ୍ଥାରେ ମ୍ୟାଟେରିଆଲ ରିକଭରି ବ୍ୟବସ୍ଥା କରାଯାଇଛି। ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ



ପରିଚାଳନା ନିମନ୍ତେ ପଂଚାୟତଗୁଡ଼ିକରୁ ୧୦୦ ପ୍ରତିଶତ ଶୁଖିଲା ବର୍ଜ୍ୟବସ୍ତୁ କିପରି ନିର୍ଦ୍ଧାରିତ ପୌରସଂସ୍ଥା ଅଧିନରେ ଥିବା ମ୍ୟାଟେରିଆଲ ରିକଭରି ଫାସିଲିଟିକୁ ଆସିପାରିବ ସେଗୁଡ଼ିକୁ ପଂଚାୟତର ଦାୟିତ୍ୱ ଓ ପରିବାରଗୁଡ଼ିକରୁ ଅଲଗା ଭାବେ ଶୁଖିଲା ବର୍ଜ୍ୟବସ୍ତୁ କିପରି ସଂଗ୍ରହ ହୋଇଆସିବା ତାହା ପଂଚାୟତ ଉପରେ ନ୍ୟସ୍ତ। କେତେ ପରିମାଣର ଏବଂ କେତେଥର ଶୁଖିଲା ବର୍ଜ୍ୟବସ୍ତୁ ପଂଚାୟତମାନଙ୍କରୁ ପୌରସଂସ୍ଥା ଅଧିନରେ ଥିବା ମ୍ୟାଟେରିଆଲ ରିକଭରି ଫାସିଲିଟି ଆସିବ ତାହା ପଂଚାୟତ ସ୍ଥିର କରିବେ। ଆବଶ୍ୟକସ୍ଥଳେ ପଂଚାୟତ କିମ୍ବା ଗାଁ ସ୍ତରରେ ଶୁଖିଲା ବର୍ଜ୍ୟବସ୍ତୁକୁ ଗଚ୍ଛିତ ରଖିବା ପାଇଁ ଏକ ଅସ୍ଥାୟୀ ଭଣ୍ଡାର ବ୍ୟବସ୍ଥା କରିପାରିବେ। ତେବେ ପଂଚାୟତଗୁଡ଼ିକରୁ ପୌରସଂସ୍ଥାକୁ ଆସୁଥିବା ପ୍ଲାଷ୍ଟିକ ବର୍ଜ୍ୟ ବସ୍ତୁ ପରିଚାଳନା ସବୁଜ ପ୍ରାଧିକରଣ ଏବଂ ପରିବେଶ ଆଇନ୍ ଅନ୍ତର୍ଭୁକ୍ତ, ଉପଯୁକ୍ତ ସମୟ ସୀମା ମଧ୍ୟରେ ଜାରି କରାଯାଇଥିବା ଉକ୍ତ ନିର୍ଦ୍ଦେଶାବଳୀର କାର୍ଯ୍ୟକାରୀତା ଏବଂ ପରିଚାଳନା କିପରି ସଠିକ୍ ଭାବେ ହୋଇପାରିବ ସେଥିନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି।

## ଧାନ ଓ ଅଣଧାନ ଫସଲ ୨୨୩ ଲକ୍ଷ ମେଟ୍ରିକ୍ ଟନ୍ ଛୁଇଁବ

ଭୁବନେଶ୍ୱର ,୧/୬ (ନି.ପ୍ର): ଡାଲି, ତୈଳବୀଜ, କପା, ଝୋଟ ଓ ପନିପରିବା ଉତ୍ପାଦନରେ ଓଡ଼ିଶା ଆତ୍ମନିର୍ଭରଶୀଳ ହେବ। ଏସବୁ ଖାଦ୍ୟଶସ୍ୟ ପାଇଁ ଆଉ ବାହାର ରାଜ୍ୟ ଉପରେ ଅଧିକ ନିର୍ଭର କରିବାକୁ ପଡ଼ିବନି। ଏହି ଲକ୍ଷ୍ୟ ନେଇ ଚଳିତ ବର୍ଷ ରାଜ୍ୟ ସରକାର ଅଣଧାନ ଫସଲ ଚାଷକୁ ଅଧିକ ଗୁରୁତ୍ୱ ଦେଇଛନ୍ତି। କରୋନା ମହାମାରୀ ଦ୍ୱିତୀୟ ଲହରୀ ଚାରିଆଡ଼େ ଆତଙ୍କ ସୃଷ୍ଟି କରିଥିବାବେଳେ ଚାଷୀମାନଙ୍କୁ ଗତବର୍ଷ ପରି ବିହନ ଓ ସାର ଯୋଗାଇ ରେକର୍ଡ ପରିମାଣର ଖାଦ୍ୟଶସ୍ୟ ଉତ୍ପାଦନ ପାଇଁ ସରକାର ଯୋଜନା କରିଛନ୍ତି। ୨୦୨୧ ଖରିଫ ଋତୁରେ ଧାନ ଓ ଅଣଧାନ ଫସଲ ମିଶି ମୋଟ ୨୨୨.୯୨ ଲକ୍ଷ ମେଟ୍ରିକ୍ ଶସ୍ୟ ଉତ୍ପାଦନ ହେବ ବୋଲି କୃଷି ବିଭାଗ ହିସାବ ଲଗାଇଛି। ପବିତ୍ର ଅକ୍ଷୟତୃତୀୟାଠାରୁ ଖରିଫ ଚାଷ କାର୍ଯ୍ୟ ଆରମ୍ଭ ହୋଇଛି। କୃଷି ବିଭାଗର ତଥ୍ୟ ଅନୁଯାୟୀ ଗତବର୍ଷ ୬୧ ଲକ୍ଷ ୬୧ ହଜାର ହେକ୍ଟର ପରିମିତ ଜମିରେ ଖାଦ୍ୟଶସ୍ୟ ଉତ୍ପାଦନ ପାଇଁ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। କିନ୍ତୁ ଏ ବର୍ଷ ୬୨ ଲକ୍ଷ ୧୭ ହଜାର ହେକ୍ଟର ପରିମିତ ଜମିରେ ଚାଷ କାର୍ଯ୍ୟ କରାଯାଉଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଧାନ ଫସଲର ଉପରୁ ଚାଷୀମାନଙ୍କ ଦୃଷ୍ଟି ହଟାଇ ଅଣଧାନ ଫସଲ ଉପରେ ଅଧିକ ଜୋର ଦେବାକୁ ସରକାର ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଫଳରେ ୨୦୨୦ରେ ୩୬ ଲକ୍ଷ ୫୦ ହଜାର ହେକ୍ଟର ଜମିରେ ଧାନ ଚାଷ କରାଯାଇଥିଲା। ଯାହାକି ଚଳିତ ବର୍ଷ ଏହାକୁ କମାଇ ୩୫ ଲକ୍ଷ ହେକ୍ଟରରେ ସୀମିତ ରଖାଯାଇଛି। ଆଉ ଖରିଫ ଧାନ ଉତ୍ପାଦନ ଲକ୍ଷ୍ୟ ରହିଛି ୧୨୮.୮୫ ଲକ୍ଷ ମେଟ୍ରିକ୍ ଟନ୍। ଅନ୍ୟପଟେ ଅଣଧାନ ଫସଲ ପାଇଁ ଅଧିକ ଜମି ଉପଯୋଗ ପାଇଁ ସରକାର ସ୍ଥିର କରିଛନ୍ତି। ହିସାବ ଦେଖିଲେ ଗତ ବର୍ଷ ଡାଲିଜାତୀୟ ଫସଲ ୬ ଲକ୍ଷ ୨୨ ହଜାର ହେକ୍ଟର ଜମିରେ କରାଯାଇଥିଲା। ଏ ବର୍ଷ ୮ ଲକ୍ଷ ୩୫ ହଜାର ହେକ୍ଟର ଜମିରେ ଡାଲି ଜାତୀୟ ଫସଲ ଚାଷ କରାଯାଇ ୫ ଲକ୍ଷ ୩୫ ହଜାର ମେଟ୍ରିକ୍ ଟନ୍ ଉତ୍ପାଦନ ଲକ୍ଷ୍ୟ ରଖାଯାଇଛି। ତୈଳବୀଜ ଉତ୍ପାଦନକୁ ମଧ ଗୁରୁତ୍ୱ ଦିଆଯାଇଛି। ଗତ ବର୍ଷ ୨ ଲକ୍ଷ ୩୫ ହଜାର ହେକ୍ଟର ଜମିରେ ତୈଳବୀଜ ଚାଷ ହୋଇଥିବା ବେଳେ ଚଳିତ ଖରିଫ୍‌ରେ ୩ ଲକ୍ଷ ୮୨ ହଜାର ହେକ୍ଟର ଜମି ବ୍ୟବହାର କରି ୩ ଲକ୍ଷ ୧ ହଜାର ମେଟ୍ରିକ୍ ଟନ୍ ତୈଳବୀଜ ଉତ୍ପାଦନ ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି। ୨୦୨୦ରେ କପା ଓ ଝୋଟ ଚାଷ ୧ ଲକ୍ଷ ୮୫ ହଜାର ହେକ୍ଟର ଜମିରେ ହୋଇଥିଲା। କିନ୍ତୁ ଏଥର ୨ ଲକ୍ଷ ୧୭ ହଜାର ହେକ୍ଟର ଜମିରୁ ୮ ଲକ୍ଷ ୧୨ ହଜାର ମେଟ୍ରିକ୍ ଟନ୍ ଉତ୍ପାଦନ ଲକ୍ଷ୍ୟ ରହିଛି। ପନିପରିବା ଉତ୍ପାଦନ ମଧ ବୃଦ୍ଧି କରାଯିବ। ଏଥି ପାଇଁ ୫ ଲକ୍ଷ ୮୭ ହଜାର ହେକ୍ଟର ଜମି ଉପଯୋଗ କରାଯିବ। ଆଉ ଉତ୍ପାଦନ ହେବ ୭୨ ଲକ୍ଷ ୨୧ ହଜାର ମେଟ୍ରିକ୍ ଟନ୍ ପନିପରିବା। ରାଜ୍ୟ ବିହନ ନିଗମ ପରିଚାଳନା ନିର୍ଦ୍ଦେଶକ ଜ୍ୟୋତି ମିଶ୍ର କହିଛନ୍ତି, ୨୦୨୧ ଖରିଫ ବର୍ଷରେ ସବୁ ଜିଲ୍ଲା ପାଇଁ ମୋଟ ୫ ଲକ୍ଷ ୪୧ ହଜାର ୭୦୧ କ୍ୱିଣ୍ଟାଲ ପ୍ରାମାଣିକ ଧାନ ବିହନ ଆବଶ୍ୟକ। ନିଗମ ପାଖରେ ୩ ଲକ୍ଷ ୯୫ ହଜାର ୧୪୭ କ୍ୱିଣ୍ଟାଲ ବିହନ ଗଚ୍ଛିତ ରହିଛି। ସେଥିରୁ ଆଜି ସୁଦ୍ଧା ଡିଲର, ପ୍ରାଥମିକ ସମବାୟ ସମିତି ଓ ଲ୍ୟାମ୍ପସ୍‌ମାନଙ୍କ ଜରିଆରେ ୧ ଲକ୍ଷ ୭୦ ହଜାର କ୍ୱିଣ୍ଟାଲ ଧାନ ବିହନ ଚାଷୀମାନଙ୍କୁ ଯୋଗାଇ ଦିଆଯାଇଛି।

## ସିବିଏସଇ ଦ୍ୱାଦଶ ପରୀକ୍ଷାକୁ ବାତିଲ କରାଯିବା ନିଷ୍ପତି ସ୍ୱାଗତଯୋଗ୍ୟ : ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର,୦୧/୦୬ (ନି.ପ୍ର): କୋଭିଡ୍-୧୯ ସମୟରେ ସିବିଏସଇ ଦ୍ୱାଦଶ ପରୀକ୍ଷାକୁ ବାତିଲ କରାଯିବା ନିଷ୍ପତି ସ୍ୱାଗତଯୋଗ୍ୟ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପିଲା ମାନଙ୍କର ସ୍ୱାସ୍ଥ୍ୟ, ସୁରକ୍ଷା ଓ ଭବିଷ୍ୟତକୁ ଦୃଷ୍ଟିରେ ରଖି ଏହି ସମ୍ବେଦନଶୀଳ ନିଷ୍ପତି ନେଇଛନ୍ତି ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ କହିଛନ୍ତି ଯେ ସମସ୍ତ ଦିଗକୁ ବିଚାରକୁ ନେଇ ପ୍ରଧାନମନ୍ତ୍ରୀ ସିବିଏସଇ ପରୀକ୍ଷାକୁ ବାତିଲ କରାଯିବା ସମୟୋପଯୋଗୀ ପଦକ୍ଷେପ। ସମଗ୍ର ଭାରତବର୍ଷରେ କରୋନାର ତୃତୀୟ ଲହରକୁ ନେଇ ପିଲା ଏବଂ ଅଭିଭାବକମାନେ ଭୟ ଓ ଆଶଙ୍କାରେ ରହିଥିଲେ। ଏଭଳି ଦ୍ୱନ୍ଦାତ୍ମକ ପରିସ୍ଥିତିରେ ପିଲାମାନେ ପରୀକ୍ଷା ଦେଇଥିଲେ ମାନସିକ ଚାପରେ ରହିଥାନ୍ତେ। ଏଥିପାଇଁ ପ୍ରଧାନମନ୍ତ୍ରୀ ସବୁ ରାଜ୍ୟର ଶିକ୍ଷା ମନ୍ତ୍ରୀ ଏବଂ ବିଶେଷଜ୍ଞଙ୍କ ସହିତ ବିଚାରବିମର୍ଷ କରି ଏହି ନିଷ୍ପତି ନେଇଛନ୍ତି। ଏହି ନିଷ୍ପତି ସିବିଏସଇ ଦ୍ୱାଦଶ ପରୀକ୍ଷାର୍ଥୀ ଏବଂ ଅଭିଭାବକ ମାନଙ୍କୁ ବଡ଼ ଆଶ୍ୱସ୍ତି ପ୍ରଦାନ କରିଛି। ଉଲ୍ଲେଖନୀୟ ଯେ, ପ୍ରଧାନମନ୍ତ୍ରୀ ମୋଦିଙ୍କ ଅଧ୍ୟକ୍ଷତାରେ ଏ ନେଇ ବସିଥିବା ଭର୍ଚ୍ଚୁଆଲ ବୈଠକରେ ଗୃହମନ୍ତ୍ରୀ ଅମିତ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ, ସୂଚନା ଓ ପ୍ରସାରଣ ମନ୍ତ୍ରୀ ପ୍ରକାଶ ଜାଭଡେକର , ରେଳ ମନ୍ତ୍ରୀ ପିୟୂଷ ଗୋଏଲ, ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରୀ ସ୍ମୃତି ଇରାନୀ ପ୍ରମୁଖ ଉପସ୍ଥିତ ରହିଥିଲେ।

# ଆରଆଇଏନଏଲର ସିଏମଡ଼ି ଦାୟିତ୍ୱ ନେଲେ କିଶୋର ଚନ୍ଦ୍ର ଦାସ

ଭୁବନେଶ୍ୱର,୦୧/୦୬ (ନି.ପ୍ର): ଜୁନ ୧, ୨୦୨୧ରେ ଶ୍ରୀ କିଶୋର ଚନ୍ଦ୍ର ଦାସ ରାଷ୍ଟ୍ରୀୟ ଇସ୍ପାତ ନିଗମ ଲିମିଟେଡ (ଆରଆଇଏନଏଲ) ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ (ସିଏମଡି) ଭାବେ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି । ଏଥି ପୂର୍ବରୁ ସେ ଆରଆଇଏନଏଲର କାର୍ମିକ ନିର୍ଦ୍ଦେଶକ ପଦବୀରେ କାର୍ଯ୍ୟ କରି ଆସୁଛନ୍ତି । ସେ ଏହି ପଦବୀରେ ୨୦୧୭ ଜାନୁଆରୀ ପହିଲାରେ ଯୋଗ ଦେଇଥିଲେ । ଏହାବ୍ୟତୀତ ଶ୍ରୀ ଦାସ ଆରଆଇଏନଏଲର ସହଯୋଗୀ ସଂସ୍ଥା ଓଏମଡିସି ଓ ବିଏସଏଲସିର ବୋର୍ଡରେ ସଦସ୍ୟ ଅଛନ୍ତି। ଦୁର୍ବଳ ସ୍ଥିତିରେ ବା ବିଏସଏଲସିର ପୁନରୁଦ୍ଧାର ଏବଂ ଓଏମଡିସିକୁ ଖଣିଜ କାର୍ଯ୍ୟରେ ନିୟୋଜିତ କରିବାରେ ତାଙ୍କର ପ୍ରମୁଖ ଭୂମିକା ରହିଛି। ଏହାପୂର୍ବରୁ ପ୍ରତିରକ୍ଷା ମନ୍ତ୍ରଣାଳୟ ଅଧୀନ ଏକ କେନ୍ଦ୍ରୀୟ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ମାଜାଗାଓଁ ଡକ୍ ଶିପ୍ ବିଲ୍ଡର୍ସ ଲିମିଟେଡ଼ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାନବ ସମ୍ବଳ) ପଦବୀରେ ପାଞ୍ଚ ବର୍ଷରୁ ଅଧିକ ସମୟ ପର୍ଯ୍ୟନ୍ତ ସେ କାର୍ଯ୍ୟ କରିସାରିଛନ୍ତି । ତା' ପୂର୍ବରୁ ଶ୍ରୀ ଦାସ ୧୫ ବର୍ଷରୁ ଅଧିକ ସମୟ ଧରି ଗେଲ୍ ଏବଂ ଏହାର ଯୌଥ ଉଦ୍ୟୋଗଗୁଡ଼ିକର ମାନବ ସମ୍ବଳ ବିଭାଗର ବିଭିନ୍ନ ପଦପଦବୀରେ କାର୍ଯ୍ୟ କରିଥିଲେ । ମାନବ ସମ୍ବଳ ପରିଚାଳନା କ୍ଷେତ୍ରରେ ଶ୍ରୀ ଦାସଙ୍କର ୩୩ ବର୍ଷରୁ ଅଧିକ ସମୟର ଦୃଢ଼ ଅଭିଜ୍ଞତା ରହିଛି ଏବଂ ସେ ନିଜର କାର୍ଯ୍ୟ ଦକ୍ଷତା ସାବ୍ୟସ୍ତ କରିଛନ୍ତି। ପେସାଦାର କ୍ୟାରିଅରରେ ମୁଖ୍ୟତଃ ଉଦ୍ୟୋଗିକ ବ୍ୟାପାର, ମାନବ ସମ୍ବଳ ବିକାଶ ଏବଂ ଦକ୍ଷତା ବିକାଶ କ୍ଷେତ୍ରରେ ତାଙ୍କର ପ୍ରମୁଖ ଯୋଗଦାନ ରହିଛି। ନିଜର ଦୀର୍ଘକାଳୀନ ସେବା ସମୟରେ, ସେ ମାନବ ସମ୍ବଳ ବିକାଶର ସମସ୍ତ ଦିଗରେ ସେ ନେତୃତ୍ୱ ନେବା ସହିତ ସ୍ଥିର ସୁଧାର ଆଣିବାରେ ସକ୍ଷମ ହୋଇପାରିଛନ୍ତି । ତାଙ୍କର ପେସାଦାର ଆଭିମୁଖ୍ୟ, କଠିନ ପରିଶ୍ରମ, ଦକ୍ଷତା, ପ୍ରତିବଦ୍ଧତା, ନିଷ୍ଠା ଓ ଦୂରଦୃଷ୍ଟି ଆରଆଇଏନଏଲ ପରିବାରକୁ ଶୀର୍ଷକୁ ନେବାରେ ପ୍ରେରଣା ଯୋଗାଇବ ବୋଲି ଆଶା କରାଯାଉଛି ।



## ଅନିର୍ଦ୍ଦିଷ୍ଟକାଳ ପାଇଁ ରାମନଗରପାଟଣା ସେବା ସମବାୟ ସମିତିରେ ଚାଷୀଙ୍କ ଧାରଣା

ଜଳେଶ୍ୱର,୦୧/୦୬ (ନି.ପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ଅଧିନ ରାଜପଂଚୟତର ଥିବା ରାମନଗରପାଟଣା ସେବା ସମବାୟ ସମିତିରେ ଧାନକିଣାକୁ କେନ୍ଦ୍ର କରି ଚାଷୀମାନେ ଧାରଣାରେ ବସିଛନ୍ତି। ଆଜି ମଂଗଳବାର ଚାଷୀଙ୍କ ଧାନକିଣାରେ ଅବ୍ୟବସ୍ଥାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ସେବା ସମବାୟ ସମିତିରେ ମୋଟ ୨୦୨ଜଣ ଚାଷୀ ରେଜିଷ୍ଟ୍ରେସନ କରିଥିବା ବେଳେ ୧୫୬ ଜଣଙ୍କ ଟୋକନ୍ ଆସିଥିଲା। ମୋଟ ୯୬୩୦ କ୍ୟୁଣ୍ଟାଲ ଧାନ ବିକ୍ରିକରିବାକୁ ଥିବା ବେଳେ ମାତ୍ର ୧୬୦୦ କ୍ୟୁଣ୍ଟାଲ ଧାନବିକ୍ରିର ଟାର୍ଗେଟ ଆସିଛି । ଅଦ୍ୟାବଧି ମାତ୍ର ୪୪ଜଣ ଚାଷୀ ୧୩୦୦ କ୍ୟୁଣ୍ଟାଲ ଧାନ ଦେବାପରେ ୧୦୦ରୁ ଉର୍ଦ୍ଧ୍ୱ ଚାଷୀଙ୍କ ଧାନ ବର୍ଷାରେ ପଡି ରହିଛି। ତେଣୁ ଚାଷୀମାନଙ୍କ ନିଷ୍ପତ୍ତି ଅନୁଯାୟୀ ରେଜିଷ୍ଟ୍ରେସନ କରିଥିବା ସମସ୍ତ ଚାଷୀଙ୍କ ଧାନ କିଣା ନ ଯିବା ପର୍ଯ୍ୟନ୍ତ ସମିତି ଆଗରେ ଧାରଣା ଚାଲୁ ରହିବ ବୋଲି ସରପଂଚ ଦିଲ୍ଲିପ ପରିଡା , ହରିଶ୍ଚନ୍ଦ୍ର ଭୂୟାଁ, ଦୁର୍ଗାଶଂକର ଭୂୟାଁ, ଗଣେଷ ପାତ୍ର, କମଳାକାନ୍ତ ଦେ, ଚିନ୍ମୟାନନ୍ଦ ପାଳ, ସୁବ୍ରତ ବିଶ୍ୱାଳ, ରାଧେଶ୍ୟାମ ବିଶ୍ୱାଳ, ବରୁଣା ନାୟକ, ତପନ ବିଶ୍ୱାଳଙ୍କ ସହିତ ବହୁ ଚାଷୀ କହିଛନ୍ତି ।

## ଜଳେଶ୍ୱରରେ ଚାଷୀ ଆନ୍ଦୋଳନକୁ କଂଗ୍ରେସ ପକ୍ଷରୁ ସମର୍ଥନ

ଜଳେଶ୍ୱର,୦୧/୦୬ (ନି.ପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକରେ ଥିବା ୧୯ଟି ସେବା ସମବାୟ ସମିତିରେ ଊଣା ଅଧିକ ଚାଷୀ ଅସନ୍ତୋଷ ଦେଖା ଦେଇଛି । କଳମା, ଲକ୍ଷ୍ମଣନାଥ, ନାମ୍ପୋ, ଅଲାଲପୁର, ଆମ୍ବଳିଅଠା, ରାମନଗରପାଟଣା। ସେବାସମବାୟ ସମିତିରେ ଚାଷୀ ଆନ୍ଦୋଳନ ଚାଲୁଥିବାରୁ ଏହାକୁ ଜଳେଶ୍ୱର କଂଗ୍ରେସ ପକ୍ଷରୁ ସମର୍ଥନ କରାଯିବ ବୋଲି ପ୍ରତିଶୃତି ଦିଆଯାଇଛି । ଆଜି ମଂଗଳବାର କଂଗ୍ରେସ ରାଜ୍ୟ ପ୍ରବକ୍ତା ସୁଦର୍ଶନ ଦାସଙ୍କ ସହିତ ବ୍ଲକ ସଭାପତି ରାଜୀବ ପରିଡା, କିଷାନ କଂଗ୍ରେସ ସଭାପତି ସୁଦାମ ପାତ୍ର, ପୂର୍ବତନ ସରପଂଚ ହେମନ୍ତ ଗିରି, ଶ୍ରୀକାନ୍ତ ସିଂ, ରାଜୀବ ପ୍ରଧାନ, ଜଗଦୀଶ ନନ୍ଦି ପ୍ରମୁଖ ବହୁ କର୍ମୀ ଆନ୍ଦୋଳନରେ ବସିଥିବା ଚାଷୀମାନଙ୍କୁ ଭେଟି ଥିଲେ । ଧାନର କଟନି ଛଟିନି ବନ୍ଦ କରିବା, ଅଖା ବାବଦରେ ଚାଷୀଙ୍କୁ ଅର୍ଥ ପୈଠ କରିବା ସହିତ ରେଜିଷ୍ଟ୍ରେସନ କରିଥିବା ସମସ୍ତ ଚାଷୀଙ୍କ ଠାରୁ ଧାନ କରିବାକୁ ବିଭାଗୀୟ ମନ୍ତ୍ରୀ, ଜିଲାପାଳ, ସିଏସ୍ଓଙ୍କୁ ଅବଗତ କରାଯାଇଥିବା ସଂପର୍କରେ କହିଛନ୍ତି ।

## 'ସ୍ୱସ୍ତିକ ସ୍ୱେଚ୍ଛାସେବୀ ସଂଗଠନ'ପକ୍ଷରୁ କୋଭିଡ ସଚେତନତା

ବାଲେଶ୍ୱର,୦୧/୦୬ (ନି.ପ୍ର): 'ସ୍ୱସ୍ତିକ ସ୍ୱେଚ୍ଛାସେବୀ ସଂଗଠନ' ପକ୍ଷରୁ ରେମୁଣା ବ୍ଲକର ବରୁଣସିଂ ପଞ୍ଚାୟତ ଅନ୍ତର୍ଗତ ଟିଣା ଅନନ୍ତପାଣି ଗ୍ରାମରେ କୋଭିଡ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସଂଗଠନର ମୁଖ୍ୟ ସଂଯୁକ୍ତାରାଣୀ ବେହେରାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଭାସ୍କର ବେହେରା, ସବିତା ମହାନ୍ତି, ମୁକ୍ତିକାନ୍ତ ନାୟକ, ମଦନ ମୋହନ ଦାସମହାପାତ୍ର ପ୍ରମୁଖ ଯୋଗଦେଇ ଉପସ୍ଥିତ ଗ୍ରାମବାସୀଙ୍କୁ ମହାମାରୀ କରୋନାର ଭୟାବହତା ଓ ଏହାର ପ୍ରତିଷେଧକ ବ୍ୟବସ୍ଥା ସମ୍ପର୍କରେରେ ଆଲୋଚନା କରିଥିଲେ। ଦିନକୁ ଦିନ କରୋନା ସଂକ୍ରମଣ ସାଙ୍ଗକୁ ମୃତ୍ୟୁ ସଂଖ୍ୟା ବଢ଼ି ଚାଲିଥିବା ବେଳେ ସରକାରଙ୍କ କୋଭିଡ ନିୟମ ମାନିବାକୁ ସେମାନେ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଶୁଖିଲା ଖାଦ୍ୟ ଓ ତୁଣ୍ଡି ବଣ୍ଟନ କରାଯାଇଥିଲା। ଆଗାମୀ ଦିନରେ ଏହିଭଳି ସମାଜସେବା ମୂଳକ କାର୍ଯ୍ୟ ଜିଲାର ବିଭିନ୍ନ ଅଞ୍ଚଳରେ ଜାରି ରହିବ ବୋଲି ସଂଗଠନର ମୁଖ୍ୟ ସଂଯୁକ୍ତାରାଣୀ ବେହେରା ପ୍ରକାଶ କରିଛନ୍ତି।

## ୧୪ ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗାର ଜବତ

ଭଦ୍ରକ,୦୧/୦୬ (ନି.ପ୍ର): ଆଜି କେନ୍ଦ୍ର ଅବକାରୀ ଗୁଇନ୍ଦା ବିଭାଗ ଦ୍ୱାରା ପୁଣି ଜବତ ହୋଇଛି ୧୪ ଲକ୍ଷ ଟଙ୍କାର ୧୪୦ ଗ୍ରାମ ବ୍ରାଉନ୍‌ସୁଗାର। ଆଜି ଭଦ୍ରକ ବନ୍ତଛକ ନିକଟରେ ଭଦ୍ରକ ଗ୍ରାମା ଳ ଥାନା ଅଧୀନସ୍ଥ ଅରଞ୍ଜି ଗାଁର ଗଣେଶ ପଣ୍ଡା ନାମକ ଜଣେ ଯୁବକ ବ୍ରାଉନସୁଗାର ଧରି ଛିଡା ହୋଇଥିବାବେଳେ କୌଣସି ସୂତ୍ରରୁ ଖବର ପାଇ କେନ୍ଦ୍ର ଅବକାରୀ ବିଭାଗର ଗୁଇନ୍ଦା ସ୍କ୍ୱାର୍ଡ ଚଢାଉ କରିଥିଲା। ସେହିଭଳି ବନ୍ତଛକ ନିକଟରୁ ଅନ୍ୟ ଏକ ଯୁବକ ଠାରୁ ୧୪ ପେଟି ଆସ୍କା ଫଟି ମଧ ଜବତ କରି ତାକୁ ଗିରଫ କରାଯାଇଛି। ଗିରଫ ଯୁବକ ଜଣକ ହେଲା ବାସୁଦେବପୁର ଅଂଚଳର ବୈକୁଣ୍ଠ ଦାସ। ତାଙ୍କୁ ଗିରଫ କରାଯାଇ ଆଜି କୋର୍ଟ ଚାଲାଣ କରାଯାଇଥିବାର ସୂଚନା ମିଳିଛି। ତେବେ ଭଦ୍ରକ ଜିଲାରେ ନିଶା ବ୍ୟବସାୟୀଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଏହାର ମୂଳ ଚେର ବାଲେଶ୍ୱରର ଜଳେଶ୍ୱର ବୋଲି ସମସ୍ତେ ଜାଣିଥିଲେ ମଧ କେହି ଅସଲ ଯୋଗାଣକାରୀକୁ ଧରିବାରେ ସକ୍ଷମ ହେଉନଥିବା ବିଷୟ ସାଧାରଣରେ ଚର୍ଚ୍ଚା ଜୋର ଧରିଛି।

## ସ୍ୱତନ୍ତ୍ର ଭାବେ କାର୍ଯ୍ୟକ୍ଷମ ହେଲା ମିଶନ ଶକ୍ତି ବିଭାଗ

ଭୁବନେଶ୍ୱର,୦୧/୦୬ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ମହିଳା ଓ ଶିଶୁ ବିକାଶ ବିଭାଗରୁ ପୃଥକ ହୋଇ ଆଜିଠାରୁ ଏକ ସ୍ୱତନ୍ତ୍ର ବିଭାଗ ଭାବେ କାର୍ଯ୍ୟ କରିବ 'ମିଶନ ଶକ୍ତି' ବିଭାଗ । ରାଜ୍ୟ ସରକାରଙ୍କ ନିଷ୍ପତି କ୍ରମେ ଏ ସଂପର୍କିତ ବିଜ୍ଞପ୍ତି ଆଜି ପ୍ରକାଶିତ ହୋଇଛି ଏବଂ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗକୁ 'ମହିଳା ଓ ଶିଶୁ ବିକାଶ' ବିଭାଗ ଭାବେ ନାମିତ କରାଯାଇଛି । ନୂତନ ଭାବେ ଗଠନ କରାଯାଇଥିବା ମିଶନ ଶକ୍ତି ବିଭାଗ ଲୋକସେବା ଭବନରେ କାର୍ଯ୍ୟ କରିବ ଏବଂ ଏହାର ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟାଳୟଗୁଡ଼ିକ ପୂର୍ବପରି ମିଶନ ଶକ୍ତି ଭବନ, ପୋଖରୀପୁଟ ଓ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ପ୍ରତିଷ୍ଠାନ ପରିସରରେ ଓଡ଼ିଶା ଜୀବିକା ମିଶନ କୋଠାରେ କାର୍ଯ୍ୟ କରିବ । ବିଜ୍ଞପ୍ତି ପ୍ରକାଶ ପାଇବା ଦିନଠାରୁ ମିଶନ ଶକ୍ତି ଭବନର ପ୍ରଶାସନିକ ନିୟନ୍ତ୍ରଣ ଓ ପରିଚାଳନା ଦାୟିତ୍ୱ ମିଶନ ଶକ୍ତି ବିଭାଗରେ ନ୍ୟସ୍ତ ରହିବ । ବିଜ୍ଞପ୍ତି ପ୍ରକାଶ ପାଇବାଠାରୁ ମିଶନ ଶକ୍ତି ନିର୍ଦ୍ଦେଶାଳୟ, ଓଡ଼ିଶା ଜୀବିକା ମିଶନ ଓ ଜାତୀୟ ସହରାଂଚଳ ଜୀବିକା ମିଶନ ଅନ୍ତର୍ଭୁକ୍ତ ରାଜ୍ୟ, ଜିଲ୍ଲା, ବ୍ଲକ୍, ଗ୍ରାମପଂଚାୟତ ଏବଂ ଗାଁ ସ୍ତରରେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କର ସମସ୍ତ କାର୍ଯ୍ୟକ୍ରମ ଓ ଭିତିଭୂମି, ଆସବାବପତ୍ର ଇତ୍ୟାଦି ନୂତନ ବିଭାଗର ପ୍ରଶାସନିକ ନିୟନ୍ତ୍ରଣ ଓ ପରିଚାଳନାରେ ରହିବ । ମିଶନ ଶକ୍ତି କାର୍ଯ୍ୟକ୍ରମ, ଦୀନଦୟାଲ ଅନ୍ତୋଦୟ ଯୋଜନା ଅନ୍ତର୍ଗତ ଓଡ଼ିଶା ଜୀବିକା ମିଶନର କାର୍ଯ୍ୟକ୍ରମ ଏବଂ ଜାତୀୟ ଗ୍ରାମୀଣ ଜୀବିକା ମିଶନ, ଜାତୀୟ ଗ୍ରାମୀଣ ଅର୍ଥନୈତିକ ପରିବର୍ତନ ପ୍ରକଳ୍ପ ଏବଂ ଜାତୀୟ ସହରାଂଚଳ ଜୀବିକା ମିଶନରେ କାର୍ଯ୍ୟକାରୀ ହେଉଥିବା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ କାର୍ଯ୍ୟକ୍ରମ ଏହି ବିଭାଗ ମାଧ୍ୟମରେ କାର୍ଯ୍ୟକାରୀ କରାଯିବ । ବିଜ୍ଞପ୍ତି ପ୍ରକାଶ ପାଇବା ଦିନଠାରୁ ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ ପରିବର୍ତେ ମିଶନ ଶକ୍ତି ବିଭାଗ ଦ୍ୱାରା ଉପରୋକ୍ତ କାର୍ଯ୍ୟକ୍ରମଗୁଡ଼ିକ ସଂପାଦିତ ହେବ । ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଟୁକୁନି ସାହୁ ଏହି ବିଭାଗର ମନ୍ତ୍ରୀ ଭାବେ ଦାୟିତ୍ୱରେ ରହିବେ ଏବଂ ସଂସଦୀୟ ବ୍ୟାପାର ବିଭାଗ ତରଫରୁ ଏ ସଂପର୍କିତ ବିଜ୍ଞପ୍ତି ପ୍ରକାଶ ପାଇଛି । କମିଶନର ତଥା ନିର୍ଦ୍ଦେଶକ, ମିଶନ ଶକ୍ତି ସୁଜାତା ଆର୍. କାର୍ତିକେୟନ୍ ଏହି ନୂତନ ବିଭାଗର କମିଶନର ତଥା ଶାସନ ସଚିବ ଭାବେ ଅବସ୍ଥାପିତ ହେବା ନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ତରଫରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଏହି ବିଭାଗ ପାଇଁ ଆବଶ୍ୟକ କର୍ମଚାରୀଙ୍କ ନିମନ୍ତେ ସରକାରଙ୍କ ତରଫରୁ ବିହିତ ପଦକ୍ଷେପ ନିଆଯାଇଛି । ବର୍ତମାନ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ତଥା ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧୀନରେ ସଂପୃକ୍ତ ସ୍ୱୟଂ ସହାୟକ ଗୋଷ୍ଠୀ ସଂପର୍କିତ କାର୍ଯ୍ୟକ୍ରମ ଦାୟିତ୍ୱରେ ଥିବା କର୍ମଚାରୀମାନେ ନୂତନ ବିଭାଗରେ ଅବସ୍ଥାପିତ ହୋଇ କାର୍ଯ୍ୟ କରିବେ । ୨୦୨୨-୨୩ ବର୍ଷରୁ ଏହି ବିଭାଗ ପାଇଁ ରାଜ୍ୟ ବଜେଟ୍‌ରେ ସ୍ୱତନ୍ତ୍ର ବ୍ୟୟବରାଦ କରାଯିବ, ଏବଂ ଚଳିତ ବର୍ଷ ପାଇଁ ମହିଳା ଓ ଶିଶୁ ବିକାଶ, ପଂଚାୟତିରାଜ ଓ ପାନୀୟ ଜଳ, ଗୃହ ଓ ନଗର ଉନ୍ନୟନ ବିଭାଗ ଅଧୀନରେ ମିଶନ ଶକ୍ତି ପାଇଁ ଅନୁମୋଦନ ହୋଇଥିବା ବଜେଟ୍‌ରୁ ଯୋଜନା ତଥା କର୍ମଚାରୀମାନଙ୍କ ଦରମା ଆଦି ପାଇଁ ଖର୍ଚ୍ଚ କରାଯିବ ।

## ଜିଲ୍ଲାରୁ ଚିହ୍ନଟ ହେଲେ ଆଉ ୧୪୭ କରୋନା ଆକ୍ରାନ୍ତ

ଭଦ୍ରକ,୦୧/୦୬ (ନି.ପ୍ର): ଜିଲ୍ଲାରୁ ଆଉ ୧୪୭ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହି ନୂତନ ଆକ୍ରାନ୍ତଙ୍କୁ ମିଶାଇ ଜିଲ୍ଲାର ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ହୋଇଛି ୧୬ହଜାର ୬୩୭। ସେମାନଙ୍କ ମଧ୍ୟରୁ ସୁସ୍ଥ ହୋଇ ସାରିଛନ୍ତି ୧୪ ହଜାର ୧୬୨ଜଣ। ଏବେ ସକ୍ରିୟ ଆକ୍ରାନ୍ତ ଅଛନ୍ତି ୨୪୪୨ ଜଣ। ଯେଉଁ ନୂତନ ଆକ୍ରାନ୍ତମାନେ ଚିହ୍ନଟ ହୋଇଛନ୍ତି ସେମାନେ ଭଦ୍ରକ ପୌରପାଳିକାର ନୂଆବଜାରରୁ ୨ଜଣ, ଅପର୍ତ୍ତିବିନ୍ଧାରୁ ଜଣେ, ରେଲୱେ କଲୋନୀରୁ ଜଣେ, ଚରମ୍ପାରୁ ୩ ଜଣ, ବାଇପାସ୍‌ରୁ ଜଣେ। ଧାମନଗର ବ୍ଲକର ପଦ୍ମପୋଖରୀ ଗ୍ରାମରୁ ଜଣେ, ଦଇପୁରରୁ ୨ଜଣ, ଦଳାଙ୍ଗାରୁ ୨ଜଣ, କଟସାହିରୁ ଜଣେ, କଲ୍ୟାଣୀରୁ ୩ଜଣ, ଖଡିପଦାରୁ ଜଣେ, ରାଧାବଲ୍ଲଭପୁରରୁ ୫ଜଣ ଚିହ୍ନଟ ହୋଇଛନ୍ତି। ବାସୁଦେବପୁର ପୌରପାଳିକାରୁ ଜଣେ ଚିହ୍ନଟ ହୋଇଥିବା ବେଳେ ଚାନ୍ଦବାଲି ବିଜ୍ଞାପିତ ଅଞ୍ଚଳ ପରିଷଦର ୮ନଂ ୱାର୍ଡରୁ ୨ଜଣ, ୧୧ ନଂ ଓ ୬ ନଂ ୱାର୍ଡରୁ ଜଣେ ଜଣେ ଚିହ୍ନଟ ହୋଇଛନ୍ତି। ସେହିଭଳି ଚାନ୍ଦବାଲି ବ୍ଲକର ଭାଟପଡାରୁ ୨ଜଣ, ଦୋସିଙ୍ଗାରୁ ଜଣେ, ଖଦାଳପୋଖରୀରୁ ୨ଜଣ, କୋଳିଆଡିଆ ଗ୍ରାମରୁ ଜଣେ, ତେନ୍ତୁଲିଡିହି ଗ୍ରାମରୁ ଜଣେ, ତିହିଡ଼ି ବ୍ଲକର ଭାଟପଡା ଗ୍ରାମରୁ ଜଣେ, ଦୋଳସାହିରୁ ୨ଜଣ, ବାରୋରୁ ଜଣେ, ବାରସର ଗ୍ରାମରୁ ଜଣେ, ବିଲଣାରୁ ଜଣେ,ସେନ୍‌ବାଡ ଗ୍ରାମରୁ ୨ଜଣ, ଗରଦପୁର ଗ୍ରାମରୁ ଜଣେ ଚିହ୍ନଟ ହୋଇଛି। ବନ୍ତ ବ୍ଲକର ବଡବର୍ଚ୍ଚିକୟାଁ ଗ୍ରାମରୁ ଜଣେ, ଗଣିଜାଙ୍ଗରୁ ଜଣେ, ଗୋପିନାଥପୁରରୁ ୨ଜଣ, ଓଡଙ୍ଗରୁ ଜଣେ, କୁଣ୍ଡଳାରୁ ଜଣେ, ତୋଡଙ୍ଗାରୁ ଜଣେ ଚିହ୍ନଟ ହୋଇଛନ୍ତି। ସେହିପରି ଭଦ୍ରକ ବ୍ଲକର ଦେଉଳପାଳ ଗ୍ରାମରୁ ଜଣେ, ନଛିପୁରରୁ ୨ଜଣ, ବାଣିତିଆରୁ ଜଣେ, ଏରଡାରୁ ଜଣେ, ନଳାଙ୍ଗରୁ ଜଣେ, ହରିପୁରରୁ ୨ଜଣ, କାଉପୁରରୁ ୨ଜଣ, ରାମନଗରରୁ ଜଣେ, କୋଡବରୁଆଁରୁ ଜଣେ, ଚଣ୍ଡିପଦା ଗ୍ରାମରୁ ୧୩ଜଣ ଚିହ୍ନଟ ହୋଇଥିବା ବେଳେ ଭଣ୍ଡାରିପୋଖରୀ ବ୍ଲକର ବାଲିପୋଖରୀ ଗ୍ରାମରୁ ଜଣେ, ବନ୍ଦାଲୋ ଗ୍ରାମରୁ ଜଣେ, ନେରଡା ଗ୍ରାମରୁ ୨ଜଣ, ଆଲିହା ଗ୍ରାମରୁ ୨ଜଣ, ବାଲିଗଡିଆ ଗ୍ରାମରୁ ଜଣେ, ପାଟୁଳି ଗ୍ରାମରୁ ୩ଜଣ, ତେସିଙ୍ଗା ଗ୍ରାମରୁ ୩ଜଣ, ସରପଦାରୁ ଜଣେ, ରାଜେନ୍ଦ୍ରପୁରରୁ ୨ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଅନ୍ୟ ଜିଲ୍ଲା ଭାବେ ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକରୁ ୪ଜଣ, କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକରୁ ଜଣେ, କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକରୁ ୨ଜଣ ଚିହ୍ନଟ ହୋଇଛନ୍ତି। ସେହିଭଳି ଭଦ୍ରକ ଜିଲ୍ଲାର ବିଦେଇପୁରର ଜଣେ, ଅର୍ଣ୍ଣପାଳର ଜଣେ, ବାଉଦପୁରର ୩ଜଣ, ଗେଲପୁରର ୪ଜଣ, ହରିପୁରର ୨ଜଣ, ଭଦ୍ରକ ପୌରପାଳିକାର ଜଗନ୍ନାଥପୁରର ଜଣେ, କୁଆଁସର ୫ଜଣ, କଣ୍ଟାପାଳର ୪ଜଣ, ଗବସାହିର ଜଣେ, ବନ୍ତ ବ୍ଲକର ଜଣେ, ତିହିଡ଼ି ବ୍ଲକର ତଳଗୋପବିନ୍ଧାର ୪ଜଣ, ଭଦ୍ରକ ବ୍ଲକ ଅଞ୍ଚଳର ୧୫ ଜଣ, ଭଣ୍ଡାରିପୋଖରୀ ବ୍ଲକର ଷୋଳମପୁର, ରଘୁନାଥପୁର, ମଞ୍ଜୁରୀ, ଆଖୁଆପଦାର ୭ଜଣ ବିଭିନ୍ନ ହସ୍‌ପିଟାଲରେ ଚିକିତ୍ସିତ ଅବସ୍ଥାରେ ଚିହ୍ନଟ ହୋଇଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## କୋଭିଡରେ ସ୍ୱାମୀଙ୍କୁ ହରାଇଥିବା ମହିଳା....

ୱାର୍ଡରେ ସେମାନଙ୍କୁ ଚିକିତ୍ସା କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ଆଗାମୀ ସପ୍ତାହ ମଧ୍ୟରେ ରାଜ୍ୟରେ କୋଭିଡ ଦ୍ୱିତୀୟ ଲହରର ରୋଗୀଙ୍କ ସଂଖ୍ୟା ହ୍ରାସ ପାଇବ ବୋଲି ଆଶାବ୍ୟକ୍ତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହି ଅଭିଜ୍ଞତାକୁ ଉପଯୋଗ କରି ଆମକୁ ତୃତୀୟ ଲହର ପାଇଁ ପ୍ରସ୍ତୁତ ରହିବାକୁ ହେବ । ପ୍ରତ୍ୟେକ ଜିଲ୍ଲାରେ ପିଲାମାନଙ୍କ ସ୍ୱାସ୍ଥ୍ୟ ଉପରେ ସ୍ୱତନ୍ତ୍ର ଫୋକସ ରଖି ବ୍ୟବସ୍ଥା କରିବା ପାଇଁ ମଧ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବର୍ତମାନ ରାଜ୍ୟରେ ପଜିଟିଭିଟି ରେଟ୍ ୧୫ ପ୍ରତିଶତରୁ କମ୍ ରହିଛି ଏବଂ ଅଧିକାଂଶ ଜିଲ୍ଲାରେ ପଜିଟିଭ କେସ୍ ମଧ ହ୍ରାସ ପାଇଲାଣି । କିନ୍ତୁ ବାତ୍ୟା ପ୍ରଭାବିତ ଅଂଚଳରେ ଅଧିକ ଟେଷ୍ଟିଂ କରିବାର ଆବଶ୍ୟକତା ରହିଛି । ତାସହିତ ୨୪ ମଇରୁ ଆରମ୍ଭ ହୋଇଥିବା ଘରକୁ ଘର ବୁଲି ସର୍ଭେ କାର୍ଯ୍ୟ ସଂପର୍କରେ ବ୍ୟାପକ ସଚେତନତା କରାଯିବା ଉପରେ ମଧ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ । ଜିଲ୍ଲାପାଳ ମାନେ ଏହାକୁ ଅତ୍ୟନ୍ତ ଗୁରୁତ୍ୱର ସହ ନେବା ସହିତ ଚିହ୍ନଟ ରୋଗୀ ମାନଙ୍କର ଚିକିତ୍ସା ପ୍ରାଥମିକତା ଭିତିରେ ଆରମ୍ଭ କରିବା ପାଇଁ ମୁଖ୍ୟମନ୍ତ୍ରୀ ଜିଲ୍ଲାପାଳ ମାନଙ୍କୁ ପରାମର୍ଶ ଦେଇଥିଲେ । ବର୍ତମାନ ପରିସ୍ଥିତିରେ ସଂକ୍ରମଣ ନିୟନ୍ତ୍ରଣ କାର୍ଯ୍ୟକ୍ରମରେ ଗୋଷ୍ଠୀକୁ ସକ୍ରିୟ ଭାବରେ ସାମିଲ କରିବା ଉପରେ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଭବିଷ୍ୟତ ଲହର ଏବଂ ଭାରିଆଂଟ ବିରୁଦ୍ଧରେ ଲଢିବା ପାଇଁ ମୁଖ୍ୟ ଅସ୍ତ୍ର ହେଉଛି ଟିକା । ସମସ୍ତ ବାଧାବିଘ୍ନ ସତ୍ୱେ ରାଜ୍ୟରେ ଟିକା ଯୋଗାଣ ବୃଦ୍ଧି ପାଇଁ ସରକାର ସବୁମତେ ଉଦ୍ୟମ ଜାରି ରଖିଛନ୍ତି । ଆଗାମୀ ମାସରେ ଟିକା ଯୋଗାଣ ଉପରେ ଉନ୍ନତି ଆସିବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଥିଲେ । ଜାତିସଂଘର ସଂସ୍ଥା ୟୁନାଇଟେଡ୍ ନେସନସ୍ ଅଫିସ୍ ଫର୍ ଡିଜାଷ୍ଟର ରିସ୍କ ରିଡକ୍ସନ୍ ପକ୍ଷରୁ ଓଡିଶାର ବିପର୍ଯ୍ୟୟ ମୁକାବିଲା କାର୍ଯ୍ୟକ୍ରମକୁ ସ୍ୱୀକୃତି ପ୍ରଦାନ ସଂପର୍କରେ ମୁଖ୍ୟମନ୍ତ୍ରୀ କହିଥିଲେ ଓଡିଶାବାସୀଙ୍କ ସଂପୂର୍ଣ୍ଣ ସହଯୋଗ ଯୋଗୁ ହିଁ ଆମେ ଏହା ହାସଲ କରିପାରିଛୁ । ସେଥିପାଇଁ ମୁଖ୍ୟମନ୍ତ୍ରୀ ପୁଣି ଥରେ ରାଜ୍ୟବାସୀଙ୍କୁ ଧନ୍ୟବାଦ ଜଣାଇବା ସହିତ ଲକ୍‌ଡାଉନ ନିୟମ ତଥା କୋଭିଡ ନିୟମାବଳୀ କଡାକଡି ପାଳନ ପାଇଁ ରାଜ୍ୟବାସୀଙ୍କୁ ଅନୁରୋଧ କରିଥିଲେ । ବୈଠକରେ ମୁଖ୍ୟ ଶାସନ ସଚିବ ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ର କହିଥିଲେ ଯେ ଗ୍ରାମାଂଚଳରେ ସଂକ୍ରମଣ ରୋକିବା ପାଇଁ ବର୍ତମାନ ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯାଉଛି । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଗୋଷ୍ଠୀ ସଂଗଠନ ଗୁଡିକର ଯୋଗଦାନ ଏବଂ କୋଭିଡ ପରୀକ୍ଷାକୁ ଆହୁରି ଜୋରଦାର କରାଯିବ ବୋଲି କହିଥିଲେ। ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ କହିଥିଲେ ଯେ ରାଜ୍ୟରେ କୋଭିଡ ପରିସ୍ଥିତିରେ ଉନ୍ନତି ପରିଲକ୍ଷିତ ହେଲାଣି । ଗତ ୧୫ ଦିନ ମଧ୍ୟରେ ରାଜ୍ୟରେ ମୃତ୍ୟୁ ହାସ ୦.୩ ପ୍ରତିଶତ ରହିଛି, ଯାହାକି ସାରା ଦେଶରେ ସର୍ବନିମ୍ନ। ରାଜ୍ୟରେ ଦକ୍ଷିଣ ଓ ପଶ୍ଚିମ ଭାଗରେ ପଜିଟିଭିଟି ହାର ହ୍ରାସ ପାଇଥିବା ବେଳେ, ଉପକୂଳବର୍ତୀ ୧୧ଟି ଜିଲ୍ଲାରୁ ରାଜ୍ୟର ମୋଟ ପଜିଟିଭ ସଂଖ୍ୟାର ୬୩ ପ୍ରତିଶତ ରହୁଛି। ତେଣୁ ଉପକୂଳ ଓଡିଶାରେ ଅଧିକ ଟେଷ୍ଟିଂ ଉପରେ ଜୋର ଦିଆଯିବ ବୋଲି ସେ କହିଥିଲେ ।

## ୨୭୦ ବେଡ୍ ବିଶିଷ୍ଟ ବୃହତ କୋଭିଡ୍ ....

ସଂକ୍ରମଣକୁ ଦୃଷ୍ଟିରେ ରଖି ଇସ୍ପାତ କମ୍ପାନୀ ଜେଏସପିଏଲ ଦ୍ୱାରା ଏହି କୋଭିଡ୍ କେୟାର ସେଂଟର ପ୍ରତିଷ୍ଠା କରାଯାଇଛି। ଏହି ସେଂଟରରେ ୨୭୦ଟି ଅକ୍ସିଜେନ୍ ସଂଯୁକ୍ତ ବେଡ୍, ଭେଂଟିଲେଟର, ଏଚଡ଼ିୟୁ ଓ ଆନୁଷଙ୍ଗିକ ବ୍ୟବସ୍ଥା ରହିଥିବା ବେଳେ ପୂର୍ବରୁ ଏଠାରେ ୫୦ଟି ବେଡ୍ ଉପଲବ୍ଧ ରହିଛି। ଜେଏସପିଏଲର ଏହି କୋଭିଡ୍ ହସ୍ପିଟାଲରେ ବ୍ୟବସ୍ଥିତ ଥିବା ସର୍ବମୋଟ ୩୨୦ଟି ବେଡ୍ ଅନୁଗୁଳ ଜିଲ୍ଲାର କଣିହାଁ, ତାଳଚେର ଏବଂ ପଡୋଶୀ ଜିଲ୍ଲା ଦେବଗଡ଼ ସମେତ କୋଭିଡ ରୋଗୀଙ୍କୁ ଉତମ ଚିକିତ୍ସା ଯୋଗାଇବାରେ ସହାୟକ ହେବ। ଅନୁଗୁଳ ଜିଲ୍ଲାରେ ସ୍ୱାସ୍ଥ୍ୟ ଭିତିଭୂମିକୁ ମଜବୁତ କରାଯାଉଛି । ପୂର୍ବରୁ ମହାନଦୀ କୋଲ ଫିଲଡ(ଏମସିଏଲ୍) ଓ ନାଲକୋ ଭଳି କର୍ପୋରେଟ ଅନୁଷ୍ଠାନ ସହଯୋଗରେ ତାଳଚେର ଏବଂ ବଳରାମପ୍ରସାଦ ଠାରେ ୧୫୦ଟି ଲେଖାଁଏ ଅକ୍ସିଜେନ୍ ସୁବିଧା ବେଡ୍, ଭେଂଟିଲେଟର ଏବଂ ଅତ୍ୟାଧୁନିକ ମେଡିକାଲ ଉପକରଣ ସହ କୋଭିଡ୍ ହସ୍ପିଟାଲ ପ୍ରତିଷ୍ଠା ହୋଇସାରିଛି। ଅନୁଗୁଳ ଜିଲ୍ଲା ପ୍ରଶାସନ ଦ୍ୱାରା କୋଭିଡ୍ ରୋଗୀଙ୍କ ଚିକିତ୍ସା କରିବା ପାଇଁ ବିଭିନ୍ନ ବ୍ୟବସ୍ଥା ହୋଇଥିବା ବେଳେ ଜେଏସପିଏଲ, ଏମସିଏଲ ଏବଂ ନାଲକୋ ଦ୍ୱାରା ବ୍ୟବସ୍ଥିତ ୬୨୦ଟି ଅକ୍ସିଜେନ ସଂଯୁକ୍ତ କୋଭିଡ୍ ବେଡ୍ ଏବଂ ଆନୁଷଙ୍ଗିକ ମେଡ଼ିକାଲ ବ୍ୟବସ୍ଥା ଅନୁଗୁଳ ଏବଂ ପଡୋଶୀ ଜିଲ୍ଲାର ଲୋକଙ୍କୁ ସୁରକ୍ଷିତ ରଖିବାରେ ସହାୟକ ହେବ । କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ବର୍ତମାନର କରୋନା ମହାମାରୀ ସମୟରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ଭାରତ ସରକାର ଦେଶରେ ସ୍ୱାସ୍ଥ୍ୟ ଭିତିଭୂମିକୁ ମଜବୁତ୍ କରିବା ଦିଗରେ ପ୍ରାଥମିକତା ଦେଉଛନ୍ତି। ପ୍ରଧାନମନ୍ତ୍ରୀ ମୋଦିଙ୍କ ଆହ୍ୱାନ କ୍ରମେ ସମସ୍ତଙ୍କୁ "ଟ୍ରେସିଂ, ଟେଷ୍ଟିଂ ଏବଂ ଟ୍ରିଟ୍‌ମେଂଟକୁ ଗୁରୁତ୍ୱ ଦେବା ସହ ଟିକାକରଣର ଦାୟିତ୍ୱ ନେବାକୁ ପଡ଼ିବ। ଭାରତ ସରକାର ରାଜ୍ୟ ଗୁଡ଼ିକୁ ମାଗଣାରେ ୫୦ ପ୍ରତିଶତ ଟିକା ଯୋଗାଇ ଦେଉଥିବା ବେଳେ ରାଜ୍ୟ ଦ୍ୱାରା ୨୫ ପ୍ରତିଶତ ଏବଂ କର୍ପୋରେଟ୍ ଅନୁଷ୍ଠାନ ଗୁଡିକ ଦ୍ୱାରା ୨୫ ପ୍ରତିଶତ ଟିକା ଯୋଗାଇଦେବାର ବ୍ୟବସ୍ଥା କରାଯାଉଛି।

## ଗୋଟିଏ ଦିନରେ ୮୭୩୫....

ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରେ ସବୁଠାରୁ ଅଧିକ ୧୨୨୨ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୪୫୬ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୫୬୬ ଜଣ, ବରଗଡ଼ରୁ ୧୯୩ ଜଣ, ଭଦ୍ରକରୁ ୧୪୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୪୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବୌଦ୍ଧ ଜିଲ୍ଲାରୁ ୧୩୭ , କଟକରୁ ୬୭୩ ଜଣ, ଦେବଗଡ ଜିଲ୍ଲାରୁ ୬୩ ଜଣ, ଢେଙ୍କାନାଳ ଜିଲ୍ଲାରୁ ୫୦୩ ଜଣ, ଗଜପତି ଜିଲ୍ଲାରୁ ୮୦ , ଗଞ୍ଜାମରୁ ୧୫୬ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୩୮୨ ଜଣ, ଯାଜପୁରରୁ ୫୦୭ ଜଣ, ଝାରସୁଗୁଡ଼ାରୁ ୧୫୭ ଜଣ, କଳାହାଣ୍ଡିରୁ ୧୭୭ ଜଣ, କନ୍ଧମାଳ ଜିଲ୍ଲାରୁ ୬୫ ଜଣ. କେନ୍ଦ୍ରାପଡ଼ାରୁ ୩୮୭ ଜଣ, କେନ୍ଦୁଝରରୁ ୧୭୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୧୨୨୨ ଜଣ, କୋରାପୁଟରୁ ୨୫୫ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୯୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୩୪୨ ଜଣ, ନବରଙ୍ଗପୁରରୁ ୨୬୪ ଜଣ, ନୟାଗଡ଼ରୁ ୨୮୫ ଜଣ, ନୂଆପଡ଼ାରୁ ୪୦ ଜଣ, ପୁରୀରୁ ୪୬୭ ଜଣ, ରାୟଗଡ଼ାରୁ ୯୦ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୧୭୭ ଜଣ, ସୋନପୁରରୁ ୧୫୬ ଜଣ, ସୁନ୍ଦରଗଡ଼ରୁ ୨୪୪ ଜଣ ଓ ଷ୍ଟେଟ୍ ପୁଲରୁ ୨୨୦ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

## ଟିକାର ଗ୍ଲୋବାଲ ଟେଣ୍ଡରକୁ ....

ଟିକା କିଣିପାରିବେ ନାହିଁ । ଓଡିଶା ସରକାର ପକାଇଥିବା ଗ୍ଲୋବାଲ ଟେଣ୍ଡର ପ୍ରତି କିଛି ସୀମିତ କମ୍ପାନୀ ଆଗ୍ରହ ଦେଖାଇଥିଲେ । କିନ୍ତୁ ଆମେରିକାର ଫାଇଜର ଓ ମଡନା ଭଳି କମ୍ପାନୀ ଟେଣ୍ଡରରେ ଭାଗ ନେଇନାହାନ୍ତି । ସ୍ୱାସ୍ଥ୍ୟମନ୍ତ୍ରୀ ତାଙ୍କ ଚିଠିରେ ଲେଖିଛନ୍ତି, 'ଇଣ୍ଡେମନିଟି' ସମ୍ପର୍କିତ ପ୍ରସଙ୍ଗ ପାଇଁ ଏହି କମ୍ପାନୀମାନେ ଆଗ୍ରହ ଦେଖାଉନାହାନ୍ତି । 'ଇଣ୍ଡେମନିଟି' ପ୍ରସଙ୍ଗର ଅର୍ଥ ହେଉଛି ଏହି ଟିକା ଦ୍ୱାରା ଯଦି କିଛି କ୍ଷତି ହୁଏ ତେବେ କମ୍ପାନୀ ଦାୟୀ ରହିବ ନାହିଁ । ଏହି ଗ୍ୟାରେଂଟି ଭାରତ ସରକାର ଦିଅନ୍ତୁ ବୋଲି ସେମାନେ ଚାହୁଁଛନ୍ତି । ତେଣୁ ରାଜ୍ୟମାନଙ୍କୁ ଅଲଗା ଭାବେ ସେମାନେ ଟିକା ବିକ୍ରି କରିବା ପାଇଁ ରାଜି ହେଉନାହାନ୍ତି । ସେହିଭଳି ସିରମ ଇନଷ୍ଟିଚ୍ୟୁଟ ଓ ଭାରତ ବାୟୋଟେକ ପାଖରେ ବର୍ତମାନ ଭ୍ୟାକ୍ସିନ କମ, ହେଲେ ଡିମାଣ୍ଡ ବେଶୀ । ଏଭଳି ପରିସ୍ଥିତିରେ ସେମାନେ ମଧ ଟିକା ବିକ୍ରି ପାଇଁ ଆଗ୍ରହ ନଦେଖାଇବା ସ୍ୱାଭାବିକ କଥା । ଓଡିଶା ସରକାର ପ୍ରଦର୍ଶନ ନିରାପତା, ପେନାଲଟି ଓ ଆଡଭାନସ ପେମେଂଟକୁ ନେଇ କୋହଳ ଆଭିମୁଖ୍ୟ ଦେଖାଇଥିଲେ ମଧ ଏହା ପ୍ରଭାବ ପକାଇପାରିନାହିଁ । ଓଡିଶା ଏ ଯାଏଁ ୬୧ ଲକ୍ଷ ୬ ହଜାର ୪୧୫ ଜଣଙ୍କୁ ଅନ୍ତତଃ ଗୋଟିଏ ଡୋଜ ଟିକା ଦେଇସାରିଛି । ଏପ୍ରିଲ ପ୍ରଥମରୁ ପ୍ରତିଦିନ ୨ ଲକ୍ଷ ଟିକା ଦିଆଯାଇପାରୁଥିଲା । କିନ୍ତୁ ଏବେ ଟିକାର ଅଭାବ ପାଇଁ ପ୍ରତିଦିନ ୬୦ରୁ ୭୦ ହଜାର ଟିକା ଦିଆଯାଇପାରୁଛି । ଦ୍ୱିତୀୟ ଲହର ପୂର୍ବରୁ ଯେମିତି ଆମେ ନିଶ୍ଚିନ୍ତ ହୋଇଗଲୁ ଏବଂ ଟିକା କଥା ଭାବିଲୁ ନାହିଁ ସେମିତି ଆଉ ହେବା ଉଚିତ ନୁହେଁ । ଓଡିଶା ସ୍ୱାସ୍ଥ୍ୟମନ୍ତ୍ରୀ ବି ତାଙ୍କ ଚିଠିରେ ଲେଖିଛନ୍ତି ଏକ ସମ୍ଭାବ୍ୟ ତୃତୀୟ ଲହର ପାଇଁ ଆମକୁ ପ୍ରସ୍ତୁତ ରହିବାକୁ ପଡିବ । ଟିକା ପାଇଁ ଗ୍ଲୋବାଲ ଟେଣ୍ଡର ଡାକିବାକୁ କେନ୍ଦ୍ର ସରକାର କହିବା ପରେ ଦେଶର ଅନେକ ରାଜ୍ୟ ଗ୍ଲୋବାଲ ଟେଣ୍ଡର ଡାକିଥିଲେ । କିନ୍ତୁ କୌଣସି ଗୋଟିଏ ରାଜ୍ୟ ବି ଟିକା ହାସଲ କରିପାରିନାହାନ୍ତି । ଆଶ୍ଚର୍ଯ୍ୟର କଥା ହେଉଛି ଏଭଳି ଏକ ପରିଣାମ ନେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଜାଣିପାରିଲେ ନାହିଁ କେମିତି ?

## ୯୩୪୬ ଜଣ ପିଲାଙ୍କୁ ବେସାହାରା....

ସମସ୍ତ ପିଲାଙ୍କ ମଧ୍ୟରୁ ୧୨୨୪ ଜଣ ସେମାନଙ୍କ ଅଭିଭାବକଙ୍କ ସହ ରହୁଥିବା ବେଳେ ୯୮୫ ଜଣ ସେମାନଙ୍କ ପରିବାର ସଦସ୍ୟଙ୍କ ସହ ଓ ସିଙ୍ଗଲ ପ୍ୟାରେଣ୍ଟଙ୍କ ସହ ୬୬୧୨ ଜଣ ରହୁଛନ୍ତି। ୩୧ ଜଣ ପିଲାଙ୍କୁ ସ୍ପେଶାଲ ଆଡପସନ ଏଜେନ୍ସିକୁ ପଠାଯାଇଛି। ମଧ୍ୟପ୍ରଦେଶରେ ସର୍ବାଧିକ ଅନାଥ ଓ ଏକା ହୋଇଯାଇଥିବା ପିଲା ରହିଛନ୍ତି। ଏଠାରେ ଅନାଥ ପିଲାଙ୍କ ସଂଖ୍ୟା ୩୧୮ ଥିବା ବେଳେ ଏକା ହୋଇ ଯାଇଥିବା ପିଲାଙ୍କ ସଂଖ୍ୟା ୧୦୪ ରହିଛି। ଉତ୍ତର ପ୍ରଦେଶରେ ସର୍ବାଧିକ ୧୮୦୩ ଜଣ ପିଲା ସେମାନଙ୍କ ବାପା ମା'ଙ୍କ ମଧ୍ୟରୁ ଜଣଙ୍କୁ ହରାଇଛନ୍ତି। ବିହାରରେ ୨୯୨ ଜଣ ଅନାଥ ହୋଇ ଯାଇଥିବା ବେଳେ ୧୦୩୫ ଜଣ ସିଙ୍ଗଲ ପ୍ୟାରେଣ୍ଟ ଘରେ ରହୁଛନ୍ତି। ବେସାହାରା ହୋଇଥିବା ପିଲାଙ୍କ ବୟସ ବିଷୟରେ ମଧ ସତ୍ୟପାଠରେ କୁହାଯାଇଛି। ୪ରୁ ୭ ବର୍ଷ ମଧ୍ୟରେ ୧୫୧୫ ଜଣ ପିଲା ଥିବା ବେଳେ ୮ରୁ ୧୩ ବର୍ଷରେ ୩୭୧୧, ୧୪ରୁ ୧୫ ବର୍ଷ ମଧ୍ୟରେ ୧୬୨୦ ଓ ୧୬ରୁ ୧୭ ବର୍ଷ ମଧ୍ୟରେ ୧୭୧୨ ଜଣ ପିଲା ରହିଛନ୍ତି।

## ଆସନ୍ତା ୨୪ ଘଣ୍ଟା ମଧ୍ୟରେ....

ମୁତାବକ ଆଜି (୧ ଜୁନ୍, ମଙ୍ଗଳବାର) ଅପରାହ୍ନ ୧ଟା ୩୦ଘଣ୍ଟା ମଧ୍ୟରୁ ଆସନ୍ତାକାଲି (୨ ଜୁନ୍, ବୁଧବାର) ସକାଳ ୮ଟା୩୦ ଘଣ୍ଟା ମଧ୍ୟରେ ରାଜ୍ୟର ନବରଙ୍ଗପୁର, କଳାହାଣ୍ଡି, ରାୟଗଡା, କନ୍ଧମାଳ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ସେହିପରି ଏହି ସମୟ ମଧ୍ୟରେ ସୋନପୁର, ବୌଦ୍ଧ, ନୂଆପଡା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡା, କୋରାପୁଟ, ମାଲକାନଗିରି, ଗଜପତି, ଗଞ୍ଜାମ, ନୟାଗଡ଼, ସୁନ୍ଦରଗଡ, ବରଗଡ, ଝାରସୁଗୁଡ଼ା, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବଜ୍ରପାତ ହେବାର ସମ୍ଭାବନା ରହିଛ ବୋଲି ଜାରି ସତର୍କ ସୂଚନାରେ କୁହାଯାଇଛି ।

## ଜିମ୍‌ରୁ ଝୁଲନ୍ତା ମୃତଦେହ ....

ଜଣାପଡ଼ି ନଥିଲେ ହେଁ ରଂଜିତଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ପୋଲିସ ମୃତଦେହ ଉଦ୍ଧାର କରି ଘଟଣାର ତଦନ୍ତ ଆରମ୍ଭ କରିଛି।

ବାଲେଶ୍ୱର ବୁଧବାର, ୦୨ ଜୁନ୍, ୨୦୨୧

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

# ବାତ୍ୟା ପରିଚାଳନା ନେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଲା କଂଗ୍ରେସ

ଭୁବନେଶ୍ୱର,୦୧/୦୬ (ନି.ପ୍ର): ଯାସ ବାତ୍ୟାର ପୂର୍ବାନୁମାନ ପ୍ରାୟ ମେ ମାସ ୨୦ ତାରିଖ ରୁ ଜଣା ପଡ଼ିଥିଲେ ବି ରାଜ୍ୟ ସରକାରଙ୍କ ଖାମଖିଆଲି ମନୋଭାବ ଓ ପ୍ରାକ୍ ପ୍ରସ୍ତୁତିରେ ବ୍ୟାପକ ଅବହେଳା ଯୋଗୁଁ ଲକ୍ଷ ଲକ୍ଷ ଲୋକ ଆଜି ଗୁରୁତର ସମସ୍ୟାର ସମ୍ମୁଖିନ ହୋଇଛନ୍ତି। ଉଭୟ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀ ମହାଶୟ ଆକାଶମାର୍ଗରୁ ଯାସ କ୍ଷତିଗ୍ରସ୍ତ ଜିଲ୍ଲା ପରିଦର୍ଶନ କରିଥିଲେ ବି କ୍ଷତିଗ୍ରସ୍ତ ଲୋକଙ୍କ ନିକଟରେ ସରକାର ପଂହଚି ନ ପାରିବା ଅତ୍ୟନ୍ତ ଦୁଃଖଦାୟକ ଘଟଣା ବୋଲି ପିସିସି କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝୀ କହିଛନ୍ତି। ପିସିସି 'ଯାସ' ଟାସ୍କ ଫୋର୍ସ କମିଟି ଭଦ୍ରକ, ବାଲେଶ୍ୱର ଜିଲ୍ଲାର ଯାସ କ୍ଷତିଗ୍ରସ୍ତ ଅଂଚଳ ଗସ୍ତକରିବା ପରେ ଏକ ସାମ୍ବାଦିକ ସମ୍ମିଳନୀରେ ସେ ଏହା କହିଛନ୍ତି। ସେ କହିଛନ୍ତି ଯେ ଦୁଇ ଜିଲ୍ଲାର ହଜାର ହଜାର ହେକ୍ଟର ଜମିରେ ଲୁଣାପାଣି ପ୍ରବେଶ କରି ଲୋକମାନଙ୍କର ମୀନ, ପାନ ଓ ଧାନକ୍ଷେତକୁ ସଂପୂର୍ଣ୍ଣ ନଷ୍ଟ କରିଦେଇଥିବା ବେଳେ ରାଜ୍ୟ ସରକାର ମାତ୍ର ୧୫୧ ହେକ୍ଟର ଲୁଣା ପାଣିରେ ଚାଷଜମି କ୍ଷତିଗ୍ରସ୍ତ ହୋଇଥିବା ତଥ୍ୟ କେନ୍ଦ୍ରକୁ ପ୍ରଦାନ କରିଛନ୍ତି। ପ୍ରାୟ ୫୦୦ ରୁ ୭୦୦ କୋଟି ଟଙ୍କାର ଚିଙ୍ଗୁଡ଼ି ଚାଷୀମାନେ କ୍ଷତିଗସ୍ତ ହୋଇଥିବା ବେଳେ ଧାନ, ପନିପରିବା ଓ ପାନଚାଷୀଙ୍କର ପ୍ରାୟ ୧୦୦ କୋଟି ଟଙ୍କା ପ୍ରାୟ କ୍ଷତି ହୋଇଥିବା ରାଜ୍ୟ କଂଗ୍ରେସ ଟାସ୍କଫୋର୍ସ କମିଟି ଆକଳନ କରିଛି। କ୍ଷତିଗ୍ରସ୍ତ ସମସ୍ତ ଚାଷୀଙ୍କ ଲାଗି ରାଜ୍ୟ ସରକାର ଅବିଳମ୍ବେ ଏକ ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରିବାକୁ ଶ୍ରୀ ମାଝୀ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।ସେହିପରି ବାତ୍ୟା ପୂର୍ବରୁ ୬ ଲକ୍ଷ ଲୋକଙ୍କୁ ସ୍ଥାନାନ୍ତରିତ କରିଥିବା ସରକାର ମିଛ କହିଛନ୍ତି। ପାଣି ଘେରରେଥିବା ୧୨୮ଟି ଗ୍ରାମର ଲୋକଙ୍କୁ ୭ଦିନ ବଦଳରେ ୧୫ ଦିନ ପାଇଁ ରିଲିଫ୍ ଯୋଗାଇ ଦେବାକୁ ଶ୍ରୀ ମାଝୀ ଦୃଢ଼ ଦାବୀ କରିଛନ୍ତି। ବିଭିନ୍ନ ଏଜେନ୍ସି ଠାରୁ ସରକାର ପ୍ରଂଶସା ପତ୍ର ନ ସାଉଁଟି ଗ୍ରାଉଣ୍ଡ ଜିରୋରୁ ଲୋକଙ୍କ ସମସ୍ୟାର ସମାଧାନ କରିବା ଲାଗି ଯତ୍ନଶୀଳ ହେବାକୁ ଶ୍ରୀ ମାଝୀ ପରାମର୍ଶ ଦେଇଛନ୍ତି। ଏ ସଂକଟ ସମୟରେ ହୀନ ରାଜନୈତିକ ଚିନ୍ତାଧାରାରୁ ନିବୃତ ରହି ଦଳ, ମତ ଓ ନିର୍ବିଶେଷରେ ମାନବିକତା ଆଧାରରେ ଲୋକଙ୍କ ପାଇଁ କାମ କରିବା ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ମହାଶୟ ସର୍ବଦଳୀୟ ବୈଠକ ଡାକି ସମସ୍ତଙ୍କର ସହଯୋଗ ଲୋଡ଼ିବାକୁ ଶ୍ରୀ ମାଝୀ ପରାମର୍ଶ ଦେଇଛନ୍ତି।

## ସାପ୍ତାହିକ ହାଟକୁ ୨ ଦିନ କରିବାଲାଗି ଜଳେଶ୍ୱର ବିକାଶ ପରିଷଦର ଜିଲାପାଳଙ୍କୁ ଦାବି

ଜଳେଶ୍ୱର,୧/୬ (ନି.ପ୍ର): ବାଲେଶ୍ୱର ଜିଲାର ଉପାନ୍ତ ଜଳେଶ୍ୱର ସାପ୍ତାହିକ ହାଟ ଉପରେ ବହୁ ଲୋକ ନିର୍ଭର କରୁଥିବାରୁ ଅତ୍ୟଧିକ ଜନଗହଳୀ ହେଉଛି । ଏହା ଉତ୍ତର ବାଲେଶ୍ୱରର ସର୍ବବୃହତ ହାଟ ହୋଇଥିବାରୁ ଲୋକମାନେ କୋଭିଡ୍ କଟକଣାକୁ ମାନୁନଥିବା ଦେଖିବାକୁ ମିଳୁଛି। ତେଣୁ ଏହି ହାଟକୁ ସପ୍ତାହରେ ୧ ଦିନ ପରିବର୍ତ୍ତେ ୨ ଦିନ କରିବାକୁ ଜଳେଶ୍ୱର ବିକାଶ ପରିଷଦ ପକ୍ଷରୁ ଜିଲ୍ଲାପାଳ, ଉପଜିଲ୍ଲାପାଳ, ନିୟନ୍ତ୍ରିତ ବଜାର କମିଟି ଓ ମ୍ୟୁନିସିପାଲଟିର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

## ନଗର ବିଜେପି ପକ୍ଷରୁ 'ସେବା ହିଁ ସଂଗଠନ' ଅଭିଯାନ

ବାଲେଶ୍ୱର,୦୧/୦୬ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱିତୀୟ ପାଳିର ଦ୍ୱିବର୍ଷ ପୂର୍ତ୍ତି ଅବସରରେ ବାଲେଶ୍ୱର ନଗର ବିଜେପି ପକ୍ଷରୁ ଆରମ୍ଭ ହୋଇଛି 'ସେବା ହିଁ ସଂଗଠନ' ଅଭିଯାନ। ଏନେଇ ବିଜେପି ନଗର ସଭାପତି ଚିତ୍ତରଂଜନ ପଣ୍ଡାଙ୍କ ନେତୃତ୍ୱରେ ସମାଜର ଅବହେଳିତ ଲୋକଙ୍କୁ ବିଭିନ୍ନ ପ୍ରକାରର ସେବା ପ୍ରଦାନ କରାଯାଉଛି। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ପୌରପାଳିକା ଅନ୍ତର୍ଗତ ୧୯ ଓ ୨୦ ନମ୍ବର ୱାର୍ଡ଼ ତେଲେଙ୍ଗାସାହି ଓ ଭାସ୍କରଗଞ୍ଜ ଅଞ୍ଚଳର ବାତ୍ୟା ପୀଡ଼ିତ ଗରିବ ଲୋକଙ୍କୁ ଶୁଖିଲାଖାଦ୍ୟ, ସାନିଟାଇଜର, ମାସ୍କ ପ୍ରଭୃତି ପ୍ରଦାନ କରାଯାଇଛି। ମହାମାରୀ କୋଭିଡ ପାଇଁ ଜାରି ରହିଥିବା ଲକଡାଉନ ଓ ସଟଡାଉନରେ ଲୋକେ ଜୀବିକା ହରାଇ ଘରେ ରହିଥିବା ବେଳେ ବାତ୍ୟାର ପ୍ରକୋପ ସେମାନଙ୍କ ଉପରେ ବୋଝ ଉପରେ ନଳିତା ବିଡ଼ା ସଦୃଶ ହୋଇଛି। ଏଭଳି ସ୍ଥିତିରେ ସେମାନଙ୍କୁ କିଛିଟା ସହାୟତା କରି ବିଜେପି କର୍ମକର୍ତ୍ତାମାନେ ଆତ୍ମସନ୍ତୋଷ ପାଉଛନ୍ତି ବୋଲି ନଗର ସଭାପତି ଶ୍ରୀ ପଣ୍ଡା ସୂଚନା ଦେଇଛନ୍ତି। ଆଗାମୀ ଦିନରେ ଏହି ଅଭିଯାନ ସହରର ଅନ୍ୟାନ୍ୟ ଅଞ୍ଚଳରେ ବି ଜରି ରହିବ ବୋଲି ସେ କହିଛନ୍ତି। ବିଜେପି ଯୁବମୋର୍ଚ୍ଚା ନଗର ସଭାପତି ଦେବବ୍ରତ ମିଶ୍ର, ମହିଳା ମୋର୍ଚ୍ଚା ସଭାନେତ୍ରୀ ସୁସ୍ମିତା ପଣ୍ଡା, ସୁଜାତାରାଣୀ ସିଂହ, ବିଜୟଭାରତୀ ମିଶ୍ର ପ୍ରମୁଖଙ୍କ ସମେତ ବହୁ ବିଜେପି ସଦସ୍ୟ ଏହି ବଣ୍ଟନ କାର୍ଯ୍ୟରେ ସକ୍ରିୟ ସହଯୋଗ କରିଥିଲେ।

## କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୨୭ ଗିରଫ

ଭୁବନେଶ୍ୱର,୦୧/୦୬ (ନି.ପ୍ର): ରାଜ୍ୟରେ କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୨୭ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୨୮୫ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୨୦,୪୭,୦୫୦ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି।

# ଦିନକରେ ୫୬୬ କରୋନା ସଂକ୍ରମିତ ଓ ସୁସ୍ଥ ହେଲେ ୩୨୮

ବାଲେଶ୍ୱର,୦୧/୦୬ (ନି.ପ୍ର): ବାତ୍ୟା ପରେ ପରେ ବାଲେଶ୍ୱରର କରୋନା ସ୍ଥିତି କ୍ରମଶ ଜଟିଳ ହେବାରେ ଲାଗିଛି। ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ରିପୋର୍ଟ ଅନୁସାରେ ଗତ ୨୪ ଘଣ୍ଟା ମଧ୍ୟରେ ଜିଲାରେ୫୬୬ ଜଣ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଚିହ୍ନଟ ହୋଇଥିବା ସଂକ୍ରମିତଙ୍କ ମଧ୍ୟରେ ସହରର ଅଙ୍ଗାରଗଡ଼ିଆରୁ ୬ଜଣ, ଫାୟାର ଷ୍ଟେସନରୁ ୪, ଗୋପାଳଗାଁରୁ ୪, ସୁନହଟରୁ ୪, ଭାସ୍କରଗଞ୍ଜରୁ ୩, ନେଳିଆବାଗରୁ ୩, ସହଦେବଖୁଣ୍ଟାରୁ ୩, ବାରବାଟୀରୁ ୨, ମାଣିଖମ୍ବରୁ ୨, କରଞ୍ଜିଆରୁ ୨, ପୁରୁଣାବାଲେଶ୍ୱରରୁ ୨ଜଣଙ୍କ ସମେତ ଦାମୋଦରପୁର, ହେମକାପଦା, ଜେଲରୋଡ୍, ମାକଲପୁର, ମାନସିଂବଜାର, ମୋତିଗଞ୍ଜ, ନୂରପୁରରୋଡ୍, ପଞ୍ଜିବାଗ ପ୍ରଭୃତି ଅଂଚଳରୁ ଜଣେ ଲେଖାଏଁ ରହିଛନ୍ତି। ଦିନକରେ ବାଲେଶ୍ୱର ପୌରାଞ୍ଚଳରେ ମୋଟ ୪୩ ଜଣ ଚିହ୍ନଟ ହୋଇଛନ୍ତି। ସେହିଭଳି ସଦର ବ୍ଲକରୁ ୭୩ ଜଣ, ରେମୁଣାରୁ ୧୧୦, ବାହାନଗାରୁ ୧୧, ବାଲିଆପାଳରୁ ୪୪ଜଣ, ବସ୍ତାରୁ ୫, ଭୋଗରାଇରୁ ୧୨, ଜଳେଶ୍ୱରରୁ ୭୫, ଖଇରାରୁ ୬୫, ନୀଳଗିରରୁ ୨୭, ଔପଦାରୁ ୯, ସିମୁଳିଆରୁ ୨୬ ଜଣ ଓ ସୋର ବ୍ଲକରୁ ୬୧ ଜଣ ନୂଆ ସଂକ୍ରମିତ ଭାବେ ଚିହ୍ନଟ ହୋଇଛନ୍ତି। ଅଦ୍ୟାବଧି ଜିଲାରେ ମୋଟ ୨୫,୦୨୮ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଦିନକରେ ୩୨୮ ଜଣ ସୁସ୍ଥ ହୋଇଛନ୍ତି। ଏବେ ସୁଦ୍ଧା ଜିଲାରେ ୨୧,୪୩୨ ଜଣ ସୁସ୍ଥ ହୋଇଛନ୍ତି। ଏବେ ଜିଲାରେ ସକ୍ରିୟ ଥିବା ୩,୪୮୬ ଜଣ ସଂକ୍ରମିତଙ୍କ ମଧ୍ୟରୁ ୩,୧୭୨ ଜଣ ଗୃହ ସଙ୍ଗରୋଧରେ ଏବଂ ୩୧୪ ଜଣ ଦୁଇଗୋଟି କୋଭିଡ ଡାକ୍ତରଖାନା ଓ ୩ ଗୋଟି କୋଭିଡ ଯତ୍ନ କେନ୍ଦ୍ରରେ ରହି ଚିକିତ୍ସିତ ହେଉଛନ୍ତି। ତେବେ ଅଦ୍ୟାବଧି ୧୧୦ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ହୋଇଥିବା ସରକାରୀ ସୂତ୍ରରୁ ଜଣାପଡ଼ିଛି। ଅନ୍ୟପକ୍ଷରେ ସଂକ୍ରମଣ ରୋକିବାକୁ ଟିକାକରଣ ଅପରିହାର୍ଯ୍ୟ ହୋଇପଡ଼ିଥିବା ବେଳ ଗତକାଲିଠାରୁ ଜିଲାରେ ଆରମ୍ଭ ହୋଇଛି ୩ଦିନିଆ ସାମୂହିକ ଟିକାକରଣ କାର୍ଯ୍ୟକ୍ରମ। ଆଜି ଦିନକରେ ୭୦ କେନ୍ଦ୍ରରେ ମୋଟ୧୧,୬୩୨ଜଣଙ୍କୁ ଟିକା ଦିଆଯାଇଥିବା ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି।

# ଜିଲ୍ଲାପାଳଙ୍କ କୋଭିଡ଼ ହସ୍‌ପିଟାଲ ପରିଦର୍ଶନ



ଭଦ୍ରକ,୦୧/୦୬ (ନି.ପ୍ର): ଜିଲ୍ଲାପାଳ ଡ. ଜ୍ଞାନ ଦାସ ଆଜି ଭଦ୍ରକ ମେଡିକାଲ ପରିସରସ୍ଥ କୋଭିଡ଼ ୱାର୍ଡ, ଓଡଙ୍ଗ କୋଭିଡ଼ କେୟାର ସେଣ୍ଟର ପରିଦର୍ଶନ କରିଛନ୍ତି। କରୋନା ଆକ୍ରାନ୍ତଙ୍କ ଚିକିତ୍ସା, ସେମାନଙ୍କୁ ପ୍ରଦାନ କରାଯାଉଥିବା ଖାଦ୍ୟର ଗୁଣବତ୍ତା ଆଦି ସମ୍ପର୍କରେ ପଚାରି ବୁଝିଥିଲେ। ଜିଲ୍ଲାପାଳ ଓଡ଼ଙ୍ଗ ଠାରେ ସ୍ଥାନୀୟ ସରପଞ୍ଚ, ବନ୍ତ ବିଡିଓଙ୍କ ସହିତ କରୋନା ସଂକ୍ରମଣ ସଂକ୍ରାନ୍ତରେ ପଚାରି ବୁଝିଥିଲେ। ଆଶାକର୍ମୀମାନେ ଘରକୁ ଘର ବୁଲି ଉପଯୁକ୍ତ ସର୍ବେକ୍ଷଣ କରୁଛନ୍ତି କି ନା ସେ ସମ୍ପର୍କରେ ପଚାରି ବୁଝିଥିଲେ। ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର କୋଭିଡ଼ ୱାର୍ଡ ପରିଦର୍ଶନ କରିଥିଲେ। ସେଠାରେ ଆକ୍ରାନ୍ତଙ୍କ ଚିକିତ୍ସା ସମ୍ପର୍କରେ ପଚାରି ବୁଝିବା ସହ ଆକ୍ରାନ୍ତଙ୍କ ନିମନ୍ତେ ହେଉଥିବା ରୋଷେଇ ସ୍ଥଳକୁ ଯାଇ ଖାଦ୍ୟ ପ୍ରସ୍ତୁତି ଦେଖିଥିଲେ। ଜିଲ୍ଲାପାଳଙ୍କ ପରିଦର୍ଶନ ସମୟରେ ଜିଲ୍ଲା ଜିଲ୍ଲା ମୁଖ୍ୟ ଚିକିତ୍ସାଧୀକାରୀ ଡାକ୍ତର ସନ୍ତୋଷ ପାତ୍ର, ଅତିରିକ୍ତ ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଶିବାଶିଷ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

## କବି ଜୟନ୍ତ ମହାପାତ୍ରଙ୍କ ଆଶୁ ଆରୋଗ୍ୟ କାମନା କଲେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୦୧/୦୬ (ନି.ପ୍ର): ବିଶିଷ୍ଟ କବି ଜୟନ୍ତ ମହାପାତ୍ର କରୋନାରେ ସଂକ୍ରମିତ ହୋଇ ଏସ୍‌ସିବି କୋଭିଡ୍ ହସ୍ପିଟାଲ୍‌ର ଆଇସିୟୁରେ ଚିକିତ୍ସିତ ହେଉଥିବା ବେଳେ ରାଜ୍ୟର ରାଜ୍ୟପାଳ ଗଣେଶୀ ଲାଲ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟ୍ୱିଟ କରି ପଦ୍ମଶ୍ରୀ ଜୟନ୍ତ ମହାପାତ୍ରଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ ଭଗବାନଙ୍କ ନିକଟରେ ପ୍ରାର୍ଥନା କରି ଶ୍ରୀ ମହାପାତ୍ରଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

# ଜଳ ଓ ଭୂ ସମ୍ପଦର ସମନ୍ୱିତ ପରିଚାଳନା ନିମନ୍ତେ ଉତ୍ସର୍ଗୀକୃତ ପ୍ରମୁଖ ତାଲିମ ଓ ଗବେଷଣା ପ୍ରତିଷ୍ଠାନ ୱାଲ୍‌ମୀର ୪୧ ତମ ପରିଚାଳନା ପରିଷଦ ବୈଠକ ଅନୁଷ୍ଠିତ

ଭୁବନେଶ୍ୱର,୦୧/୦୬ (ନି.ପ୍ର): ଭୁବନେଶ୍ୱର-କଟକ ରାସ୍ତାରେ ପ୍ରତାପ ନଗରୀସ୍ଥିତ ଜଳ ଓ ଓ ଭୂ ସମ୍ପଦର ସମନ୍ୱିତ ପରିଚାଳନା ନିମନ୍ତେ ଉତ୍ସର୍ଗୀକୃତ ପ୍ରମୁଖ ତାଲିମଓ ଗବେଷଣା ପ୍ରତିଷ୍ଠାନ(ୱାଲ୍‌ମୀ)ର ୪୧ ତମ ପରିଚାଳନା ପରିଷଦ ବୈଠକ (ଗଭର୍ଣ୍ଣିଂ କାଉନ୍‌ସିଲ୍ ମିଟିଂ) ସୋମବାର ଦିନ ଭର୍ଚୁଆଲ ବ୍ୟବସ୍ଥାରେ ଅନୁଷ୍ଠିତ ହୋଇଯାଇଛି। ୱାଲ୍‌ମୀର ସଭାପତି ରାଜ୍ୟ ଜଳ ସଂପଦ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ୱାଲ୍‌ମୀର ନିର୍ଦ୍ଦେଶକ ଇଂ. ବିଶ୍ୱମୋହନ ଆଚାର୍ଯ୍ୟଙ୍କ ସମେତ ପରିଚାଳନା ପରିଷଦର ୧୫ ଜଣ ସଭ୍ୟସଭ୍ୟା ଯୋଗ ଦେଇଥିଲେ। ୱାଲ୍‌ମୀରେ କାର୍ଯ୍ୟରତ ୧୫୩ ଜଣ କର୍ମଚାରୀଙ୍କର ବହୁ ପ୍ରତୀକ୍ଷିତ ୭ମ ବେତନ କମିଶନ ସୁପାରିଶ ଅନୁସାରେ ବେତନ ପ୍ରଦାନ ନେଇ ରହିଥିବା ପ୍ରସ୍ତାବକୁ ପରିଚାଳନା ପରିଷଦ ବୈଠକରେ ସର୍ବସମ୍ମତି କ୍ରମେ ଗୃହୀତ ହୋଇଛି ଓ ପରବର୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନିଷ୍ପତି ନିଆଯାଇଛି। ଏଥି ସହିତ ପ୍ରତିଷ୍ଠାନରେ କାର୍ଯ୍ୟରତ ପରିସଂଖ୍ୟାନ ସହାୟକ(ଷ୍ଟାଟିଷ୍ଟିକାଲ ଆସିଷ୍ଟାଣ୍ଟ) ପଦବୀର ନାମକରଣକୁ ରାଜ୍ୟ ସରକାରଙ୍କ ଯୋଜନା ଓ ସଂଯୋଜନା ବିଭାଗ ବିଜ୍ଞପ୍ତି ସଂଖ୍ୟା ୫୮ ତା-୦୩.୦୧.୨୦୧୮ ଅନୁସାରେ ପରିବର୍ତନ କରାଯାଇ ସହକାରୀ ପରିସଂଖ୍ୟାନ ଅଧିକାରୀ(ଆସିଷ୍ଟାଣ୍ଟ ଷ୍ଟାଟିଷ୍ଟିକାଲ ଅଫିସର) କରାଯାଇଛି। ବୈଠକରେ ପୂର୍ବରୁ ଅନୁଷ୍ଠିତ ପରିଷଦ ବୈଠକର ନିଷ୍ପତିର କାର୍ଯ୍ୟାନୁଷ୍ଠାନ, ୱାଲ୍‌ମୀରେ ତାଲିମ ପ୍ରଦାନରେ ସଫଳତା, ୨୦୨୧-୨୨ରେ ଏହି ପ୍ରତିଷ୍ଠାନରେ କାର୍ଯ୍ୟକ୍ରମ ଯୋଜନା, ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ଉପଯୋଗ ଆଦି ବ୍ୟବସ୍ଥା ନେଇ ଆଲୋଚନା କରାଯାଇଥିଲା। ପ୍ରକାଶ ଥାଉକି, ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଗର୍ଗ ଗତ ନଭେମ୍ବର ମାସ ୨୭ ତାରିଖରେ ୱାଲ୍‌ମୀରେ ଭର୍ଚୁଆଲ ବ୍ୟବସ୍ଥାରେ ପ୍ରଶିକ୍ଷଣ ବ୍ୟବସ୍ଥାର ଶୁଭାରମ୍ଭ କରିବାକୁ ଏହି ପ୍ରତିଷ୍ଠାନକୁ ଗସ୍ତ ଅବସରରେ ଏଠାରେ କାର୍ଯ୍ୟରତ ଅଧିକାରୀ ଓ କର୍ମଚାରୀମାନଙ୍କ ଦକ୍ଷତା ବୃଦ୍ଧି, ତାଲିମ ଓ ଗବେଷଣା କ୍ଷେତ୍ରରେ ଏହାକୁ ଉତ୍କର୍ଷ କେନ୍ଦ୍ର (ସେଣ୍ଟର ଅଫ୍ ଏକ୍ସଲେନ୍ସ) ରେ ପ୍ରତିଷ୍ଠିତ କରିବା ପାଇଁ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଥିଲେ। ତଦନୁସାରେ ୱାଲ୍‌ମୀରେ ଭିତିଭୂମିରେ ଉନ୍ନତି, ସବୁ ପ୍ରକୋଷ୍ଠରେ କମ୍ପ୍ୟୁଟରୀକରଣ ବ୍ୟବସ୍ଥା, ସମସ୍ତ କର୍ମଚାରୀଙ୍କୁ କମ୍ପୁଟର ସୁବିଧା ସହ ହାଇସ୍ପିଡ୍ ଇଣ୍ଟରନେଟ୍ ବ୍ୟବସ୍ଥା ଏବଂ ସିସିଟିଭି ସର୍ବେକ୍ଷଣ ବ୍ୟବସ୍ଥା କରାଯାଇଛି।

# ଏଲପିଜି ବିତରକ ସଂଘ ପକ୍ଷରୁ ଅକ୍ସିମିଟର ସହାୟତା



ବାଲେଶ୍ୱର,୦୧/୦୬ (ନି.ପ୍ର): ସାମ୍ପ୍ରତିକ କୋଭିଡ୍-୧୯ ମହାମାରୀ ବିଭୀଷିକାକୁ ମୁକାବିଲା କରିବା ଦିଗରେ ସରକାରୀ ସ୍ତରରେ ବିଭିନ୍ନ ପ୍ରକାର ପଦକ୍ଷେପ ନିଆଯାଇଥିଲେ ବି ବେସରକାରୀ ଏବଂ ଜନସାଧାରଣଙ୍କ ସାହାଯ୍ୟ ସହଯୋଗ ମଧ୍ୟ ଆବଶ୍ୟକ ହେଉଛି। ସଂକ୍ରମଣ ରୋକିବା ହେଉ କି ସଂକ୍ରମିତଙ୍କ ଚିକିତ୍ସା, ପରୀକ୍ଷଣ ବା ସଚେତନତା ଆଦି ସବୁ ଦିଗରେ ଆମ ସମସ୍ତଙ୍କ ସହଯୋଗ ଆବଶ୍ୟକ। ଏହି ପରିପ୍ରେକ୍ଷୀରେ ବିଭିନ୍ନ ସମୟରେ ବିଭିନ୍ନ ସ୍ଥାନରେ ବିଭିନ୍ନ ଅନୁଷ୍ଠାନ, ବ୍ୟକ୍ତି ଆଦିଙ୍କ ତରଫରୁ ବିଭିନ୍ନ ସହାୟତା ପ୍ରଦାନ ଦୃଷ୍ଟିଗୋଚର ହେଉଛି। ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟ ପରିସରରେ ବାଲେଶ୍ୱର ଏଲପିଜି ବିତରକ ସଂଘ ତରଫରୁ ୧୦୦ଟି ପଲସ ଅକ୍ସିମିଟର ଜିଲ୍ଲା ପ୍ରଶାସନର ସ୍ୱାସ୍ଥ୍ୟ ବିଭାଗକୁ ଦାନ କରାଯାଇଛି। ଜଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଏଥିରେ ଯୋଗ ଦେଇ ଏହାକୁ ଗ୍ରହଣ କରିଥିଲେ। ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡା, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା ଦୁଲାଳସେନ ଜଗଦେବ, ଡିପିଏମ ଅନୀଲ ମହାନ୍ତି ଏବଂ ଏଲପିଜି ବିତରକ ସଂଘ ବାଲେଶ୍ୱରର କର୍ମକର୍ତ୍ତାମାନେ ସେଠାରେ ଉପସ୍ଥିତ ଥିଲେ। ମହାମାରୀର ଏହି ଘଡିସନ୍ଧି ମୁହୂର୍ତ୍ତରେ ଅନ୍ୟ ଅନୁଷ୍ଠାନ ତଥା ବ୍ୟକ୍ତି ବିଶେଷ ପ୍ରଶାସନ ପାଇଁ ଏଭଳି ସାହାଯ୍ୟ ସହଯୋଗର ହାତ ବଢ଼ାନ୍ତୁ ବୋଲି ଜିଲାପାଳ ପ୍ରକାଶ କରିଥିଲେ।

# ରାଜ୍ୟ ପ୍ରାଣୀ ମଙ୍ଗଳ ବୋର୍ଡକୁ ଅଧିକ କ୍ରିୟାଶୀଳ କରାଯିବ : ମନ୍ତ୍ରୀ

ଭୁବନେଶ୍ୱର,୦୧/୦୬ (ନି.ପ୍ର): ପ୍ରାଣୀମାନଙ୍କ ମଙ୍ଗଳ ସାଧନ ଓ ସେମାନଙ୍କ ପ୍ରତି ହେଉଥିବା ନିଷ୍ଠୁର ଆଚରଣରୁ ସୁରକ୍ଷା ପ୍ରଦାନ କରିବା ଦିଗରେ ରାଜ୍ୟ ପ୍ରାଣୀ ମଙ୍ଗଳ ବୋର୍ଡର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ରାଜ୍ୟ ପ୍ରାଣୀ ମଙ୍ଗଳ ବୋର୍ଡକୁ ଅଧିକ କ୍ରିୟାଶୀଳ କରିବା ନିମନ୍ତେ ଏହାକୁ ଅଧିକ ସଶକ୍ତ କରିବା ସହ ଭିତିଭୂମିର ବିକାଶ କରାଯିବ ବୋଲି କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ, ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ କହିଛନ୍ତି। ଆଜି ପୂର୍ବାହ୍ନର ଭର୍ଚୁଆଲ ମାଧ୍ୟମରେ ଆୟୋଜିତ ପୁନର୍ଗଠିତ ରାଜ୍ୟ ପ୍ରାଣୀ ମଙ୍ଗଳ ବୋର୍ଡର ବୈଠକରେ ଅଧକ୍ଷତା କରି ମନ୍ତ୍ରୀ ଡ. ସାହୁ କହିଲେ ଯେ ପ୍ରାଣୀମାନଙ୍କ ଉତ୍ପୀଡ଼ନ ଓ ସେମାନଙ୍କ ପ୍ରତି ନିଷ୍ଠୁର ଆଚରଣ ଅମାନବୀୟ ଓ ବର୍ଜନୀୟ। ପ୍ରାଣୀମାନଙ୍କ ମଙ୍ଗଳ ନିମନ୍ତେ ସରକାରଙ୍କ ପକ୍ଷରୁ ପ୍ରଣୟନ କରାଯାଇଥିବା ବିଭିନ୍ନ ଆଇନର କଡ଼ାକଡ଼ି ଅନୁପାଳନ ଓ ଯୋଜନାଗୁଡ଼ିକର ସଠିକ ରୂପାୟନ ଦିଗରେ ବୋର୍ଡ ପକ୍ଷରୁ ବିଶେଷ ପଦକ୍ଷେପ ଗ୍ରହଣ କରାଯାଉଛି। ପ୍ରାଣୀ ଚିକିତ୍ସା ବ୍ୟବସ୍ଥାକୁ ଅଧିକ ବ୍ୟାପକ କରାଯିବା ସହିତ ପାଟ୍ରୋଲିଂ ଓ ଯାଂଚ ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବ। ଏଥି ସହିତ ବହୁଳ ପ୍ରଚାର ଓ ପ୍ରସାର ଏବଂ ଗଣମାଧ୍ୟମ ଜରିଆରେ ବ୍ୟାପକ ଜନସଚେତନତା ସୃଷ୍ଟି କରାଯିବାର ଆବଶ୍ୟକତା ରହିଛି ବୋଲି ମନ୍ତ୍ରୀ ଡ. ସାହୁ କହିଥିଲେ। ବୈଠକରେ ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀ ଆର୍.ରଘୁପ୍ରସାଦ କହିଲେ ଯେ ପୀଡ଼ିତ ପ୍ରାଣୀମାନଙ୍କୁ ତୁରନ୍ତ ଚିକିତ୍ସା ସେବା ଯୋଗାଇଦେବା ପାଇଁ ହେଲପ୍‌ଲାଇନ୍ ନମ୍ବର ଓ ପ୍ରାଣୀ ଚିକିତ୍ସା ଆମ୍ବୁଲାନ୍ସର ପ୍ରଚଳନର ବ୍ୟବସ୍ଥା କରାଯାଉଛି। ବୈଠକରେ ପ୍ରାଣୀପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶକ ତଥା ରାଜ୍ୟ ପ୍ରାଣୀ ମଙ୍ଗଳ ବୋର୍ଡର ସଦସ୍ୟ ସଚିବ ଶ୍ରୀ ସ୍ମୃତିରଞ୍ଜନ ପ୍ରଧାନ ରାଜ୍ୟ ପ୍ରାଣୀ ମଙ୍ଗଳ ବୋର୍ଡ ପକ୍ଷରୁ ନିଆଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ପ୍ରଦାନ କରି କହିଲେ ପେଟ ସପ୍ ଓ ଡଗ୍ ବ୍ରିଡିଂ ବ୍ୟବସାୟିକ ଅନୁଷ୍ଠାନଗୁଡ଼ିକର ପଂଜୀକରଣ ଓ ରାଜ୍ୟ ପ୍ରାଣୀ ମଙ୍ଗଳ ବୋର୍ଡ ଠାରୁ ସାର୍ଟିଫିକେଟ୍ ହାସଲ ବ୍ୟବସ୍ଥାକୁ କଡ଼ାକଡ଼ି ଅନୁପାଳନ ଦିଗରେ ପଦକ୍ଷେପ ନିଆଯାଇଛି। ବୋର୍ଡ ପକ୍ଷରୁ ପ୍ରାଣୀମାନଙ୍କ ମଙ୍ଗଳ ନିମନ୍ତେ କାର୍ଯ୍ୟ କରୁଥିବା ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକ ସହିତ ସମନ୍ୱୟ ରକ୍ଷା କରାଯିବା ସହିତ ଅଧିକ ସଂଖ୍ୟକ ଅନୁଷ୍ଠାନ ଗଠନ ଦିଗରେ ପ୍ରୋତ୍ସାହିତ କରାଯାଉଛି। ବୈଠକରେ ଯୋଗଦେଇଥିବା ସଦସ୍ୟମାନେ ଜିଲ୍ଲାସ୍ତରରେ ଯାଂଚ ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯିବା ଓ ପ୍ରାଣୀ ମଙ୍ଗଳ ଆଇନ ସଂପର୍କରେ ଅଭିଜ୍ଞ ନିରୀକ୍ଷକ ଓ କର୍ମଚାରୀଙ୍କୁ ଯାଂଚ ବ୍ୟବସ୍ଥାରେ ନିୟୋଜିତ କରାଯିବା ଉପରେ ଗୁରୁତ୍ୱ ଦେଇଥିଲେ। ଏଥିସହିତ ଜିଲ୍ଲାସ୍ତରରେ ଥିବା ସୋସାଇଟି ଫର ପ୍ରିଭେନ୍‌ସନ୍ ଟୁ ଆନିମଲସ୍‌କୁ ଅଧିକ ସୁଦୃଢ଼ କରାଯିବା ସହ ରାଜ୍ୟ ପ୍ରାଣୀ ମଙ୍ଗଳ ବୋର୍ଡରେ ପୂର୍ଣ୍ଣକାଳୀନ ଅଧିକାରୀ ଓ କର୍ମଚାରୀ ନିୟୋଜନ ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ବିଭିନ୍ନ ଗୋଶାଳା ଏବଂ ପ୍ରାଣୀ ମଙ୍ଗଳ ଅନୁଷ୍ଠାନଗୁଡ଼ିକୁ ଦିଆଯାଉଥିବା ଅନୁଦାନର ଅଡିଟ୍ ବ୍ୟବସ୍ଥା ଉପରେ ସଭ୍ୟମାନେ ଗୁରୁତ୍ୱ ଦେଇଥିଲେ। ବୈଠକରେ ଅନ୍ୟ ସଦସ୍ୟମାନଙ୍କ ମଧ୍ୟରେ କୃଷି ଉତ୍ପାଦନ କମିଶନର ଶ୍ରୀ ରାଜ କୁମାର ଶର୍ମା, ମୋରଡ଼ା ବିଧାୟକ ଶ୍ରୀ ରାଜ କିଶୋର ଦାସ, ଓଡ଼ିଶା ଭେଟେରିନାରୀ କାଉନ୍‌ସିଲର ଡ. ବଳରାମ ମିଶ୍ର, ଭାରତୀୟ ଗୋସମ୍ବର୍ଦ୍ଧନା ଓ ଅନୁସନ୍ଧାନ ସଂସ୍ଥାର ଶ୍ରୀ ପ୍ରଫୁଲ୍ଲ ବିଶୋଇ, ଗୁରୁ ଗୋବିନ୍ଦ ଗୋସେବା ଆଶ୍ରମର ଶ୍ରୀ ଗୋପୀନାଥ କରଙ୍କ ସମେତ ଭୁବନେଶ୍ୱର ମହାନଗର ନିଗମର ପ୍ରତିନିଧି ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୬୮.୫ ହଜାର ଡଲାର ଦାନ କଲେ ଆମେରିକାର ଓଡିଆ ଝିଅ

ଭୁବନେଶ୍ୱର,୦୧/୦୬ (ନି.ପ୍ର): ଓଡିଆ ଝିଅ ଜୟଶ୍ରୀ ମହାନ୍ତିଙ୍କ ଦ୍ୱାରା ଆମେରିକାରେ ସ୍ଥାପିତ ଆମ ବିଶ୍ୱାସ ସଂସ୍ଥା ରାଜ୍ୟର କୋଭିଡ୍ ପରିଚାଳନାରେ ନିଜର ସହଯୋଗସ୍ୱରୂପ ୬୮,୫୦୦ ଡଲାର ଅନ୍ ଲାଇନ୍ ଟ୍ରାନ୍ସଫର ମାଧ୍ୟମରେ ଦାନ କରିଛନ୍ତି ବୋଲି ଗୃହ ଓ ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସଂଜୀବ ଚୋପ୍ରା ଜଣାଇଛନ୍ତି। ଭାରତୀୟ ମୁଦ୍ରାରେ ଏହାର ମୂଲ୍ୟ ପ୍ରାୟ ୫୦ ଲକ୍ଷ ଟଙ୍କା ହେବ। ଏହି ଦାନ ପଠାଇ ଶ୍ରୀମତୀ ମହାନ୍ତି କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡିଶାରେ କୋଭିଡ୍ ପରିଚାଳନା ଅନେକ ଉତ୍ତମ ଉଦାହରଣ ସୃଷ୍ଟି କରିଛି। ସମୟୋଚିତ ପଦକ୍ଷେପ ଯୋଗୁ ରାଜ୍ୟରେ କୋଭିଡ୍ ସ୍ଥିତି ନିୟନ୍ତ୍ରଣାଧିନ ଅଛି। ପଶ୍ଚିମ ଓଡିଶା ଓ ବରଗଡ ଜିଲ୍ଲାରେ କୋଭିଡ୍ ଚିକିତ୍ସା ନିମନ୍ତେ ସ୍ୱତନ୍ତ୍ର ହସ୍ପିଟାଲ ପ୍ରତିଷ୍ଠା କରାଯାଇଛି। ଆଗାମୀ ଦିନରେ ଓଡିଶା କୋଭିଡ୍ ସଂଗ୍ରାମରେ ନିଶ୍ଚୟ ବିଜୟୀ ହେବ। ସୂଚନାଯୋଗ୍ୟ ଆମ୍ବର ବିଶ୍ୱାସ ସଂସ୍ଥା ଶ୍ରୀମତୀ ମହାନ୍ତିଙ୍କ ଦ୍ୱାରା ସ୍ଥାପିତ ଓ ପରିଚାଳିତ। ଏହି ସଂସ୍ଥା ୨୦୦୮ ମସିହାରୁ ଓଡିଶାର ବିଭିନ୍ନ ଅଂଚଳରେ ମହିଳା ବିକାଶ ଓ ସଶକ୍ତିକରଣ ନିମନ୍ତେ କାର୍ଯ୍ୟ କରିଆସୁଛି। ଏହି ସହଯୋଗ ପାଇ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ଚୋପ୍ରା ସଂସ୍ଥାର ସମସ୍ତ କର୍ମକର୍ତା ଓ ପ୍ରତିଷ୍ଠାତାଙ୍କୁ ସାଧୁବାଦ ଜ୍ଞାପନ କରିଛନ୍ତି।

# ରାଜ୍ୟ/କେନ୍ଦ୍ରଶାସିତ ଅଂଚଳ ଗୁଡ଼ିକୁ ୨୩ କୋଟି ଡୋଜରୁ ଅଧିକ ଟିକା ଦିଆଯାଇଛି

ନୂଆଦିଲ୍ଲୀ,୦୧/୦୬ (ନି.ପ୍ର): ଦେଶବ୍ୟାପୀ ଟିକାକରଣ ଅଭିଯାନର ଅଂଶସ୍ୱରୂପ ଭାରତ ସରକାର ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳ ଗୁଡ଼ିକୁ ସହାୟତା ଭାବେ ମାଗଣାରେ କୋଭିଡ ଟିକା ଉପଲବ୍ଧ କରାଉଛନ୍ତି। ଏଥିସହ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳ ଗୁଡ଼ିକ ସିଧାସଳଖ ଟିକା ଖରିଦ କରିବା ନେଇ ମଧ ଭାରତ ସରକାର ସୁବିଧା କରାଇଛନ୍ତି। ପରୀକ୍ଷଣ, ଟ୍ରେସିଂ, ଚିକିତ୍ସା ଓ କୋଭିଡ ନିୟମାବଳୀ ପାଳନ ସହ ଟିକାକରଣ ମହାମାରୀ ନିୟନ୍ତ୍ରଣ ଓ ପ୍ରବନ୍ଧନ ପାଇଁ ଭାରତ ସରକାରଙ୍କ ବିସ୍ତୃତ ରଣନୀତିର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ମେ ୧, ୨୦୨୧ରୁ କୋଭିଡ-୧୯ ଟିକାକରଣର ଉଦାର ଓ ତ୍ୱରିତ ପର୍ଯ୍ୟାୟ-୩ ଆରମ୍ଭ ହୋଇଛି। ଏହି ରଣନୀତି ଅନୁଯାୟୀ ପ୍ରତି ମାସରେ ଭାରତ ସରକାର କେନ୍ଦ୍ରୀୟ ଔଷଧ ଗବେଷଣାଗାର (ସିଡିଏଲ) ମଂଜୁରିପ୍ରାପ୍ତ ଯେକୌଣସି ନିର୍ମାତାଙ୍କ ଦ୍ୱାରା ପ୍ରସ୍ତୁତ ଟିକାର ୫୦% କ୍ରୟ କରିବେ। ଭାରତ ସରକାର ପୂର୍ବଭଳି ଏହି ଟିକା ଡୋଜ ଗୁଡ଼ିକୁ ବିନା ମୂଲ୍ୟରେ ରାଜ୍ୟ ସରକାରମାନଙ୍କୁ ଯୋଗାଇ ଦେବେ। ଭାରତ ସରକାର ଉଭୟ ବିନା ମୂଲ୍ୟରେ ଏବଂ ସିଧାସଳଖ ରାଜ୍ୟ ଗୁଡ଼ିକ ଦ୍ୱାରା ଖରିଦ ପ୍ରକ୍ରିୟାରେ ଏ ପର୍ଯ୍ୟନ୍ତ ୨୩ କୋଟି ଡୋଜରୁ ଅଧିକ ଟିକା (୨୩,୧୮,୩୬,୫୧୦) ରାଜ୍ୟ/କେନ୍ଦ୍ରଶାସିତ ଅଂଚଳ ଗୁଡ଼ିକୁ ଉପଲବ୍ଧ କରାଇଛନ୍ତି। ଏଥିରୁ ନଷ୍ଟ ହୋଇଥିବା ଡୋଜକୁ ମିଶାଇ ୨୧,୫୧,୪୮,୬୫୯ ଡୋଜ୍ ଟିକା ବିନିଯୋଗ କରାଯାଇପାରିଛି (ଆଜି ସକାଳ ୮ଟା ସୁଦ୍ଧା ମିଳିଥିବା ତଥ୍ୟ ଅନୁସାରେ)। ରାଜ୍ୟ/କେନ୍ଦ୍ରଶାସିତ ଅଂଚଳ ଗୁଡ଼ିକ ନିକଟରେ ଏବେ ୧.୫୭ କୋଟି ଡୋଜରୁ ଅଧିକ (୧,୫୭,୭୪,୩୩୧) ଟିକା ବିନିଯୋଗ ପାଇଁ ଉପଲବ୍ଧ ରହିଛି।

# ରୋଗୀଙ୍କ ପ୍ରତି ଅବହେଳା ଅଭିଯୋଗ - ମିଥ୍ୟା ଏବଂ ଭିତ୍ତିହୀନ: ଜିଲ୍ଲାପଳ



ବାରିପଦା,୦୧/୦୬ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାପାଳ ଶ୍ରୀ ବିନୀତ ଭରଦ୍ୱାଜ ଅତିରିକ୍ତ ଜିଲ୍ଲାପାଳ, ବାରିପଦା ଆଦିବାସୀ ସମନ୍ୱୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, ମେଡିକାଲ୍ ଅଫିସର ତଥା ଅନ୍ୟ ଅଭିଜ୍ଞ ଡାକ୍ତରଙ୍କ ଟିମ୍ ବାଙ୍କିଷୋଳ ସ୍ଥିତ କୋଭିଡ ହସ୍ପିଟାଲ୍ ପରିଦର୍ଶନ କରି ଚିକିତ୍ସା ପ୍ରୋଟୋକଲ୍, ରୋଗୀଙ୍କୁ ଅମ୍ଳଜାନ ଯୋଗାଇବା, ଖାଦ୍ୟ ବ୍ୟବସ୍ଥା ଉପରେ ସମୀକ୍ଷା କରିଥିଲେ। ଏହା ସହିତ ପରିଚାଳନର ପରିଷ୍କାରତା ଏବଂ ହେଲ୍ପ ଡେସ୍କର କାର୍ଯ୍ୟକାରିତା ତଦାରଖ କରି ଜିଲ୍ଲାପାଳ ଖୋଦ ରୋଗୀଙ୍କ ୱାର୍ଡକୁ ଯାଇ ରୋଗୀଙ୍କ ସହ କଥାବାର୍ତ୍ତା କରିଥିଲେ। ସମସ୍ତ ରୋଗୀ ଡାକ୍ତରଖାନାରେ ଚିକିତ୍ସାରେ ସନ୍ତୁଷ୍ଟ ଥିବା ପ୍ରକାଶ କରିଛନ୍ତି ଜିଲ୍ଲାପାଳ। ଡାକ୍ତର ଏବଂ ନର୍ସଙ୍କ ଦ୍ୱାରା ଜଣେ ରୋଗୀଙ୍କ ପ୍ରତି ଅବହେଳା ସମ୍ପର୍କରେ ସୋସିଆଲ ମିଡିଆରେ କରାଯାଇଥିବା ଅଭିଯୋଗର ଅନୁସନ୍ଧାନ କରାଯାଇ ମିଥ୍ୟା ଏବଂ ଭିତ୍ତିହୀନ ବୋଲି ଜଣାପଡିଛି। ରୋଗୀର ସ୍ନାୟୁଗତ ସମସ୍ୟା ଥିଲା ଏବଂ ମଦ୍ୟପାନ ପ୍ରତ୍ୟାହାର ଲକ୍ଷଣ ଦେଇ ଗତି କରୁଥିଲା। ତାଙ୍କୁ ଅନେକ ଥର ଡାକ୍ତରଖାନା କର୍ମଚାରୀମାନେ ତାଙ୍କ ଶଯ୍ୟାକୁ ନେଇଥିଲେ ଏବଂ ଡାକ୍ତରଖାନାର ଡାକ୍ତର ଏବଂ ନର୍ସମାନେ ତାଙ୍କୁ ଉପଯୁକ୍ତ ଯତ୍ନ ଏବଂ ସହାୟତା ପ୍ରଦାନ ମଧ କରିଥିଲେ। ହସ୍ପିଟାଲର ସମସ୍ତ ଡାକ୍ତର, ନର୍ସ ଏବଂ ପ୍ରଶାସନିକ କର୍ମଚାରୀମାନେ ଦିନରାତି କାର୍ଯ୍ୟ କରୁଛନ୍ତି ଏବଂ ବାଙ୍କିଷୋଳ କୋଭିଡ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ପ୍ରତ୍ୟେକ ରୋଗୀଙ୍କୁ ଗୁଣାତ୍ମକ ଚିକିତ୍ସା ତଥା ଯତ୍ନ ନେବା ପାଇଁ ସେମାନଙ୍କ ଜୀବନ ପ୍ରତି ବିପଦ ରହିଛି। ସେମାନଙ୍କ ଉଦ୍ୟମ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସେମାନଙ୍କୁ କୃତଜ୍ଞତା ଜଣାଉଛୁ। ଏନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ଜଣାଇଛନ୍ତି।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo